ତୃତୀୟ ଭାଗ

# ନରବଳି

ଶ୍ରୀ ଚନ୍ଦ୍ରମଣି ଦାସ

ପ୍ରକାଶକ

ସାରସ୍ୱତ ଭଣ୍ଡାର—କଟକ—୨

ଛାପା ପ୍ରଗତି ପ୍ରେସ,
ଦେଉଳ ସାହି, କଟକ—୧

ଲେଖକଙ୍କଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ

ଚତୁର୍ଥ ମୁଦ୍ରଣ—୧୯୫୬
ମୂଲ୍ୟ—ଦେଢ଼ ଟଙ୍କା

268
ଭୁବନେଶ୍ୱର



ଶ୍ରୀ Pragati Utkal Sangha ଅର୍ପଣ କଲି ।

# ନୂଆ ଉପନ୍ୟାସ

| | | |
|---|---|---|
| ମଲିକ ଝିଅ ଗୌରୀ | .. | ଟ୬୯ |
| ଛାୟା ଓ କାୟା | .. | ଟ୨୯ |
| ପାନ୍ଥ ନିବାସ | ... | ଟ୧୪ |
| ପୂର୍ଣ୍ଣଚ୍ଛେଦ | .. | ଟ୨୯ |
| ଘର ସଂସାର | ... | ଟ୧୪ |
| ମାୟାବୀ ଦସ୍ୟୁ | .. | ଟ୧ଘ |
| ଦୁଇଟି ନଗରୀର କାହାଣୀ | ... | ଟ୧। |
| ରାଧାନାଥର ସ୍ତ୍ରୀ | ... | ଟ୧। |
| କଳଙ୍କିନୀ | ... | ଟ୧। |
| ବିଜୟାର ବିଜୟ | ... | ଟ୧ଘ |
| ଧୂମକେତୁ | ... | ଟ୫୯ |
| ଲାଲ ସର୍ଦ୍ଦାର | ... | ଟ୧୪ |
| ଅନ୍ଧଦେଶକୁ ଚଲ | .. | ଟ୧୪ |

—ପ୍ରାପ୍ତିସ୍ଥାନ—

ସାରସ୍ୱତ ଭଣ୍ଡାର
କଟକ—୨

ପ୍ରଗତି ସାହିତ୍ୟ ମନ୍ଦିର
କଟକ—୧

# ନରବଳି

ଖରା ଦିନ । ତିନିଟା ବାଜିବା ଉପରେ । କଟକ ଜେଲଖାନାର ଜେଲର ରାମହରିବାବୁ ବିଶ୍ରାମ ନେଇସାରି ଜେଲ୍ ଅଫିସକୁ ଯିବାକୁ ପୋଷାକପତ୍ର ପିନ୍ଧୁ ପିନ୍ଧୁ ନିଜ ସ୍ତ୍ରୀ ସହିତ ଏଣୁ ତେଣୁ ଗପସପ ହେଉଛନ୍ତି । ଜଣେ ଚାକର ଆସି ଖବର ଦେଲା—ଆଜ୍ଞା, ଜଣେ କିଏ ବଡବାବୁ ଘୋଡ଼ାଗାଡ଼ିରେ ଆପଣଙ୍କୁ ଦେଖା କରିବାକୁ ଆସିଛନ୍ତି ।

ରାମହରିବାବୁ ବାହାରେ ଦେଖିଲେ ବି ସାଧାସିଧା, ବଡ଼ ଭଦ୍ରଲୋକ । ବୟସ ଅଠଚାଳିଶ ଭିତରେ । ଓଡ଼ିଶାରେ ତାଙ୍କର ଅନେକଦିନ କଟି ଗଲାଣି । ଚାକରଠାରୁ କିଏ ଜଣେ ବାବୁ ସାକ୍ଷାତ କରିବା କଥା ଶୁଣି କହିଲେ--ବାବୁଙ୍କୁ ବସିବାକୁ କହ, ପଙ୍ଖାଟା ଖୋଲି ଦେ, ଦଶ ମିନିଟ ପରେ ମୁଁ ଯାଉଛି ବୋଲି କହ । ସିଗାରେଟ ନେଇ ଦେ ।

ଚୁଙ୍କରଟି ସିଗାରେଟ ପାକେଟଟି ଥଉ ସିଂଆ ଦାଣ୍ଡ ମେଲକୁ ଆସି ଅତି ସମ୍ମାନରେ ଆସିଥିବା ବାବୁଙ୍କୁ ବସାଇ ପଙ୍ଖା ଖୋଲିଦେଇ ସିଗାରେଟ ଦେଲା ଏବଂ ବାବୁ ଦଶମିନଟ ରହିଁ ଆସୁଛନ୍ତି ବୋଲି ଜଣାଇଦେଲା ।

ଦଶମିନଟ ନ ପୂରୁଣୁ ଜେଲରବାବୁ ପୋଷାକପତ୍ର ପିନ୍ଧି ଦାଣ୍ଡ-ମେଲରେ ପହଞ୍ଚିଲାକ୍ଷଣି ଆଗନ୍ତୁକ ଭଦ୍ରଲୋକ ଭଦ୍ରତାରେ ସଡ଼ବଡ଼ ହୋଇ ହସି ହସି ନମସ୍କାର ଜଣାଇଲେ । ଜେଲରବାବୁ ସେହିପରି ପ୍ରତି ନମସ୍କାର ଜଣାଇ ବଡ଼ ଆଦରରେ ଚେୟାରରେ ବସିବାକୁ କହି ବଡ ନରମ ଗଳାରେ ପଚାରିଲେ---ଚିହ୍ନି ନ ପାରିବାରୁ କ୍ଷମା କରିବେ । ଆପଣଙ୍କ ପରିଚୟ—ଆଜ୍ଞା ?

ଆଗନ୍ତୁକ ଭଦ୍ରବ୍ୟକ୍ତି ହସି ହସି ଉତ୍ତର ଦେଲେ—ଆଜ୍ଞା, ମୋ ନାମ ଶିପ୍ରଚରଣ ପଟ୍ଟନାୟକ । ସରକାର ୧୯୩୮ ମସିହାରୁ ଏ ନାଁ ସହିତ ରାଏ ସାହେବ ପଦବୀଟା ବି ଯୋଡ଼ି ଦେଇଛନ୍ତି··· ।

ଜେଲରବାବୁ ରସିକତାରେ ନ ହସି ରହି ପାରିଲେ ନାହିଁ ।

ଆଗନ୍ତୁକ କହି ଚାଲିଲେ--ମୁଁ ବାମଣ୍ଡା ଷ୍ଟେଟର ଶିଳ୍ପ ବିଭାଗର ଡିରେକ୍ଟର ! ସେଠିକା ଜେଲର ବିରାଟ ଶିଳ୍ପ ବିଭାଗ ସେହି ବିଭାଗ ସହିତ ସଂପୃକ୍ତ । ଓଡ଼ିଶା ସରକାରଙ୍କ ସହିତ ଷ୍ଟେଟର ବୈଠକ କରୁଥିବା କାର୍ଯ୍ୟ ନେଇ ସାତଦିନ ହେଲା ସସ୍ତ୍ରୀକ ଏଠିକୁ ଆସିଛୁ । ସବୁ କାମ ପ୍ରାୟ ଶେଷ ହେଲାଣି । ତା'ଛଡା କଟକର ସମସ୍ତ ପ୍ରଧାନ ପ୍ରଧାନ ସ୍ଥାନ ବି ବୁଲି ସରିଲାଣି । ଆମ ଗୃହିଣୀଙ୍କର ସେଠିକା ଜେଲ ମାସକୁ ଛ'ଥର ଦେଖା ହେଉଥିଲେ ବି ସେ ଟିକିଏ ଏ ଜେଲ ଦେଖିବାକୁ ଚାହୁଁଛନ୍ତି । ତା ଛଡ଼ା ଆପଣଙ୍କର ଜେଲରେ ତିଆରି ହେଉଥିବା ଶିଳ୍ପଜାତ ଦ୍ରବ୍ୟ ଇତ୍ୟାଦି ମୋର ବି ଟିକିଏ ଦେଖିବାର ଇଚ୍ଛା ଅଛି । ଆପଣଙ୍କର ଅନୁମତି ପାଇବା ପାଇଁ ସାକ୍ଷାତ କରିବାକୁ ଆସିଥିଲି ।

ଜେଲରବାବୁ ଆନନ୍ଦରେ ହସି ହସି ଉତ୍ତର ଦେଲେ--ବେଶ୍ କଥା । ଆପଣଙ୍କର ଅନୁମତିପତ୍ର ଲୋଡ଼ା ନାହିଁ । ମୁଁ ନିଜେ ସଙ୍ଗରେ ନେଇ ଆପଣମାନଙ୍କୁ ଚାରିଆଡ଼ ବୁଲାଇ ଦେଖାଇବି । ତେବେ ବର୍ତ୍ତମାନ ଟିକିଏ ଅସୁବିଧା । ଏବେବେଳେ ସମସ୍ତଙ୍କୁ ବିଶ୍ରାମ ପାଇଁ ଛୁଟି ଦିଆ ହୁଏ । ଚାରିଟା ବେଳକୁ ଆସିଲେ ଖୁବ୍ ସୁବିଧା ହୁଅନ୍ତା ।

ଆଗନ୍ତୁକ ଭଦ୍ରବ୍ୟକ୍ତି କୃତଜ୍ଞତା ଭଙ୍ଗୀରେ କହିଲେ--ଆପଣଙ୍କର ଭଦ୍ର ବ୍ୟବହାର ପାଇଁ ଅଶେଷ ଧନ୍ୟବାଦ । ଆମର ବି ଷ୍ଟେଟକୁ ଗୋଟାଏ ଜରୁରୀ ଟେଲିଗ୍ରାମ କରିବାପାଇଁ ଗଭର୍ଣ୍ଣମେଣ୍ଟ ଟେଲିଗ୍ରାମ ଅଫିସକୁ ଯିବାକୁ ହେବ, ମୁଁ ଆସୁଛି ଆଜ୍ଞା ?

ଜେଲରବାବୁ ବାରଣ କରି କହିଲେ---ନା ଆଜ୍ଞା, ଆଉ ଦୁଇମିନିଟି ଅପେକ୍ଷା କରନ୍ତୁ । ସରବତ୍ ପାଇଁ ଲୋକ ଯାଇଛି ।

ସରବତ୍ ଖିଆ ସରିଲା ପରେ ଆଗନ୍ତୁକ ଠିଆ ହୋଇ କହିଲେ, ଆପଣଙ୍କର ଆଦର ସମ୍ଭାଷଣ ଜୀବନରେ ଭୁଲିବାର ନୁହେଁ । ଅଳ୍ପ-କାଳିକା ଟୋକାଏ ଏ ଭଦ୍ରତାର ବାହାରେ । ଆଚ୍ଛା, ମୁଁ ଆସେ ।

ସେ ଠିଆ ହେବା ସଙ୍ଗେ ସଙ୍ଗେ ଜେଲରବାବୁ ତାଙ୍କୁ ବିଦାୟ ଦେବାକୁ ବାରଣ୍ଡାଯାଏ ଉଠି ଆସି କହିଲେ---ମୁଁ ଫାଟକ ପହରା-ବାଲାକୁ କହି ଦେଉଛି--ଆପଣ ଆସି ଫାଟକ ପାଖରେ ଖବର ଦେଲେ ମୁଁ ସଙ୍ଗେ ସଙ୍ଗେ ସବୁ ସୁବିଧା କରିଦେବି ।

ଆଗନ୍ତୁକ ଆଚ୍ଛା ଆଚ୍ଛା କହି ନମସ୍କାର ଜଣାଇ ଗାଡ଼ିକୁ ଉଠିଲେ । ଜେଲରବାବୁ ଭିତରକୁ ଚାଲିଗଲେ । ଘୋଡ଼ାଗାଡ଼ି ଆଗକୁ ଚାଲିଲା ।

× × ×

ସାଢ଼େଚାରଟା ସମୟ । ଆଗନ୍ତୁକ ବସ୍ତ୍ରଚରଣବାବୁ ଜେଲ ଆଗରେ ଘୋଡ଼ାଗାଡ଼ି ଅଟକାଇ ଦୁଇଜଣ ସ୍ତ୍ରୀ ଲୋକଙ୍କ ସହିତ ଗାଡ଼ିରୁ ଓହ୍ଲାଇଲେ । କୁଞ୍ଚିଏ ଶାନ୍ତିପୁର ଧୋତିର ଅଗ୍ରଭାଗ ବାମପାଖ ପଞ୍ଜାବୀର ପାକେଟରେ ଖୋସି ହାତବାଡ଼ି ଖଣ୍ଡିକ ହଲାଇ ହଲାଇ ଜେଲ ଫାଟକ ପାଖରେ ପହଞ୍ଚିଲାକ୍ଷଣି, ପହରାବାଲା ସଲାମ ପକାଇ କହିଲା, 'ଜେଲରବାବୁ, ଆପଣ ଆସିଲେ ଖବର ଦେବାକୁ କହି ଯାଇଛନ୍ତି । ଟିକିଏ ଅପେକ୍ଷା କରନ୍ତୁ ଆଜ୍ଞା !

ବସ୍ତ୍ରଚରଣବାବୁ କହିଲେ—ଆଚ୍ଛା, ଏତେ ବ୍ୟସ୍ତ ହେବାର କାରଣ ନାହିଁ । ତମେ ଖବର ଦିଅ ।

ପହରାବାଲା ଅନ୍ୟ ଜଣେ ସିପାହୀଦ୍ୱାରା ଜେଲରବାବୁଙ୍କ ପାଖକୁ ଖବର ପଠାଇ ଦେଲା ।

ବସ୍ତ୍ରଚରଣବାବୁଙ୍କ ସହିତ ଆସିଥିବା ସ୍ତ୍ରୀ ଲୋକ ଦୁଇଜଣଙ୍କ ଭିତରୁ ଜଣେ ସତର ଅଠର ବର୍ଷୀୟା ସୁନ୍ଦରୀ ଆଧୁନିକା ବାଳିକା । ଅନ୍ୟଜଣକ ତିରିଶ ବର୍ଷ ଭିତରେ । ରଙ୍ଗ ସାବନା, ରୂପ ବେଶ ଉଜ୍ଜଳଡ଼ାଉଳ, ସୁନା ଗହଣାରେ ଦେହ ଲଦି ହୋଇଛି ।

ପ୍ରାୟ ପାଞ୍ଚ ଛ'ମିନିଟ ପରେ ସିପାହୀ ଫେରି ଆସି ଲୌହଫାଟକ ଫିଟାଇ ଦେଇ କହିଲା—ଭିତରକୁ ଆସନ୍ତୁ ଆଜ୍ଞା ? ଜେଲରବାବୁ ଆପଣଙ୍କୁ ଅପେକ୍ଷା କରି ରହିଛନ୍ତି ।

ଫାଟକ ଖୋଲିଗଲା ସଙ୍ଗେ ସଙ୍ଗେ ବସ୍ତ୍ରଚରଣବାବୁ ଆଗେ ଆଗେ ଏବଂ ସ୍ତ୍ରୀ ଲୋକ ଦୁଇଟି ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ ।

ବସ୍ତ୍ରଚରଣବାବୁ ଅଫିସ ଦୁଆର ମୁହଁରେ ପହଞ୍ଚିଲାକ୍ଷଣି, ଜେଲରବାବୁ ଚୌକିରୁ ଉଠି ଆସିଲେ । ବସ୍ତ୍ରଚରଣବାବୁ, ଜେଲରବାବୁଙ୍କ

ଦେଖିଲାକ୍ଷଣି ବାଳିକାଟି ଉଦ୍ଦେଶ୍ୟରେ କହିଲେ—ଜେଲରବାବୁଙ୍କୁ ନମସ୍କାର କର କଲ୍ୟାଣୀ। ଜେଲରବାବୁ ଆମ ପାଇଁ ବହୁତ କଷ୍ଟ ସହିଲେଣି।

କଲ୍ୟାଣି, ଜେଲରବାବୁଙ୍କୁ ନମସ୍କାର କଲାକ୍ଷଣି ଜେଲରବାବୁ ହସି ହସି ଆଶୀର୍ବାଦ କଲେ ଏବଂ ବିପ୍ରଚରଣବାବୁଙ୍କୁ ପଚାରିଲେ; ଏ ଆପଣଙ୍କର କନ୍ୟା ପରା ? ବେଶ୍।

ତା'ପରେ ଜେଲରବାବୁ, ବିପ୍ରଚରଣବାବୁଙ୍କ ସହିତ ଗପସପ ହେଉ ହେଉ ଜେଲରେ ଥିବା ଡାକ୍ତରଖାନା, ଶିଳ୍ପ କାରଖାନା, ରାଜନୈତିକ ବନ୍ଦୀ ଓ ସାଧାରଣ କଏଦୀମାନଙ୍କ ରହିବା ଘର ଦେଖାଇ ଦେଖାଇ ଗ୍ଲଲେ। କଲ୍ୟାଣୀ ବି ଜେଲରବାବୁଙ୍କୁ ପଚାରି କେତେ କଥା ବୁଝୁଥାଏ। ଜେଲ ଭିତରେ ଗ୍ଲେର ସବୁ କଏ ସତରଞ୍ଜି ବୁଣି-ବାରେ, କଏ ତେଲଘଣା ପେଲିବା ଇତ୍ୟାଦ କାମରେ ଲାଗି ଯାଇଥାନ୍ତି

ଦେଖି ଦେଖି ଗ୍ଲଲିବା ବାଟରେ ସାଧାରଣ କଏଦୀମାନଙ୍କ କୋଠରୀଗୁଡ଼ିକ ଶେଷ ହେବାକୁ ଆଉ ଅଳ୍ପ କେତୋଟି କୋଠରୀ ଅଛି, କଲ୍ୟାଣୀ ପଚାରିଲା, ଏଇ ଛ' ସାତ ମାସ ତଳେ ସମାଜ'ରେ ଯେଉଁ ଭୀଷଣ ଡକାୟତି ଦଳ ଖଣ୍ଡଗିରି ପାହାଡରୁ ଧରା ପଡ଼ିଲେ ବୋଲି ଆମେ ପଢିଥିଲୁ—ସେମାନେ ସବୁ ଏଇଠି ଅଛନ୍ତି ନା ଅନ୍ୟ କେଉଁ ଜେଲମାନଙ୍କରେ ଅଛନ୍ତି ? ଆମେ ସେ ସମୟରେ ସେହି ଡକାୟତମାନଙ୍କ କୌଶଳ ଏବଂ ଧରାପଡିବା ଖବର ପଢ଼ି ପଢ଼ି ଘରେ ବଡ଼ ଭୟ ପାଉଥିଲୁ।

ଜେଲରବାବୁ ପଛକୁ ଫେରିପଡ଼ି କହିଲେ—ହଁ ମା, ସେମାନେ ସେହିଭଳି ଭୀଷଣ କାଣ୍ଡମାନ କରୁଥିଲେ। ସେମାନେ ଏଇ ଜେଲରେ ଅଛନ୍ତି। ଆଗରେ ଯେଉଁ କୋଠା ଦେଖୁଛ, ସେଇଠି ସମସ୍ତ ବିପଦ-

ଜନକ ବନ୍ଦୀମାନଙ୍କୁ ବଡ଼ ସତର୍କତା ସହିତ ରଖାଯାଏ । ଯେଉଁ ଡକାୟତ ଦଳ କଥା କହୁଛ--ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଯାବତ୍-ଜୀବନ ଦ୍ୱୀପାନ୍ତର ଦଣ୍ଡ ହୋଇଛି, କିନ୍ତୁ ବର୍ତ୍ତମାନ ଯୁଦ୍ଧ ହେତୁ ସେମାନେ ମଧ୍ୟ ଏଇଠି ରହୁଛନ୍ତି ।

କଥା କହୁ କହୁ ଜେଲରବାବୁ ସେହି କୋଠରୀ ଗୁଡ଼ିକର ବାରଣ୍ଡା ତଳ ରାସ୍ତା ଦେଇ ଚାଲିବାକୁ ଲାଗିଲେ । ତାଙ୍କ ପଛେ ପଛେ ଅନ୍ୟମାନେ । ଜେଲରବାବୁଙ୍କୁ ଦେଖି ସେହି କୋଠରୀଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଜଗି ରହିଥିବା ସଙ୍ଗିନ୍‌ଧାରୀ ସିପାହୀ ସଲାମ ବଜାଇ ଠିଆ ହେଲା । ଜେଲରବାବୁ ଗୋଟିଏ କୋଠରୀର ଲୌହଦରଜା ଆଡ଼େ ନିର୍ଦ୍ଦେଶ କରି କହିଲେ ଏଇ ଯେଉଁ କୋଠରୀରେ କେତେଜଣ ବନ୍ଦୀ ଅଛନ୍ତି ଏମାନେ ସେହି ଦଳର ସର୍ଦ୍ଦାର ସବୁ । ଏମାନଙ୍କୁ ଦିନରେ କେବଳ ଅଳ୍ପ ସମୟ ପାଇଁ ବାହାରକୁ ବାହାର କରାଯାଇ ସେହି କୋଠରୀ ଭିତରେ ରଖାଯାଏ । ଖାଇବା ପିଇବା ସେମାନଙ୍କର ମଧ୍ୟ ତା'ର ଭିତରେ । ବଡ଼ ବିପଦଜନକ ବନ୍ଦୀ କିନା !

ଜେଲ ବୁଲା ଶେଷ ହେଲା । ଆସିବା ପୂର୍ବରୁ ବିପ୍ରଚରଣବାବୁ କେଇଖଣ୍ଡି ହାତବୁଣା ଗାଲିଚା ଓ ଆସନ କିଣି ଆଣିଲେ । ଜେଲରବାବୁ ସେମାନଙ୍କୁ ଫାଟକ ଯାଏ ବଳାଇଦେବାକୁ ଆସିଲାରୁ ବିପ୍ରଚରଣବାବୁ କହିଲେ---ଆମ ପାଇଁ ଯଥେଷ୍ଟ କଷ୍ଟ ସହିଲେଣି । ଭଗବାନଙ୍କର ଇଚ୍ଛା ଥିଲେ ପୁଣି କେବେ ଦେଖା ହେବ । ମୁଁ ଆସୁଛି ଆଜ୍ଞା ।

ଦୁହେଁ ଦୁହିଁଙ୍କୁ ନମସ୍କାର ଜଣାଇ ବିଦାୟ ନେଲେ ।

ହଠାତ୍ ଦିନେ ସକାଳୁ କଟକ ସହରରେ ଚାଞ୍ଚଲ୍ୟ ସୃଷ୍ଟି ହେଲା, ଯେଉଁ ଡକାୟତମାନେ ଖଣ୍ଡଗିରିରୁ ଧରା ପଡ଼ିଥିଲେ, ସେମାନେ ଜେଲରୁ କୌଣସି ଉପାୟରେ ଖସି ପଳାଇଛନ୍ତି ଏବଂ ବିଚରା ଗୋଟିଏ ବହାର ଜେଲ ୱାର୍ଡରର ବେକ କଟା ହୋଇଛି । ଯିଏ ଏକଥା ଶୁଣିଲା ସିଏ ଏ ଲୋମହର୍ଷଣକାରୀ ଘଟଣାରେ ଦୁଃଖ କରିବା ସଙ୍ଗେ ସଙ୍ଗେ ବିସ୍ମିତ ବି ହେଲା ।

ପ୍ରାୟ ଦିନ ବାରଟା ସରକି ବିଦ୍ୟୁତବେଗରେ ସହର ସାରା ଏ ଖବର ଖେଳିଗଲା । ଗାଧୁଆ ତୁଠ; କଚେରୀ ବଜାର ଦୋକାନ ସବୁଠି କେବଳ ସେହିକଥା । ଜେଲ ଭିତରୁ ଡକାୟତଦଳ ଖସି ପଳାଇଲେ କିମିତି ! କିଏ କହିଲା—ସେମାନେ ଖସି ପଳାଇଯିବାର କୌଣସି ଉପାୟ ନାହିଁ, ସେହି ଦଳର ଗୁପ୍ତ ଷଡ଼ଯନ୍ତ୍ରରେ ଏସବୁ ସମ୍ଭବ ହୋଇଛି । କିଏ କହିଲା--ଚୋର ପଳାଇଯିବା ଭିତରେ ବିଚରା ୱାର୍ଡରଟିର ଯାହା ପ୍ରାଣ ଗଲା··· ।

ସାଧାରଣ ଲୋକଙ୍କ ଅପେକ୍ଷା ଜେଲ୍ ଓ ପୋଲିସ ବିଭାଗରେ ଏ ଘଟଣା ବଡ଼ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପୋଲିସକୁ ପାହାନ୍ତିଆବେଳକୁ ଏ ଖବର ଜଣାଇ ଦିଆହୋଇ ଥିଲେ ବି ପୋଲିସ ବିଭାଗ ସାରା ଦିନ ଅକ୍ଳାନ୍ତ ପରିଶ୍ରମ କରି ଏବଂ ଓଡ଼ିଶାର ସବୁ ଜିଲା ଓ ସମସ୍ତ ଥାନାକୁ ଖବର ପଠାଇ ମଧ୍ୟ ସନ୍ଧ୍ୟା ଯାଏଁ କୌଣସିଠାରୁ କିଛି ଖବର ବା ପତ୍ତା ମିଳିଲା ନାହିଁ ।

ରାତି ଅଠଟା ବାଜିଲା । ପୋଲିସ ସାହେବ ଗଗନବାବୁ ବଡ଼ ଉଦ୍‌ବିଗ୍ନ ମନରେ ନିଜ ଅଫିସ ଘରେ ବସି ମୁହୁର୍ମୁହୁ ଟେଲିଫୋନ ସାହାଯ୍ୟରେ ଥାନା ଓ ଗୋଇନ୍ଦା ବିଭାଗଠାରୁ କୌଣସି ଖବର ଆସିଲା କି ନାହିଁ ବୋଲି ବୁଝୁଥିଲେ କିନ୍ତୁ ସବୁଥର ସେ ପାଉଥିଲେ ହତାଶିଆ ଉତ୍ତର । ରାତି ଦଶଟା ବାଜିଲା, ତଥାପି କୌଣସି ଖବର ଆସିଲା ନାହିଁ । ଗଗନବାବୁ ସେପର୍ଯ୍ୟନ୍ତ ବି ଅଫିସ ଘରେ ଚିନ୍ତାକୁଳ ହୋଇ ନୂଆ ନୂଆ ଉପାୟ ଉଦ୍ଭାବନରେ ବ୍ୟସ୍ତ ଥିଲେ ।

ସାଢ଼େ ଏଗାରଟା ବାଜିବାକୁ ଦଶ ମିନିଟ ବାକି । ହଠାତ୍ ଟେଲିଫୋନ ଘଣ୍ଟିଟା ଝଣ୍ ଝଣ୍ ହୋଇ ବାଜି ଉଠିଲା । ଗଗନବାବୁ କୌଣସି ଶୁଭ ଉତ୍ତର ପାଇବା ଆଶାରେ ଟେଲିଫୋନଟାକୁ କାନ ପାଖରେ ଧରିପକାଇ ଶୁଣିଲେ, ଟାଉନ ଥାନା ଇନ୍‌ସପେକ୍ଟର ଶ୍ରୀବତ୍ସ-ବାବୁ ଡାକୁଛନ୍ତି । ଗଗନବାବୁ ବଡ଼ ଆଗ୍ରହରେ ପଚାରିଲେ, କୌଣସି ସନ୍ଧାନ ମିଳିଲା—ଶ୍ରୀବତ୍ସବାବୁ ?

ଶ୍ରୀବତ୍ସବାବୁ କହିଲେ---ନା, ଏପର୍ଯ୍ୟନ୍ତ କୌଣସି ଖବର ମିଳି ନାହିଁ । କାଲେ କୋଉଠୁ କିଛି ଖବର ଆସିପାରେ ସେଥିପାଇଁ ମୁଁ ବି ଅପେକ୍ଷା କରି ବସି ରହିଛି । ତେବେ ବର୍ତ୍ତମାନ ଏକ ଖବର ସଂଗ୍ରହ ହେଲା ଯେ, ସକାଳେ ଜେଲ ବାହାରେ ଯେଉଁ ଲଙ୍ଗଳଦାଢ଼ିଆ ଏବଂ କାନ୍ଥକଟା ହେବାର ଯନ୍ତ୍ରଟା ମିଳିଥିଲା, ସେଥିରୁ ସେ ଦାଢ଼ିଟା କାଲି ରାତି ସାଢ଼େ ଦଶଟାବେଳେ ଜଣେ କେହି ଭଦ୍ରଲୋକ ଚୌଧୁରୀବଜାର ଦାଢ଼ି ଦୋକାନରୁ କିଣିଥିଲା । ସେ ଦାଢ଼ିଟାକୁ ଦେଖି ଦୋକାନୀ ତାର ଦାଢ଼ିଟା ବୋଲି ଚିହ୍ନିଛି । ସେ ଲୋକର ଚିହ୍ନଟ ଦେବା ତା' ପକ୍ଷରେ ଅସମ୍ଭବ ବୋଲି କହୁଛି । ମୁଁ ଭାବୁଛି, ସେ ଦୋକାନୀକୁ ଅଟକାଇ ଧମକ ଚମକ ଦେଇ ଆଉ କିଛି ପଚାରନ୍ତୁ ।

ଗଗନବାବୁ ଉତ୍ତର ଦେଲେ—କିଛି ଲାଭ ନାହିଁ । ଆପଣ ଅନ୍ୟ ଉପାୟ ବାହାର କରନ୍ତୁ ।

ରାତ ଦୁଇଟା ବାଜିଲା । ତଥାପି କୌଣସି ପଥ ମିଳିଲା ନାହିଁ । ସେ ପର୍ଯ୍ୟନ୍ତ ବି ପୋଲିସ ବିଭାଗର ଖୋଜାଖୋଜି ସନ୍ଧାନ ନେବାରେ ଧୂମ୍ ଚାଲିଥିଲା । ଗଗନବାବୁ ଶେଷଥର ପାଇଁ ଯାଇଭାଇ ଗଣ୍ଡାଏ ଖାଇ ଶୋଇବାକୁ ଯିବା ପୂର୍ବରୁ ଟେଲିଫୋନ ଦ୍ୱାରା ଥାନାକୁ ଜଣାଇ ଦେଲେ, ଯେପରି ରାତ ହେଉନା କାହିଁକି ଯଦି କିଛି ଖବର ଆସେ, ତାହାହେଲେ ତାଙ୍କୁ ନିଶ୍ଚୟ ଯେପରି ଖବର ଦିଆହୁଏ ।

ସେହିଦିନ "ସମାଜ"ରେ ପ୍ରକାଶ ପାଇଲା ।

କଟକ ଜେଲରେ କରୁଣ ଓ ଶୃଙ୍ଖଳକର ଘଟଣା

---

"ଆମ ନିଜ ସମ୍ବାଦଦାତା ଦାୟିତ୍ୱପୂର୍ଣ୍ଣ ପୋଲିସ ଅଫିସରଙ୍କ ଠାରୁ ଖବର ନେଇ ଜାଣି ପାରିଛନ୍ତି ଯେ, କାଲି ଅମାବାସ୍ୟା ରାତିର ସୁବିଧା ନେଇ ଗଲା ସାତମାସ ତଳେ ଖଣ୍ଡଗିରିରୁ ଧରାପଡ଼ି ଜେଲ ଭୋଗୁଥିବା ତେରଜଣ ବିପଦଜନକ ଡକାୟତଙ୍କୁ କିଏ ଜେଲରୁ ଅପସାରଣ କରି ନେଇଛନ୍ତି ଏବଂ ଜଣେ ବାହାର ଓ୍ୱାର୍ଡରେ ତୋଟି ବଡ ନୃଶଂସ ଭାବରେ କାଟି ଦିଆ ଯାଇଛି । ଅନ୍ୟ ଜଣେ ପହରା-ବାଲାର ଅବସ୍ଥା ମଧ୍ୟ ସାଙ୍ଘାତିକ !

ପରବର୍ତ୍ତୀ ସମ୍ବାଦରୁ ପ୍ରକାଶ—ନିଶ୍ଚିତ ଭାବରେ ଜଣାପଡ଼ୁଛି ଯେ, ସେହି ଦଳର କେତେଜଣ କୌଶଳୀ ଡକାୟତ ଏ ଘଟଣା ଘଟାଇଛନ୍ତି । ଯେଉଁ କୋଠରୀରେ କଏଦୀମାନେ ଅଟକି ଥିଲେ ସେହି କୋଠରୀର ଲୌହ ଦରଜା ଅକ୍ଷୁର୍ଣ୍ଣ ରହିଥିଲେ ସୁଦ୍ଧା, ତାହାଣ

ବାଲୁକଣ୍ଠା ଅଥବା ସାଧାରଣରେ ସେହି କୋଠରୀର ଏକ ଅଢ଼ୁଆଳି ସ୍ଥାନରେ ବାଲୁ ଫୁଟା ହୋଇଛି । ସେହି ବାଟ ଦେଇ ଡକାୟତମାନେ ଚମ୍ପଟ କରିଛନ୍ତି । ପୋଲିସ ଦିନ ତମାମ ଧମାଧମ୍ ଇନ୍‌କ୍ୱାରୀ ଚଳାଇ ଥିଲେ ମଧ୍ୟ ସେମାନଙ୍କର କୌଣସି ପତ୍ତା ଏ ପର୍ଯ୍ୟନ୍ତ ମିଳିନାହିଁ । ଏ ଘଟଣା ନେଇ ସହରରେ ବଡ ଚାଞ୍ଚଲ୍ୟ ଖେଳି ଯାଇଛି ।"

ଦିନ ପରେ ଦିନ କଟିଗଲା । ଓଡ଼ିଶା ପ୍ରଦେଶର ସମୁଦାୟ ପୋଲିସ ଓ ଗୋଇନ୍ଦା ବିଭାଗ ଏ ବିଷୟରେ ବିଶେଷଭାବେ ସତର୍କ ଥିଲେ ସୁଦ୍ଧା କୌଣସି ଅଡୁ କିଛି ଖବର ମିଳିଲା ନାହିଁ ।"

ଦିନ ଗଡିବା ସଙ୍ଗେ ସଙ୍ଗେ ପୋଲିସ ସାହେବ ଗଗନବାବୁ ବଡ ବିସ୍ମିତ ହେବାକୁ ଲାଗିଲେ । ସମୁଦାୟ ପୋଲିସ ଆଖିରେ ଧୂଳି ପକାଇ ଡକାୟତ ଦଳ ଅନ୍ତର୍ହିତ ହେବା କଥା ତାଙ୍କ ମନରେ ଇନ୍ଦ୍ରଜାଲ ସୃଷ୍ଟି କଲା । ଅନ୍ୟାନ୍ୟ ଅଫିସକାମ ଭିତରେ ଏବଂ ଶୋଇବା ବେଳେ ବି କିପରି ସେମାନେ ଜେଲରୁ ପଳାଇଲେ--କିଏ ବା କେଉଁ ଉପାୟରେ ସେମାନଙ୍କୁ ଉଦ୍ଧାର କଲା ଏବଂ ସେମାନେ କେଉଁ ଆଡେ ଯେ ଛପି ଗଲେ, ସେହି କଥାହିଁ ଭାବିବାକୁ ଲାଗିଲେ । ତାଙ୍କର ଏକ-ମାତ୍ର ଧ୍ୟାନ ରହିଲା —ସେମାନେ ପୁନର୍ବାର କିପରି ଧରା ପଡ଼ିବେ ।

ଆଠଦିନ ବିତିଗଲା, ଏହି ସମୟ ଭିତରେ କୌଣସିଅଡୁ କିଛି ଖବର ନ ମିଳିବାରୁ ସର୍କାର ତରଫରୁ ଖବର କାଗଜ ଜରିଆରେ ମଧ୍ୟ ଘୋଷଣା ହେଲା—ଯିଏ ଏହି ଡକାୟତ ଦଳର ସନ୍ଧାନ ସଠିକ ଭାବରେ ପୋଲିସକୁ ଦେଇ ଧରାଇ ଦେବ, ତାକୁ ପାଞ୍ଚହଜାର ଟଙ୍କା ପୁରସ୍କାର ଦିଆଯିବ ।"

ଏହି ଘୋଷଣା ପ୍ରକାଶ ପାଇବା ପରେ ଅବଶ୍ୟ କ ସରକାରୀ, ବେ-ସରକାରୀ ଲୋକେ ପାଞ୍ଚହଜାର ଟଙ୍କା ଲୋଭରେ ଯଥାସାଧ୍ୟ ସତର୍କତାର ସହିତ ସନ୍ଧାନ ପାଇବା ପାଇଁ ଆଖି ଘୁରାଇଛନ୍ତି, କିନ୍ତୁ ସମସ୍ତଙ୍କର ଚେଷ୍ଟା ବିଫଳ ହୋଇଛି ।

ସେଦିନ ସନ୍ଧ୍ୟାବେଳେ ଗଗନବାବୁ ନିଜ କୋଠିର ଡ୍ରଇଂ-ରୁମରେ ଏକ ଆରାମ ଚେୟାରରେ ବସି ଜ୍ୟୋତ୍ସ୍ନାରଞ୍ଜିତ ଆକାଶ ଆଡ଼େ ଚାହିଁ ସେହି ଡକାୟତ ଦଳର କଥା ଭାବୁ ଭାବୁ ଚପରାଶିକୁ ଡାକି କହିଲେ—ଫୋନରେ ଥାଣାକୁ ଡାକି ଇନ୍‌ସପେକ୍ଟର ବାବୁଙ୍କୁ ଆସିବାପାଇଁ ଖବର ଦେବାକୁ କହ । ଆଉ ଦୁଇଟା ଚେୟାର ଆଣି ଏଇଠି ପକାଇଦେବାକୁ ଗୁଡ଼ିକୁ ଡାକ ।

ପୋଲିସ ସାହେବ ହିସାବରେ ଗଗନବାବୁ ବଡ଼ ଭଲ ହେଲେ ବି, ଘରୋଇ ଭାବରେ ସେ ଛୋଟ ବଡ ସମସ୍ତ ପୋଲିସ କର୍ମଚାରୀଙ୍କ ସହିତ ଭାଇ ବନ୍ଧୁ ଭଳି ଚଳୁଥିଲେ । ସେଥିପାଇଁ ଭଲଲୋକ ହିସାବରେ ତାଙ୍କର ପୋଲିସ ମହଲରେ ବେଶ ସୁନାମ ଥିଲା ଏବଂ ସମସ୍ତେ ତାଙ୍କୁ ଭକ୍ତି ଓ ସ୍ନେହ କରୁଥିଲେ ।

ପ୍ରାୟ ଅଧଘଣ୍ଟା ପରେ ଶ୍ରୀବସ୍ତବାବୁ, ଗଗନବାବୁଙ୍କ ପାଖରେ ପହଞ୍ଚିଲେ । ଶ୍ରୀବସ୍ତବାବୁଙ୍କୁ, ଦେଖି ଗଗନବାବୁ ବସିବାପାଇଁ ଏକ ଚୌକି ଦେଖାଇ ଦେଇ ଘରଆଡ଼ୁ ପାନ ଆଣିବାପାଇଁ ଚପରାଶିକୁ ପଠାଇ ଦେଲେ ।

ତାପରେ ଗଗନବାବୁ ବଡ଼ ଗମ୍ଭୀର ଭାବରେ ଆରମ୍ଭ କଲେ, ଡକାୟତଦଳ ପଳାଇଯିବାର ଦୁଇ ସପ୍ତାହ ହୋଇ ଯାଇଥିଲେ ବି କିଛି ସନ୍ଧାନ ମିଳିଲା ନାହିଁ । କେତେ ବଡ଼ ବଡ଼ ଅଫିସର, ଆ

ପୋଲିସ ବିଭାଗର ଅପାରଗତା ବୋଲି କହୁଥିବାର ମୁଁ ପ୍ରକାରାନ୍ତରେ ଶୁଣି ପାରୁଛି । ଆପଣ ଏହାର କୌଣସି ପ୍ରତିକାର ଉପାୟ ଠିକ କରି ପାରିଲେ ?

ଶ୍ରୀବସ୍ତୁବାବୁ କହିଲେ—ମୋର ଯେତେ ଯାହା ଉପାୟ କରିବାର କଥା ତାହା ଶେଷ ହେଲାଣି । ତଥାପି ମୁଁ ମୋର ଚେଷ୍ଟାରୁ ବିରତ ହୋଇ ନାହିଁ ।

ଗଗନବାବୁ ଖଣ୍ଡେ ସିଗାରେଟ ଟାଣୁ ଟାଣୁ କହିଲେ—ମୁଁ ଭାବୁଛି, ମହେନ୍ଦ୍ରବାବୁଙ୍କୁ ଏ ବିଷୟରେ ଅନୁସନ୍ଧାନ ଚଳାଇବାପାଇଁ ପୁରୀରୁ କଟକ ସକାଶେ ଆଣିବାକୁ । କାରଣ, ତାଙ୍କର ଦୁଃସାହସିକ ଚେଷ୍ଟା ଯୋଗୁଁ ଏ ଡକାୟତଦଳ ଧରାପଡ଼ି ଥିଲେ । ସେ ଏ ବିଷୟରେ କିଛି କରିବେ ବୋଲି ମୋର ଆଶା । ତା ଛଡ଼ା ବାଲେଶ୍ୱରର ଶ୍ରୀକାନ୍ତବାବୁ ଓ ପ୍ରିୟବାବୁଙ୍କୁ ମୁଁ ମଧ୍ୟ ଏ ଡକାୟତଦଳର ଅନୁସନ୍ଧାନ ଚଳାଇବା ପାଇଁ ବଦଳି କରି ଆଣିବାକୁ ଚେଷ୍ଟା କରୁଛି । ମୁଁ ବାଲେଶ୍ୱରରେ ଥିବାବେଳେ ଏହିପରି ବଡ଼ ଧରଣର ନ ହେଲେ ମଧ୍ୟ ସେହିଭଳି ଅନେକ ଘଟଣା ଶ୍ରୀକାନ୍ତବାବୁ ଓ ପ୍ରିୟବାବୁ ଛଦ୍ମବେଶରେ ଧରି ପାରିଥିଲେ । ସେ ଦୁଇଜଣଯାକ ଯୁବକ, ଏସବୁ ଘଟଣା ଅନୁସନ୍ଧାନ କରିବାପାଇଁ ଦୁହିଙ୍କର ମଧ୍ୟ ଖୁବ ଉତ୍ସାହ ଅଛି ।

ଶ୍ରୀବସ୍ତୁବାବୁ ଗମ୍ଭୀର ହୋଇ କହିଲେ—ଶ୍ରୀକାନ୍ତବାବୁ ଓ ପ୍ରିୟବାବୁଙ୍କୁ ବି ମୁଁ ଭଲକରି ଜାଣେ । ଏହି ଅଳ୍ପ ବୟସରେ ମଧ୍ୟ ଗୋଇନ୍ଦା ବିଭାଗରେ ତାଙ୍କର ସୁନାମ ଅଛି, କିନ୍ତୁ ମହେନ୍ଦ୍ରବାବୁଙ୍କ ବିଷୟରେହିଁ ମୁଁ ଭାବୁଛି । ଏଥର ଏ ଘଟଣା ଅନୁସନ୍ଧାନ କରିବା ପାଇଁ ସେ ରାଜି ହେବେ କି ନାହିଁ ତାହାହିଁ ବଡ଼ କଥା ।

ଗଗନବାବୁ ଆଗକୁ ଟିକିଏ ଝୁଙ୍କି ପଡ଼ି କହିଲେ—କାହିଁକି ?

ଶ୍ରୀବସ୍ତବାବୁ ଉତ୍ତର ଦେଲେ—ମହେନ୍ଦ୍ରବାବୁଙ୍କ ଦୁଃସାହସିକ ଯୋଗୁ ସେହି ଡକାୟତଦଳର ସର୍ବନାଶ ହୋଇଛି । ସେହି ଦଳର ଅବଶିଷ୍ଟ ଯେଉଁମାନେ ସାରା ଜୀବନ ପାଇଁ ଜେଲ ଯାଇଥିଲେ, ସେମାନେ ଯେତେବେଳେ ଜେଲରୁ ଖସି ପଳାଇଛନ୍ତି, ସେତେବେଳେ ମହେନ୍ଦ୍ର-ବାବୁଙ୍କର ସମସ୍ତଙ୍କ ଅପେକ୍ଷା ବେଶି ବିପଦ ବୋଲି ମୁଁ ଭାବୁଛି । ମହେନ୍ଦ୍ରବାବୁ ଯେ ଏ ଘଟଣା ଶୁଣି ନିଶ୍ଚୟ ଭୟ କରୁଥିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବଦମାସ ଡକାୟତଦଳ ତାଙ୍କ ଉପରେ ରାଗ ରଖି ପ୍ରତିଶୋଧ ନେବାକୁ ଚେଷ୍ଟା ନ କରିବେ, ତାର କେଉଁ ଠିକଣା ଅଛି !

ଗଗନବାବୁ କଥା ଶୁଣୁ ଶୁଣୁ କହିଲେ – ତାହା ଠିକ୍ କଥା, କିନ୍ତୁ ଗୋଇନ୍ଦା ବିଭାଗରେ ରହି ଯିଏ ଜୀବନରେ ଥରେ ଏହିଭଳି ଡକାୟତଦଳ କିମ୍ବା ଗୁପ୍ତ ଷଡଯନ୍ତ୍ରକାରୀ ରାଜନୈତିକ ଦଳର ସନ୍ଧାନ ପାଇବାରେ କୃତକାର୍ଯ୍ୟ ହୋଇଛି, ସେଥିରେ ସେ ଯେତେ ଆନନ୍ଦ ପାଏ, ତା ପକ୍ଷରେ ମରଣ ବି ଅତି ତୁଚ୍ଛ । ତାଙ୍କୁ ଆଣିବାକୁ ହେବ, ସେ ଅନ୍ତତଃ ପ୍ରାଥମିକ ଅନୁସନ୍ଧାନ କରନ୍ତୁ ।

ଶ୍ରୀବସ୍ତବାବୁ କହିଲେ – ଅଚ୍ଛା, ତାଙ୍କୁ ସାହାଯ୍ୟ କରିବାରେ ମୁଁ ଯେତେ ପାରେ ଯଥାସାଧ୍ୟ ସାହାଯ୍ୟ କରିବି ।

ରାତି ପ୍ରାୟ ଦଶଟା ବାଜି ଯାଇଥିଲା । ଶ୍ରୀବସ୍ତବାବୁ ଗଗନ-ବାବୁଙ୍କଠାରୁ ବିଦାୟ ନେଇ ଥାନାକୁ ଫେରି ଆସିଲେ ।

× × ×

ମହେନ୍ଦ୍ରବାବୁଙ୍କୁ ପୁରୀରୁ ଏ ଘଟଣା ଅନୁସନ୍ଧାନ କରିବାକୁ ମାସକ ପାଇଁ ଅଣା ହୋଇଛି । ତା'ଛଡ଼ା ବାଲେଶ୍ୱରରୁ ଶ୍ରୀକାନ୍ତବାବୁ

ଓ ପ୍ରିୟବାବୁ ମଧ୍ୟ ଅନୁସନ୍ଧାନ କରିବାପାଇଁ ଗୋଇନ୍ଦା ବିଭାଗକୁ ବଦଳି ହୋଇ ଆସିଛନ୍ତି ।

ଦୁଇଦିନ ପରେ ମହେନ୍ଦ୍ରବାବୁ କଟକରେ ପହଞ୍ଚି ପୋଲିସ ସାହେବଙ୍କ ସାକ୍ଷାତ କଲେ । ଗଗନବାବୁ ତାଙ୍କୁ ଦେଖିଲାକ୍ଷଣି ତାଙ୍କ ସହିତ କରମର୍ଦ୍ଦନ କରି ଏ ଘଟଣା ଅନୁସନ୍ଧାନ କରିବାରେ ବିଜୟୀ ହୁଅନ୍ତୁ ବୋଲି ଆଶୀର୍ବାଦ କଲେ । ମହେନ୍ଦ୍ରବାବୁ, ପୋଲିସ ସାହେବ ଗଗନବାବୁଙ୍କ ବସାରୁ ଫେରିଲାବେଳେ ଖୋଦ ପୋଲିସ ସାହେବଙ୍କ-ଠାରୁ ତାଙ୍କର ଏତେ ପ୍ରଶଂସା ଓ ଉତ୍ସାହବାଣୀ ଶୁଣି ଏତେ ଆତ୍ମହରା ହୋଇ ଯାଇଥିଲେ ଯେ, ଏ ଘଟଣା ଅନୁସନ୍ଧାନ କରିବାପାଇଁ ତାଙ୍କର ଜୀବନ ଗଲେ ବି, ସେହି ଦୁଃସାହାସିକ କାର୍ଯ୍ୟକୁ ଯେ ସେ ନିଜ ହାତକୁ ନେବେ, ଏ କଥା ମନେ ମନେ ସିଦ୍ଧାନ୍ତ କରିନେଲେ ।

ଦି'ପହରେ ପୋଲିସ କ୍ଲବରେ ଖାଇ ପିଇ ଏ ଡକାୟତଦଳ ଜେଲରୁ ପଳାୟନ ବିଷୟରେ କେତେକ ଖବର ଜାଣିବା ପାଇଁ ଥାନାକୁ ଗଲେ । ଶ୍ରୀବତ୍ସବାବୁ ତାଙ୍କୁ ଦେଖି ତାଙ୍କର ଆନନ୍ଦରେ ସୀମା ରହିଲା ନାହିଁ । ସେ ଅତି ଆଦର ସମ୍ଭାଷଣରେ ତାଙ୍କର ଖାସ କୋଠରୀରେ ବସାଇ ମହେନ୍ଦ୍ରବାବୁ ଚାହୁଁଥିବା ସମସ୍ତ ଖବର ଯୋଗାଇ ଦେଲେ, ଶ୍ରୀବତ୍ସବାବୁଙ୍କ ଅନୁରୋଧରେ ମହେନ୍ଦ୍ରବାବୁ ସେଇଠି ଗୁ' ଜଳଖିଆ ଖାଇ ଫେରିଲା ବେଳକୁ ରାତିଟା ବାଜି ଯାଇଥିଲା ।

ମହେନ୍ଦ୍ରବାବୁ ପ୍ରଥମଥର ପାଇଁ ଘଟଣା ସ୍ଥଳରେ ଟିକିଏ ଆଖି ବୁଲାଇ ଆଣିବାକୁ ଶ୍ରୀକାନ୍ତବାବୁ ଓ ପ୍ରିୟବାବୁଙ୍କୁ ସଙ୍ଗରେ ନେଇ ବାହାରି ଗଲେ ଜେଲ ଆଡ଼େ ।

ଜେଲରବାବୁ, ମହେନ୍ଦ୍ରବାବୁ ଓ ଗୋଇନ୍ଦା ବିଭାଗର ଅନ୍ୟ ଦୁଇଜଣଙ୍କୁ ନେଇ ଘଟଣାସ୍ଥଳ ତନ୍ନ ତନ୍ନ କରି ଦେଖାଇ ଦେଲେ । ମହେନ୍ଦ୍ରବାବୁ ଘଟଣାସ୍ଥଳ ପରୀକ୍ଷା କରୁ କରୁ କେତେକ ଦରକାରୀ ପ୍ରଶ୍ନ ଜେଲରବାବୁଙ୍କୁ ପଚାରି ଦୁଇଜଣ ବନ୍ଧୁଙ୍କ ସହ ପୋଲିସ କ୍ଲବକୁ ଫେରି ଆସିଲେ ।

ରାତି ଦଶଟା । ମହେନ୍ଦ୍ରବାବୁ ବନ୍ଧୁମାନଙ୍କ ସହ ଖାଇ ପିଇ ବିଛଣାରେ ପଡିଲେ, କିନ୍ତୁ ତାଙ୍କ ଆଖିକୁ ଆଉ ନିଦ ଆସିଲା ନାହିଁ ଅନେକ ରାତି ଯାଏ ଧୀରସ୍ଥିର ମନରେ କେତେକ ମୂଲ୍ୟବାନ ପ୍ରଶ୍ନ କାଲି ଜେଲରବାବୁଙ୍କୁ ପଚାରିବା ପାଇଁ ଠିକ୍ କରିନେଲେ ।

ତହିଁ ଆର ଦିନ । ସମୟ ସକାଳ ସାତଟା ନ'ଟା । ମହେନ୍ଦ୍ରବାବୁ ସକାଳ ଗାଧୋଇ ଜଳଖିଆ ଖାଇ ଏକୁଟିଆ ଜେଲ ଆଡେ ବାହାରିଗଲେ । ସେତେବେଳକୁ ଜେଲରବାବୁ ଜେଲ ଭିତରେ ତାଙ୍କ ଅଫିସ ଘରେ ବସି କାମ କରୁଥାନ୍ତି । ମହେନ୍ଦ୍ରବାବୁଙ୍କୁ ଦେଖି ଜେଲରବାବୁ ଅଭ୍ୟର୍ଥନା କରି ଚେୟାରରେ ବସାଇଲେ ।

ମହେନ୍ଦ୍ରବାବୁ କିଛି କହିବା ଆଗରୁ ଜେଲରବାବୁ ଅଫିସ କାମ ବନ୍ଦ କରି ଆଗ କରି ପଚାରିଲେ, କିଛି ଭାବି ଠିକ କଲେ ମହେନ୍ଦ୍ରବାବୁ ? ଆପଣ ତ ସେ ବିଷୟରେ ଧୁରନ୍ଧର । ମୋ ଅମଲରେ ଏଭଳି ଏକ ବଦନାମି ଘଟଣା ଘଟିବ ବୋଲି ମୁଁ କେବେହେଲେ ଭାବି ନ ଥିଲି । ବାସ୍ତବିକ୍ ଏ ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ ।

ମହେନ୍ଦ୍ରବାବୁ କହିଲେ—ଆପଣ ଦୁଃଖିତ ହେବାର କଥା, କିନ୍ତୁ ଆପଣଙ୍କ ଅପେକ୍ଷା ଅନ୍ୟମାନଙ୍କର ଭୟ କରିବାର ଯଥେଷ୍ଟ

କାରଣ ମଧ୍ୟ ଅଛି । ଏଥର ସେମାନେ ଧରା ପଡ଼ିବେ ବୋଲି ମୋର ଆଦୌ ବିଶ୍ୱାସ ନାହିଁ । ପୋଲିସ କୁହନ୍ତୁ ବା ଗୋଇନ୍ଦା ବିଭାଗ କୁହନ୍ତୁ, ସେମାନେ ସମସ୍ତଙ୍କ ଅପେକ୍ଷା ଖୁବ୍ ଚତୁର । ଆଉଥର ସେମାନଙ୍କୁ ମୁଁ ଯେ କିଭଳି କୌଶଳରେ ଜୀବନକୁ ପାଣି ଛଡ଼ାଇ ଧରିଥିଲି, ତାହା ମନେ ପଡ଼ିଲେ ଦେହ ମୋର ଶୀତେଇ ଉଠେ ।

ଜେଲରବାବୁ, ମହେନ୍ଦ୍ରବାବୁଙ୍କ ହାତକୁ ଖଣ୍ଡେ ସିଗାରେଟ ବଢ଼ାଇ ଦେଉ ଦେଉ କହିଲେ—ସେତେବେଳେ ସେକଥା ଯିଏ ଶୁଣିଛି, ସିଏ ଆପଣଙ୍କୁ ପ୍ରଶଂସା ନ କରି ରହିପାରି ନାହିଁ । ସେଥିପାଇଁ ଆପଣ ବାସ୍ତବିକ୍ ଧନ୍ୟବାଦର ପାତ୍ର ।

ମହେନ୍ଦ୍ରବାବୁ ସିଗାରେଟ ଟାଣୁ ଟାଣୁ କହିଲେ—ମୁଁ ଆସି ଆପଣଙ୍କର ବହୁତ ସମୟ ନଷ୍ଟ କଲିଣି । ଆଜ୍ଞା, ଆପଣ ଯଦି ମୋ ପାଇଁ ଦୟା କରି ଅଧଘଣ୍ଟା ସମୟ ଦେଇପାରନ୍ତେ—ତାହାହେଲେ କେତୋଟି ଦରକାରି ପ୍ରଶ୍ନ ପଚାରି ମୁଁ ଚାଲି ଯାଆନ୍ତି ।

ଜେଲରବାବୁ ଆଗ୍ରହାନ୍ୱିତ ହୋଇ କହିଲେ, ଅଧଘଣ୍ଟା କ'ଣ ଆପଣ ଇଚ୍ଛା କଲେ ଘଣ୍ଟାଏ ସମୟ ଦେଇପାରେ । ଆପଣଙ୍କର ଦରକାରରେ ଆସିଲାଭଳି ଯେତେ ଯାହା ପ୍ରଶ୍ନ ସ୍ୱଚ୍ଛନ୍ଦରେ ପଚାରି ପାରନ୍ତି ।

ମହେନ୍ଦ୍ରବାବୁ ଟିପାଖାତା ଖଣ୍ଡିଏ ଆଗରେ ଥୋଇ ପେନସିଲଟି ଧରି ପଚାରିଲେ---ଆଜ୍ଞା, ସେହି ଡକାୟତ ଦଳ ଯେଉଁ କୋଠରିରେ ରହୁଥିଲେ, ଏକଥା ଆପଣଙ୍କ ଜାଣିବାରେ କେହି କେବେ ବାହାରର ଲୋକ ଜାଣିବାର କ'ଣ ସୁବିଧା ପାଇଥିଲେ ?

ଜେଲରବାବୁ ଟିକିଏ ଚିନ୍ତା କରିବା ଭଙ୍ଗୀରେ କହିଲେ, ଜେଲ ବିଭାଗର କର୍ମଚାରୀମାନଙ୍କୁ କିଏ ଭେଟୁଁଟି ରହେ, ଏକଥା ପ୍ରାୟ

କାହାକୁ ଅଛପା ନାହିଁ । ତେବେ ମୋ ଜାଣିବାରେ କାହାର ବାଜେ ଲୋକ କାହିଁକି ବା କିଏ କେଉଁଠି ଅଛି ବୋଲି ଜାଣିବାକୁ ଚେଷ୍ଟା କରିବ ! ତେବେ ମାସକ ତଳେ ଜଣେ ବିଶିଷ୍ଟ ଭଦ୍ରଲୋକଙ୍କୁ ମୁଁ ନିଜେ ସଙ୍ଗରେ ନେଇ ଜେଲର ଶିଳ୍ପ କାରଖାନା ଇତ୍ୟାଦି ଦେଖାଉ ଦେଖାଉ ତାଙ୍କର କନ୍ୟା ସେହି ଡକାୟତ ଦଳ ଏଠି ରହୁଛନ୍ତି କି କୁଆଡ଼େ ଗଲେଣି ବୋଲି ପଚାରିଥିଲେ । ମୁଁ କଥା ପ୍ରସଙ୍ଗରେ ସେମାନେ ସେହି ଘରେ ରହୁଛନ୍ତି ବୋଲି କହିଥିଲି ।

ମହେନ୍ଦ୍ରବାବୁ ଏକଥା ଶୁଣୁ ଶୁଣୁ ତାଙ୍କର ମୁଖଭଙ୍ଗୀ ସଙ୍ଗେ ସଙ୍ଗେ ବଦଳିଗଲା । ସେ ଟିକିଏ ବିସ୍ମିତ ହେଲାପରି ପଚାରିଲେ—ଆଚ୍ଛା, ଭଦ୍ରଲୋକ କିଏ, ତାଙ୍କର ନାମ ଆପଣ ମନେ ରଖିଛନ୍ତି ?

ଜେଲରବାବୁ କହିଲେ—ନିଶ୍ଚୟ, ସେ ଜଣେ ବିଶିଷ୍ଟ ଭଦ୍ର-ଲୋକ । ତାଙ୍କର ପୁରା ନାମ ମନେ ନଥିଲେ ବି ସେ ହେଉଛନ୍ତି ବାମଣ୍ଡା ଷ୍ଟେଟରେ ଶିଳ୍ପ ବିଭାଗର ଡିରେକ୍ଟର । ନାମ ରାଏ ସାହେବ ବିପ୍ରଚରଣ । ତାଙ୍କର ପୁରା ନାମ ଠିକ୍ ମନେ ପଡୁନାହିଁ । ସେ ଓଡ଼ିଶା ସରକାରଙ୍କ ସହିତ ଷ୍ଟେଟରେ କେତେକ ଜରୁରୀ କାମ ନେଇ ଆସି-ଥିଲେ ବୋଲି କହୁଥିଲେ । ମୋର ସାକ୍ଷାତ କରି ଏ ଜେଲରେ ଶିଳ୍ପ ବିଭାଗ ଦେଖିବାକୁ ଚାହିଁବାରୁ, ଷ୍ଟେଟରେ ବିଶିଷ୍ଟ ଶିଳ୍ପ ବିଭାଗର ଡିରେକ୍ଟର ହିସାବରେ ମୁଁ ତାଙ୍କୁ ସଙ୍ଗରେ ନେଇ ଜେଲର କେତେକ ସ୍ଥାନ ଦେଖାଇଥିଲି ।

ମହେନ୍ଦ୍ରବାବୁ କହିଲେ—ଆଚ୍ଛା, ତାଙ୍କ ସଙ୍ଗରେ ତାଙ୍କର ଏକା କନ୍ୟା ଥିଲା ନା ଆଉ କିଏ ଥିଲେ ?

ଜେଲରବାବୁ କହିଲେ— ନା, ସେ ସସ୍ତ୍ରୀକ ଆସିଥିଲେ ।

ମହେନ୍ଦ୍ରବାବୁ ପଚ୍ଚାରିଲେ—ତାଙ୍କ କନ୍ୟାଙ୍କର ବୟସ କେତେ ହେବ ?

ଜେଲରବାବୁ କହିଲେ—ପ୍ରାୟ ସତର ଅଠର ବର୍ଷରୁ କମ୍ ହେବ ନାହିଁ କିନ୍ତୁ ସେ ଭଦ୍ରଲୋକ ବଡ଼ ରସିକ ବୋଲି ମୋର ମନେ ହେଲା । କାରଣ ତାଙ୍କ ସ୍ତ୍ରୀଙ୍କର ବୟସ ମୋଟେ ତିରିଶ ଭିତରେ । ତାଙ୍କର ସେ ନିଶ୍ଚିୟ ଦ୍ୱିତୀୟପକ୍ଷ ସ୍ତ୍ରୀ ।

ମହେନ୍ଦ୍ରବାବୁ ଗୋଟାଏ ଖିଆଲରେ କହିଗଲେ ଦେହ ହାତ ଚଳିଲା ପରି, ରଙ୍ଗ ସାବନା ହୋଇଥିବ—ନୁହେଁ ?

ଜେଲରବାବୁ ଆଶ୍ଚର୍ଯ୍ୟ ହେଲାପରି କହିଲେ—ଠିକ୍ ତ ସେମିତି, ଆପଣ ତାହାହେଲେ ତାଙ୍କୁ ଚିହ୍ନି ଛନ୍ତି—ନୁହେଁ ?

ମହେନ୍ଦ୍ରବାବୁ ନିଜେ ଏକଥା କହୁ କହୁ ତାଙ୍କ ମୁଖଭଙ୍ଗୀରୁ ଭୟ ବିସ୍ମୟର ସ୍ପଷ୍ଟ ଆଭାସ ମିଳୁଥିଲା ।

ଜେଲରବାବୁ ତାଙ୍କ ମୁହଁକୁ ଚାହିଁଦେଇ ଚମକିଲା ପରି ପଚ୍ଚାରିଲେ—ଆପଣ ଏତେ ବିସ୍ମିତ ହେଲେ କାହିଁକି ମହେନ୍ଦ୍ରବାବୁ ?

ମହେନ୍ଦ୍ରବାବୁ କ୍ଷଣକାଳ ନୀରବ ରହି ଉତ୍ତର ଦେଲେ, ସର୍ବନାଶ ହୋଇଛି । ମୋର ଅନୁମାନ ଯଦି ଠିକ ହୁଏ, ତାହାହେଲେ ଅବସ୍ଥା ଅତି ସାଙ୍ଘାତିକ ହୋଇ ପଡ଼ିବ । ବିଶେଷତଃ ବିପଦ ସମସ୍ତଙ୍କଠୁଁ ମୋର ବେଶି ।

ଜେଲରବାବୁ ଅବାକାବା ହୋଇ ମହେନ୍ଦ୍ରବାବୁଙ୍କ ଅଡ଼େ ଅନାଇଁ ରହି କହିଲେ—କ'ଣ ଆପଣ କହୁଛନ୍ତି ମହେନ୍ଦ୍ରବାବୁ ? ମୁଁ ତ କିଛି ବୁଝି ପାରିଲି ନାହିଁ, ତାହାହେଲେ କ'ଣ ସେହି ଭଦ୍ରଲୋକ କାହାକୁ ଖବର ଯୋଗାଇଛନ୍ତି ।

ମହେନ୍ଦ୍ରବାବୁ ରହି ରହି କହିଲେ—ଆପଣ ବର୍ତ୍ତମାନ ନୀରବ ରହନ୍ତୁ । ମୁଁ ସେ ବିଷୟରେ ସଠିକ ଅନୁସନ୍ଧାନ ନ କରି କିଛି କହି ପାରିବି ନାହିଁ । ତେବେ ଆପଣ ଏସବୁ ବିଷୟରେ କାହା ଆଗରେ କିଛି କହିବାରେ ଯେତେ ନୀରବ ରହନ୍ତି—ସେତେ ମଙ୍ଗଳ ।

ଜେଲରବାବୁ, ମହେନ୍ଦ୍ରବାବୁଙ୍କ କଥାରେ ସମ୍ମତି ଜଣାଇ କହିଲେ—ନିଶ୍ଚୟ ।

ମହେନ୍ଦ୍ରବାବୁ ଆଉ କିଛି ନ ପଚାରି ଉଠି ଠିଆହେଲେ ।

ଜେଲରବାବୁ ପଚାରିଲେ—ତାହାହେଲେ କ'ଣ ଆପଣଙ୍କର ଆଉ କିଛି ପଚାରିବାର ନାହିଁ ?

—ନା, ବର୍ତ୍ତମାନ ଆଉ କିଛି ପଚାରିବାର ନାହିଁ । ଯଦି ମୋର ଅନୁମାନ ଠିକ ହୁଏ, ତାହାହେଲେ ଜେଲରୁ ଅନ୍ୟମାନଙ୍କୁ କୌଶଳରେ ନେଇଯିବା ବା କାହାକୁ ହତ୍ୟା କରିବା ସେହି ଦଳ ପକ୍ଷରେ କାଙ୍କ୍ଷିତ ମନେ ।

ମହେନ୍ଦ୍ରବାବୁ ଜେଲରୁ ଫେରି ଆସି ସିଧା ପୋଲିସ କ୍ଲବକୁ ଗଲେ । ସେଠି ଖାଇ ପିଇ ସାରି ଟିକିଏ ମାତ୍ର ବିଶ୍ରାମ ନେଇ ସିଧା ଗଲେ ପୋଲିସ ସାହେବଙ୍କ କୋଠିକୁ ।

ପୋଲିସ ସାହେବ ଗଗନବାବୁ, ମହେନ୍ଦ୍ରବାବୁଙ୍କୁ ଦେଖି ହସି ହସି ପଚାରିଲେ—ନିଶ୍ଚୟ କିଛି ଶୁଭ ଖବର ଆପଣ ଆଣିଛନ୍ତି । ମୁଁ ଜାଣେ, ଆପଣଙ୍କ ଛଡ଼ା ଏ ଘଟଣା ଅନ୍ୟ କେହି ସନ୍ଧାନ ପାଇବାକୁ ସକ୍ଷମ ହେବେ ନାହିଁ ।

ମହେନ୍ଦ୍ରବାବୁ ନିଜର ପ୍ରଶଂସାରେ ମନେ ମନେ ଆହ୍ଲାଦିତ ହୋଇ ବଡ଼ ନରମ ଗଳାରେ କହିଲେ--ମୋର ଅନୁସନ୍ଧାନ ପରେ ମୁଁ ଆପଣଙ୍କୁ ତିନି ଚାରିଦିନ ମଧ୍ୟରେ ଦେବି । କିନ୍ତୁ ଆପଣଙ୍କ ବର୍ତ୍ତମାନ

ଏକ ସାଧାରଣ ମଟରଗାଡ଼ି ଯୋଗାଇ ଦେବାକୁ ପଡ଼ିବ । କାରଣ ମୋତେ ବର୍ତ୍ତମାନ ଶ୍ରୀକାନ୍ତବାବୁ ଓ ପ୍ରିୟବାବୁଙ୍କ ସହିତ ବାମଣ୍ଡା ଯିବାକୁ ପଡ଼ିବ । ଏଥରୁ ଫେରି ଆସିଲେ, ମୋର ଖୁବ୍ ଆଶା---ମୁଁ ଯାହା ଅନୁସନ୍ଧାନ କରୁଛି ତାହା ବୋଧହୁଏ ସଠିକ୍ ହେବ ଏବଂ ମୁଁ ଆପଣାଙ୍କ ପାଖରେ ମୋର ସଠିକ ଅନୁସନ୍ଧାନପତ୍ର ଦାଖଲ କରିବି ।

ଗଗନବାବୁ ଉତ୍ସାହରେ କହି ଉଠିଲେ—ଆପଣ ଯିବାକୁ ପ୍ରସ୍ତୁତ ହୁଅନ୍ତୁ । ମୁଁ ଏଇ ଅଧଘଣ୍ଟା ମଧ୍ୟରେ ଶ୍ରୀବସନ୍ତବାବୁଙ୍କୁ ଡାକି ସମସ୍ତ ବନ୍ଦୋବସ୍ତ କରି ଦେଉଛି ।

ଦିନ ଗୁଡ଼ିକ ଯୁଗ୍ମ ମଟରେ ଚଢ଼ି ଘାଟ ପାରି ହୋଇ ବିଜୁଳି ବେଗରେ ଛୁଟି ଚାଲିଲା ।

× × ×

ପରଦିନ ସନ୍ଧ୍ୟା । ଶ୍ରୀବସନ୍ତବାବୁ ସନ୍ଧ୍ୟାବେଳେ ତାଙ୍କ ବସାଘର ସାମନାରେ କେତୋଟି ଚେୟାର ପକାଇ ତାଙ୍କର ବନ୍ଧୁମାନଙ୍କ ସହିତ ଗପସପ କରୁଛନ୍ତି । ଜଣେ ବୁଢ଼ା କାଖରେ କାଗଜପତ୍ର ଧରି ଜାକି ତାଙ୍କ ପାଖରେ ଟିକିଏ ଦୂରରେ ଠିଆ ହୋଇ କହିଲା, ଇନ୍ସପେକ୍ଟରବାବୁଙ୍କୁ ଖୋଜୁଛି, ଏଇ ତାଙ୍କ ବସା ନା ଆଜ୍ଞା ?

ଶ୍ରୀବସନ୍ତବାବୁ କଥା ବନ୍ଦ କରି ପଚାରିଲେ—କ'ଣ ଦରକାର ?

ବୁଢ଼ା ଜଣକ ସେହି ଇନ୍ସପେକ୍ଟରବାବୁ ବୋଲି ଜାଣିପାରି ନମସ୍କାର କରି ଜଣାଇଲା--ଆଜ୍ଞା, ମୁଁ ଉତ୍ତରପାର୍ଶ୍ୱ ମଠର ମୋହନ୍ତ । ହାଇକୋର୍ଟରେ ମକଦ୍ଦମା ଥିବାରୁ କାଗଜପତ୍ର ନେଇ କାଲିଠୁଁ

ଆସିଛି । ମହେନ୍ଦ୍ରବାବୁଙ୍କ ବସାର ଅଳ୍ପଦୂରରେ ମୋ ବସା । ଏକା ଗାଁର ଲୋକ । ମୁଁ କଟକ ଆସିବା ଶୁଣି ତାଙ୍କ ସ୍ତ୍ରୀ ଚିଠି ଖଣ୍ଡେ ଦେଇଛନ୍ତି । ଥାନାରେ ଇନ୍‌ସପେକ୍ଟରବାବୁଙ୍କ ପାଖରୁ ଖବର ନେଲେ ମହେନ୍ଦ୍ରବାବୁଙ୍କ ଦେଖା ମିଳିବ ବୋଲି ସେ କହିଲେ । ମୁଁ ବୁଢାଲୋକ, ଦିନଯାକ କଚେରୀରେ ଏ ପାଖ ସେ ପାଖ ହୋଇ ହୋଇ ଥକିଲିଣି । ବାବୁ କେଉଁଠି ଅଛନ୍ତି—ଆଜ୍ଞା ?

ଶ୍ରୀବତ୍ସବାବୁଙ୍କ ମନରେ ସନ୍ଦେହ ହେବାର କୌଣସି କାରଣ ନ ଥିଲା । ସେ କହିଲେ—ତାଙ୍କର ଦେଖା ବର୍ତ୍ତମାନ ମିଳିବ ନାହିଁ । ଦି'ତିନି ଦିନ ପରେ ମିଳିବ । ଯଦି ତୁମେ କଟକରେ ରହୁଥାଅ, ତାହାହେଲେ ତାଙ୍କ ସଙ୍ଗରେ ଦେଖାହେବ । ନୋହିଲେ ଚିଠିଟା ଦେଇ ଯାଇପାର ।

ବୁଢା ମୋହରିର ଜଣକ ଟିକିଏ ସଙ୍କୁଚିତ ହୋଇ କହିଲେ, ମୁଁ ରହିପାରୁ ନାହିଁ କେଉଁଠି ଆଜ୍ଞା । ତାଙ୍କ ଘରୋଇ ଚିଠି ବୋଲି··· ।

ଶ୍ରୀବତ୍ସବାବୁ କହିଲେ—ସେଥିରେ ଯାଏ ଆସେ ନାହିଁ । କିଏ କାହିଁକି ଖୋଲିବ ! ତୁମେ ଦେଇଯାଇ ପାର ।

ବୁଢା ମୋହରିର ତାଙ୍କ ହାତକୁ ଚିଠିଖଣ୍ଡି ବଢାଇ ଦେଇ ନମସ୍କାର କରି ବିଦାୟ ନେଇ ଆସିଲେ ।

ପୁରୀ କଟେଶ୍ୱର ଅଳ୍ପ ଦୂରରେ ଲଗାଲଗି ହୋଇ କେତେକ ସରକାରୀ କର୍ମଚାରୀଙ୍କ ବସାଘର । ମହେନ୍ଦ୍ରବାବୁଙ୍କ ବସାରେ ତାଙ୍କର ସ୍ତ୍ରୀ, ବିଧବା ପିଉସୀ, ଜଣେ ଚାକର ଓ ପୁଝାରୀ ଟୋକାଟିଏ । ମହେନ୍ଦ୍ରବାବୁ କୌଣସି କାମରେ ବାହାରକୁ ଗଲେ, ଜଣେ ସିପାହୀ ବରାବର ବସା ଜଗି ରହେ ।

ମହେନ୍ଦ୍ରବାବୁ ହଠାତ୍ ମାସକ ପାଇଁ କଟକ ଆସୁଥିବାରୁ ପୁରୀ ବସା ବଦଳାଇବା କୌଣସି ଆବଶ୍ୟକତା ନ ଥିଲା । ତେଣୁ ସେ ଆସିବା ପୂର୍ବରୁ ବସାରେ ସମସ୍ତ ସୁବିଧା କରାଇ ଦେଇ ଏବଂ ଥାନାରୁ ଜଣେ ସିପାହୀ ଯେପରି ବରାବର ତାଙ୍କ ଫେରିବା ପର୍ଯ୍ୟନ୍ତ ଜଗି ରହେ, ତାର ବନ୍ଦୋବସ୍ତ କରିଦେଇ ଆସିଥିଲେ । ତା'ଛଡ଼ା ତାଙ୍କ ବସାପାଖକୁ ଲାଗି ମାଜିଷ୍ଟ୍ରେଟଙ୍କ ପେସ୍କାର ରାମବାବୁଙ୍କୁ ମଧ୍ୟ ତାଙ୍କ ବସାଆଡ଼େ ଟିକିଏ ନଜର ଦେବାକୁ କହି ଆସିଥିଲେ ।

ମହେନ୍ଦ୍ରବାବୁ କଟକ ଆସିବାର ଆଜକୁ ପାଞ୍ଚଦିନ ହୋଇଗଲାଣି । ଅନୁସନ୍ଧାନରେ ବାମଣ୍ଡା ଯିବାଦିନ ବସାକୁ ଖବର ପଠାଇବାକୁ ଇଚ୍ଛା ଥିଲେ ସୁଦ୍ଧା ସମୟ ଅଭାବରୁ ବାମଣ୍ଡାରୁ ଫେରିଲେ ଚିଠି ଦେବେ ବୋଲି ଠିକ କରି ମନର ନେଇ ବାହାରିଗଲେ ।

× × ×

ମହେନ୍ଦ୍ରବାବୁ ବସା ଛାଡ଼ିବା ପରଠୁଁ ତାଙ୍କ ବସାରେ କାମଦାମ ଅନେକ ପରିମାଣରେ କମି ଯାଇଛି । ବସାରେ ତାଙ୍କର ସ୍ତ୍ରୀ,ପ୍ରାଣଧନ-ବାବୁଙ୍କ ସାନ ଝିଅ ଟୁନ୍ନି ଓ ଚାକର, ବନ୍ଧୁବାନ୍ଧବର ଜଣେ ବିଧବା ପିଉସୀ ଛଡ଼ା ଅନ୍ୟ କେହି ନାହାନ୍ତି । ଠିକା ଚାକରଟା ସକାଳ ସନ୍ଧ୍ୟାରେ ବାସନକୁସନ ମଜା, ମସଲା ବଟା ଇତ୍ୟାଦି କାମ ସାରି-ଦେଇ ଚାଲିଯାଏ । ରାତି ନ'ଟା ସୁଦ୍ଧା ମହେନ୍ଦ୍ରବାବୁଙ୍କ ବରାଦ ଅନୁ-ସାରେ ଥାନାର ଜଣେ କନେଷ୍ଟବଲ ଦାଣ୍ଡ ମେଲରେ ଆସି ଶୁଏ ।

ଘରର ଧନ୍ଦା ଅନେକ ପରିମାଣରେ କମିଯିବାରୁ ଟୁନ୍ନି ଖାଇ-ପିଇ ଖଟ ଉପରେ ବିଶ୍ରାମ ନିଏ । କେଉଁଦିନ ବେଳାବେଳି କାମ ସାରିଦେଇ ସାଇପଡ଼ିଶା ଅନ୍ୟାନ୍ୟ ବାବୁମାନଙ୍କ ଘରକୁ ବୁଲିଯାଏ । ଅନେକ ସମୟରେ ଅନ୍ୟ ଭଦ୍ରପରିବାରର ସ୍ତ୍ରୀମାନେ ମଧ୍ୟ ଆସି ଖରାବେଳେ ତାଙ୍କ ଘରେ ଗହଳି ଲଗାନ୍ତି । ହସ ଖୁସିରେ ଘର ଉଛୁଳି ପଡ଼େ ।

ମହେନ୍ଦ୍ରବାବୁ ପୁରୀ ଛାଡ଼ିବାର ଠିକ ଛ'ଦିନ ସନ୍ଧ୍ୟାବେଳେ ଜଣେ ଦରବୁଢ଼ା ହାତରେ ଖଣ୍ଡିଏ ବାଡ଼ି ଧରି ଦାଣ୍ଡ ଦୁଆର ମୁହଁରେ ଡାକିଲା—ବାବୁ, ଘରେ କିଏ ଅଛ ? ଖବର ଟିକିଏ ଶୁଣି ଯାଆନ୍ତୁ ! କଟକରୁ ବାବୁ ଖବର ପଠାଇଛନ୍ତି ।

ଜହ୍ନ ରାତି । ଟୁନ୍ନି ସେତେବେଳେକୁ ପୁରୀର ଅନ୍ୟ ଏକ ସାହିର ଜଣେ ବନ୍ଧୁଙ୍କ ଘରକୁ ବୁଲିଯିବାକୁ ଚାକର୍‌କୁ ଖଣ୍ଡେ ରିକ୍ସା ପାଇଁ ପଠାଇ ଲୁଗା ପିନ୍ଧୁଥିଲା । କଟକରୁ ବାବୁ କ'ଣ ଖବର ପଠାଇଛନ୍ତି ବୋଲି ଶୁଣି ତରତର ହୋଇ ନିଜ ଶୋଇବାଘରରୁ ଆସି ଦାଣ୍ଡ ମେଲା ପାଖରେ ଠିଆ ହୋଇ କହିଲା—କ'ଣ ବାବୁ ଖବର ଦେଇଛନ୍ତି ?

ବୁଢାଟି ଦାଣ୍ଡ ମେଲର ଉପର ପାହାଚ ପର୍ଯ୍ୟନ୍ତ ଉଠି ଯାଇ ବଡ଼ ନରମ ଗଳାରେ କହିଲା—ମା' ଚିହ୍ନି ପାରିବ ନାହିଁ । ବାବୁଙ୍କ ସହିତ ନିତ କଚେରୀରେ ଦେଖାହୁଏ । ଉତ୍ତମ ଲୋକ । ହରଚଣ୍ଡୀ ସାଇରେ ମୋ ବସା, ଘୁଟିରେ ମୋହରିର ଗିରି କରେ । ବଡ଼ ବଡ଼ ମକଦ୍ଦମା ନେଇ ମୁଁ ଅନେକଥର କଟକ ତମ ବାପାଙ୍କ ପାଖକୁ ଯାଇଛି । ତୁମେ ସେତେବେଳକୁ ଏତୁଟିମାନ ହୋଇଥାଅ । ବୁଢା ଟିକିଏ ମୁରବିଆନାଗିରିରେ ହସିବାକୁ ଲାଗିଲା ।

ତା'ପରେ ବୁଢା କହି ଚାଲିଲା—କାଲି କଟକରେ ଅଦାଲତ କଚେରୀରେ ବାବୁଙ୍କ ସହିତ ଦେଖା ହେଲା । ଉତ୍ତରପାର୍ଶ୍ୱ ମଠ ମକଦ୍ଦମାରେ କଟକ ଯାଇଥିଲି । ବାବୁଙ୍କୁ ଦେଖି ନମସ୍କାର କଲାରୁ ବାବୁ କହିଲେ—କେବେ ଯିବ ? କହିଲି—ଏଇ ଦୁ'ପହର ଗାଡ଼ିରେ ଯିବି । ସେ ତର ତର ହୋଇ ଖଣ୍ଡେ କାଗଜ ପେନ୍‌ସିଲ ଆଣି ଲେଖିଦେଲେ । ତାଗିଦ୍ କରି କହିଲେ ଚିଠିଟା ଜରୁରୀ । ସନ୍ଧ୍ୟା ସୁଦ୍ଧା ତୋପରି ବସାରେ ପହଞ୍ଚେ । ଏ କଥା କହୁ କହୁ ବୁଢା ଧର-ଥିବା ଚିଠି ଖଣ୍ଡିକ ତାଙ୍କ ସ୍ତ୍ରୀଙ୍କ ହାତକୁ ବଢାଇ ଦେଲା ।

ଠେନା ଚିଠି ଖଣ୍ଡିକ ଧରି ନରମ ଗଳାରେ ପଚାରିଲେ—କେବେ ବାବୁ ଆସିବାକୁ କହିଥିଲେ ।

ବୁଢା କହିଲା—ନା ମା, ମୁଁ କିଛି ପଚାରୁ ନାହିଁ । ସେ ଭାରି ଥର ଥର ହେଉଥିଲେ । ଭାରି କାମ କ'ଣ ପଡ଼ିଛି । ହଁ ମା, ଏଇ ସୁନା ଜିନିଷ କ'ଣ ନିଅ । ବାବୁ କହିଛନ୍ତି; ବାହାର ବାହାଘରକୁ ନେଇଯିବ, ଠିକ୍ ବନ୍ଦାଣ ଦେବ । ମୁଁ ଯାଉଛି ମା, ଡେରି ଭଲ ନାହିଁ ।

ବୁଢ଼ା ବାଟେ ବାଟେ ଫେରିଗଲା । ଚୁନି ଚଉତରାରେ ଚିଠି, ସୁନାମୁଦିଟି ଧରି ଶୋଇବା ଘରକୁ ଯାଇଁ ଖୋଲି ପଢ଼ିଲା ।

ପେନ୍‌ସିଲରେ ତରତରିଆ ହୋଇ ଲେଖା ଅଛି ।

ଟିକିଏ ସମୟ ନ ଥିବାରୁ ଚିଠି ଦେଇ ପାରିନାହୁଁ । ଆଜି ହଠାତ୍ ବାହାଘର କଥା ମନେ ପଡ଼ିବାରୁ ଲୋକ ପଠାଉଥିଲି । କିନ୍ତୁ କଟେ-ଘାଟରେ ମଦନ ମୋହନଙ୍କ ଦେଖା ହେବାରୁ ସେ ସେହି ଗାଡ଼ିରେ ଯାଉଛନ୍ତି ଶୁଣି ଚିଠି, ସୁନାମୁଦିଟି ପଠାଇଲି ।

ହରିଗୋବିନ୍ଦ ସାହୁ ଅମୂଲ୍ୟବାବୁଙ୍କ ସାନ ଝିଅ ଲତାର ଆଜି ବାହାଘର । ଲତାର ଭାଇ ମୋର ଅନ୍ତରର ବନ୍ଧୁ । ସେମାନେ ବଙ୍ଗାଳି ହେଲେ ବି ଖୁବ୍ ମେଳାପି । ଆଜି ସନ୍ଧ୍ୟାବେଳେ ତୁମକୁ ନେବା ପାଇଁ ମଟର ପଠାଇବେ ବୋଲି ଅମୂଲ୍ୟବାବୁଙ୍କ ସ୍ତ୍ରୀ ମୋତେ ବାରମ୍ବା କହିଥିଲେ । ଲତାକୁ ଦେଖି, ପଠାଇଥିବା ମୁଦିଟି ତାକୁ ପିନ୍ଧାଇ ଦେବ । ମୁଦିଟି କିଣିବାକୁ ପଡ଼ିଲା ଟ ୪୫ ଙ୍କା । ମୁଁ ଜାଣେ ସେ ନିଶ୍ଚୟ ମଟର ପଠାଇବେ । ଗୁବରକୁ ସଙ୍ଗରେ ନେଇଯିବ । ରହିବାକୁ ବାଧ କଲେ ଏକୁଟିଆଘର ବୋଲି କହି ଫେରି ଆସିବ । ମୁଁ ସ୍ନା ରୁର ପାଞ୍ଚଦିନ ପରେ ଯାଇ ପୁଣି ଫେରି ଆସିବି ।

ଚୁନି ଚିଠିଟି ପଢ଼ିସାରି ମହେନ୍ଦ୍ରବାବୁ ଲତାକୁ ଉପହାର ଦେବା ପାଇଁ ପଠାଇଥିବା ସୁନ୍ଦର ସୁନାମୁଦିଟି ଦେଖୁ ଦେଖୁ ଗୁକର ରେକ୍ସ ଆଣି ପହଞ୍ଚିଲା । ଦାଣ୍ଡରେ ରେକ୍‌ସା ରହିବା ଶବ୍ଦ ଶୁଣି ଚୁନି ଘା ଶୋଇବା ଘରୁ ଗୁକରକୁ ଡାକି କହିଲା--ରେକ୍‌ସାକୁ ଫେରାଇ ଦେ ବୁଲିଯିବା ମୋର ବନ୍ଦ ହେଲାଣି ।

ରେକ୍ସାବାଲା ପୋଲସବାବୁଙ୍କ ଘର ଜାଣିଥିଲେ ବି ଟିକିଏ ପାଟିକରି କହିଲା—ମା' ମୁଁ ଅନେକ ବାଟରୁ ଆସିଲିଣି । ଅନ୍ୟ ଗରାଖ ଛାଡ଼ିଥିଲେ, ଖାଲି ବାବୁଙ୍କ ନାଁ ଶୁଣି ଆସିଲି । ସନ୍ଧ୍ୟା ବେଳ-ଟାରେ ଗୋଟାଏ ପଇସା ବି ବଇନି ହୋଇ ନାହିଁ ।

ଝୁନୁ ଘରୁ ଶୁଣାଇ କହିଲା—ଚାରିଟା ପଇସା ଦେଲି, ଯା । ରେକ୍ସାବାଲା ଘଣ୍ଟି ଠନ୍ ଠନ୍ କରି ରାସ୍ତା ଉପରେ ଦେଇ ଚାଲିଗଲା । ଝୁନୁ ଆଉ ଖଣ୍ଡିଏ ଭଲ ଶାଢ଼ୀ ଟ୍ରଙ୍କରୁ ଫିଟାଇ ଖଟ ଉପରେ ଥୋଇଲା । ଦି'ହରଅ ସୁନାହାରଟି ବେକରେ ନାଇ ଚାକରକୁ କହିଲା—ପାନ ଆଠ ଦଶ ଖଣ୍ଡ ଭାଙ୍ଗି ଦେ । ତୋ ଲୁଗାକୁ ପିନ୍ଧି ଥା । ମଟର ଆସିଲେ ଅମୂଲ୍ୟବାବୁଙ୍କ ବାହାଘରକୁ ଏଇକ୍ଷଣି ଯିବାକୁ ହେବ ।

ଚାକରଟି ଖୁସି ହୋଇ ପାନ ଭାଙ୍ଗି ବସିଲା ।

ପ୍ରାୟ ପଇଁଚାଳିଶ ମିନିଟ ପରେ ନାଲି ରଙ୍ଗର ଏକ ମଟରଗାଡ଼ି ମହେନ୍ଦ୍ର ବାବୁଙ୍କ ଦୁଆର ଆଗରେ ଆସି ଅଟକିଲା । ମଟର ଶବ୍ଦ ଶୁଣି ଝୁନୁ ତରତର କରି ଶାଢ଼ୀଟି ବଦଳି ପକାଇ ଦାଣ୍ଡ ଦୁଆର ମୁହଁରେ ପହଞ୍ଚିଲାକ୍ଷଣି ଜଣେ ଯୁବତୀ, ଦାଣ୍ଡ ମେଲା ଭିତରକୁ ପଶିଯାଇ ହସି ହସି ଝୁନୁକୁ ନମସ୍କାର କରି କହିଲେ—ମା' ଅନେକବେଳୁ ତମକୁ ନେଇଯିବା ପାଇଁ ଲଗାଇଲେଣି । ଡ୍ରାଇଭର ମଟର ନେଇ ଅନ୍ୟ ଆଡ଼େ ଯାଇଥିବାରୁ ଡେରି ହେଲା । ଆସନ୍ତୁ ?

ଝୁନୁ ସେହି ଯୁବତୀର ସୁନ୍ଦର ରୂପ, ଅଧୁନିକ ରୁଚିର ସୁନା ଗହଣା ଆଡେ ଆଖି ପକାଉ ପକାଉ ହସି ହସି କହିଲା—ଭିତରକୁ ଆସ—ଯିବା ତ !

ଦୁହେଁ ଆଗପଛ ହୋଇ ଝୁନୁ ଶୋଇବା ଘରକୁ ଗଲେ । ଝୁନୁ, ଆଦର କରି ଆସିଥିବା ଯୁବତୀକୁ ଖଟ ଉପରେ ବସାଇଲା ।

ଦୁହେଁଯାକ ଗପସପ ହେଉ ହେଉ ଆସିଥିବା ଯୁବତୀଟି କହିଲେ, ଲତାର ବାହାଘର ହେବ ବୋଲି ମୁଁ ଏଇ ଅଠଦିନ ହେଲା ମୋଟେ ଶୁଣିଲି । ଧର୍ମକୋଟ ଷ୍ଟେଟରେ ଆମର ଏ ବାବୁ ଘରୋଇ ମାନେଜର । ଛୁଟି ଆଣିବା ମହା ମୁସ୍କିଲ । ବହୁ କଷ୍ଟରେ ସାଙ୍ଗା ଅଠଦିନ ଛୁଟି ଦେଇଛନ୍ତି । ମୁଁ ତ ଗଲା ପରଦିନ ଆସି ପହଞ୍ଚିଛି । ତମ ବାବୁ ଏଠିକୁ ଆସିବା ଆଗରୁ ମୋର ବାହାଘର ହୋଇଥିଲା । ମୁଁ ଲତାର ବଡ ଭଉଣୀ, ମୋ ନାଁ ଅରୁଣା । ମୁଁ ଆସିବାର ଏଇ ଦି'ଦିନ ଭିତରେ ଭୁଇଙ୍କ ସହିତ ତମ ବାବୁଙ୍କର ଯେ କି ସାଙ୍ଗ ତାହା ମୁଁ ସବୁ ଶୁଣିଛି । ଆସ ଯିବା, ମଠର ପୁଣି ଅନ୍ୟଆଡ଼େ ଯିବ ।

ଟୁନି ଅରୁଣା ହାତକୁ ପାନ ଗୁଆଖଣ୍ଡ ବଢାଇଦେଇ ମୁରୁକି ହସି କହିଲା-ଆସ, ମୋତେ ଯେପରି ଘଣ୍ଟାକ ଭିତରେ ଛାଡ଼ି ଦେଇ-ଯିବ ! ତମ ଘରକୁ ଯିବା କଥା ଆଜି ମୁଁ ଜାଣିଲି । ବାବୁଙ୍କର ବାହାଘର କଥା ମୋଟେ ମନେ ନ ଥିଲା । ଆଜି କଟକରୁ ଜଣେ ଲୋକ ପଠାଇ ତମ ଘରକୁ ଯିବା କଥା ଲେଖିଛନ୍ତି ।

ଅରୁଣା ପାନ ଗୁଆଖଣ୍ଡ ଅଣ୍ଟାରେ ଖୋସି ଖଟ ଉପରୁ ଓହ୍ଲାଇ ଆସିଲା ।

ଟୁନି କହିଲା - ପାନ ଖାଇଲ ନାହିଁ ?

ଅରୁଣା ହସିଦେଇ କହିଲା—ମୁଁ ପିଲାଦିନୁ ପାନ ଖାଏ ନାହିଁ ।

ଟୁନି, ଅରୁଣା ଦୁହେଁଯାକ ବାରଣ୍ଡାକୁ ଆସିଲେ । ଟୁନି କହିଲା, ମଠରକୁ ଚାଲ, ମୁଁ ପିଉସୀଙ୍କୁ କବାଟ ଦେଇଯିବା ପାଇଁ ଡାକୁଛି ଘର [illegible] ।

ପ୍ରାୟ ଦୁଇମିନିଟ ପରେ ଗୁଡ଼ାକର ସନ୍ଧାନ ଝୁନ୍ନୁ ଆସି ମଟର ପାଖରେ ପହଞ୍ଚିଲାକ୍ଷଣି ଅରୁଣ କହିଲା—ତମେ ଏଇଠିକୁ ଆସ । ସେ ପିଲାଟି ଆଗରେ ବସୁ ।

ଝୁନ୍ନୁ ମଟରରେ ବସିଲାକ୍ଷଣି ଡ୍ରାଇଭର ସହରର ଲୋକଗହଳି ବାଟ ନ ଦେଇ ସମୁଦ୍ର କୂଳେ କୂଳେ ନିରୋଳା ରାସ୍ତା ଦେଇ ଆଗକୁ ଛୁଟାଇ ଦେଲା । ଅରୁଣ କହିଲା, ଏଇବାଟ ଦେଇ ମୁନାର ଗୋସାଇଁ ପାଖରେ ଜଣେ ଓକିଲ ବାବୁଙ୍କର ସ୍ତ୍ରୀ ଓ ଝିଅଙ୍କୁ ମଧ୍ୟ ନେଇଯିବା । ଠାକୁର ଦର୍ଶନ ବି ହେବ ।

ଝୁନ୍ନୁ କହିଲା—ହଉ ।

କିଛି ବାଟ ଗଲା ପରେ ଅରୁଣ ପଚାରିଲା—ତମ ପାଖରେ ଲବଙ୍ଗ ଅଛି ?

ଝୁନ୍ନୁ କହିଲା—ନା, ବସାରେ ଥିଲା । ମନେ କରିଥିଲେ ନେଇ ଆସିଥାନ୍ତି ।

ଅରୁଣ କହିଲା—ଅଛା, ଆଗରେ ଯେଉଁ ଆଳୁଅ ଦିଶୁଛି, ସେଇଠୁ କିଣି ଆଣିବା ।

ମଟର ଅଳ୍ପବାଟ ଗଲାପରେ ଦୋକାନଟି ନିକଟ ହେବାରୁ ଅରୁଣ ଡ୍ରାଇଭରକୁ ଅଟକାଇ କହିଲା—ଟିକିଏ ମଟର ଅଟକାଇ ଦିଅ । ଝୁନ୍ନୁ ଦେଈଙ୍କ ପାଇଁ ଚାରି ପଇସାର ଲବଙ୍ଗ ନେଇ ଆସୁ । ଅରୁଣ ଚାରିଟି ପଇସା ତା ପିଲାଟିର ହାତକୁ ବଢ଼ାଇ ଦେଲା ।

ପିଲାଟି ମଟରରୁ ଓହ୍ଲାଇବା ସଙ୍ଗେ ସଙ୍ଗେ ଡ୍ରାଇଭର କହିଲା, ତୁ ଲବଙ୍ଗ ନେଇ ଏଇଠି ଠିଆହୋଇ ଥା । ଜଲଦି ଯିବା । ଡର କ'ଣ

ଲୋକେ ସମୁଦ୍ର କୂଳରେ ବୁଲାଚଲା କରୁଛନ୍ତି । ଆମେ ଏଇ ସୁନାର ଗୌରାଙ୍ଗ ପାଖରୁ ଓଙ୍କିଲବାବୁଙ୍କ ସ୍ତ୍ରୀଙ୍କୁ ନେଇ ଫେରି ଆସୁଛୁ ।

ଗୃହର ଠୋକାଠି ରହି ରହି କହିଲା—ହଁ ।

ଡ୍ରାଇଭର ଆଉ କିଛି ନକହି ମଟର ଖୁବ୍ ଜୋରରେ ଛୁଟାଇ ଦେଲା ।

ପ୍ରାୟ ପାଞ୍ଚମିନିଟ ପରେ ଗୋଟାଏ ନିଛାଟିଆ ଜାଗାରେ ମଟର ଯାଇ ଅଟକିଲା । ଆଗରେ କେତୋଟି ବରଗଛ । ସେଇ ଗଛ ଆଗରେ ଗୋଟିଏ ବେ-ମରାମତି ଭାବରେ ପଡ଼ି ରହିଥିବା ଏକମହଲା କୋଠା । ମଟର ଅଟକିବା ସଙ୍ଗେ ସଙ୍ଗେ ଅରୁଣ କହିଲା—ମୁଁ ସେମାନଙ୍କୁ ଡାକି ଆଣୁଛି, ତମେ ବସ ।

ଟୁନି ଅସ୍ଥିର ହେଲାପରି କହିଲା—ଏ ଭଙ୍ଗା ଘରେ କ'ଣ ଓଙ୍କିଲବାବୁ ରହନ୍ତି ନା କଣ ?

ଅରୁଣ ହସିଦେଇ କହିଲା—ଏ ଭଡ଼ା ଘର । କଲିକତାର ଜଣେ ବଙ୍ଗାଳି ଭଦ୍ରଲୋକଙ୍କର । ଯୁଦ୍ଧ ଭିତରେ ଭଲ ଘର ଥିଲା । ଦାଙ୍ଗାପାଖରୁ କେବଳ ମରାମତି ନ ହୋଇ ଏପରି ପଡ଼ିଛି ।

ଅରୁଣ ସେହି କୋଠାର ଦରଜା ଦେଇ ଭିତରକୁ ପଶିଗଲା । ପ୍ରାୟ ଦୁଇ ତିନି ମିନିଟ ପରେ ଅରୁଣ ସହିତ ଆଉ ଜଣେ ସ୍ତ୍ରୀଲୋକ ଫାଟକ ପାଖକୁ ଆସି ହସ ହସ ଗଳାରେ ଡାକି କହିଲା—ତମ ବାବୁଙ୍କୁ ଆମ ଘରେ ସମସ୍ତେ ଭଲକରି ଚିହ୍ନନ୍ତି । ଭିତରକୁ ଆସ ।

ଓକିଲବାବୁଙ୍କ ବୋହୂ ଅପଣଙ୍କୁ ପାଛୋଟି ନେବାପାଇଁ ଆସିଛନ୍ତି । ସେମାନେ ଲଗାପଟା ପିନ୍ଧିଛନ୍ତି, ନିକଏ ଡେରି ହେବ ।

ଟୁନି ଯିବାକୁ ଇଚ୍ଛା କରୁ ନ ଥିଲେ ବି ଭଦ୍ରତା ଖାତିରରେ ମଟରରୁ ଓହ୍ଲାଇ ଫାଟକ ପର୍ଯ୍ୟନ୍ତ ଗଲା ।

ଅରତି ସାଙ୍ଗରେ ଆସିଥିବା ସ୍ତ୍ରୀ ଲୋକଟି ଟୁନିକୁ ଆଦର କରି ଅସ ଅସ କହି ବାଟ କଢେଇ ନେବାକୁ ଲଣ୍ଠନ ଆଣିବାପାଇଁ ଆଗେ ଆଗେ ଚାଲିଗଲା । ଅରତି, ଓ ଟୁନି କଥାବାର୍ତ୍ତା ହୋଇ ହୋଇ ଭିତରକୁ ଚାଲିଲେ ।

ଟୁନି, ଅରତି ସଙ୍ଗରେ କଥାବାର୍ତ୍ତା ହେଉଥିଲେ ବି ଅନ୍ଧାରୁଆ ଅରମା ଜାଗା ଭଙ୍ଗା କୋଠାବାଡ଼ି ଦେଖି କୌଣସି କଥାରେ ଅବିଶ୍ୱାସ କରିବାର କିଛି କାରଣ ନ ଥିଲେ ବି ତା' ଜୀବନରେ ଖଣ୍ଡଗିରି ପାହାଡ ତଳର ଭୀଷଣ ଦୃଶ୍ୟ କଥା ମନେ ପଡି ଭୟରେ ଛାତି ଥରି ଉଠୁଥାଏ ।

କିଛି ସମୟ ପରେ ପିଲାଟିଏ ତରବର ହୋଇ ଲଣ୍ଠନ ନେଇ ବାଟ ଦେଖାଇବାକୁ ଅଟେଇ ଆସିଲା । ସେହି ଲଣ୍ଠନ ଆଲୁଅରେ ଦୁହେଁ ଅଧ ମିନିଟ ବାଟ ଆଗେଇ ଗଲା ପରେ ପିଣ୍ଡା ପାହାଚ ଉପରକୁ ଉଠିଗଲାକ୍ଷଣି ଚାକର ଟୋକାଟି ଆଉଜା ହୋଇଥିବା ଦରଜାଟି ଖୋଲି ଦେଇ କହିଲା—ଭିତରକୁ ଆସ ।

ଟୁନି ଘର ଭିତରକୁ ପଶିଯାଇ ଦେଖିଲା—ସେ କୋଠରିଟି ସେମିତି ଅରମା ହୋଇ ପଡ଼ିଛି । ସେଠି ଯେ ମଣିଷ, ବିଶେଷତଃ ଜଣେ ଓକିଲବାବୁ ଅଛନ୍ତି, ଏକଥା କେହି ଭାବି ପାରିବ ନାହିଁ । ଟୁନିର ଲୋମମୂଳ [illegible] ଉଠିଲା ।

ସେହି କୋଠରୀ ପରେ ଆଉ ଗୋଟିଏ କୋଠରୀ । ସେ କୋଠରୀର ଭଙ୍ଗା କବାଟ ବି ଅଉଜା ହୋଇଛି । ଗୁଣ୍ଡର ଟୋକାଟି ସେ ଦରଜା ପାଖରେ ହେଲାବେଳକୁ ଝୁନୁର ଇଚ୍ଛା ହେଉଥିଲା, ପଚାରନ୍ତା, ଏଇ କ'ଣ ଓକିଲବାବୁଙ୍କ ଘର ? ଏତେ ଭିତରେ ଇମିତି ଭୟଙ୍କର ଯାଗାରେ କିମିତି ଏମାନେ ଏଠି ଅଛନ୍ତି । କିନ୍ତୁ ଏ ନିର୍ଜନ ଯାଗାରେ ପୁଣି ଏ ଭଙ୍ଗାଘର ଭିତରେ କିଛି ପଚାରିବାକୁ ତାହାଙ୍କୁ ଝୁନୁର ସାହାସ ହେଲା ନାହିଁ । ସେତେବେଳକୁ ଗୋଟାଏ ଅଜଣା ଭୟରେ ତାର ଛାତି ଉଠୁଥିଲା ପଡୁଥିଲା । ଅରତ ବି ନୀରବ । ଝୁନୁର ଗୋଡ଼ ଥରୁଥିଲା ।

ପିଲାଟି ପୁନର୍ବାର ଅନ୍ୟ କୋଠରୀ ଦରଜାଟି ଖୋଲିବା ସଙ୍ଗେ ସଙ୍ଗେ ଝୁନୁ ପଛପଟରୁ ଅରତ ରହି ହସି ହସି କହିଲା, ଚାଲ ଝୁନୁ-ଦେଈ ଭିତରକୁ । ସ୍ତା'ର ଭିତରେ ବାହାଘର ହେଉଛି ।

ଝୁନୁର ବୁଝିବାରେ ଆଉ କିଛି ବାକି ନଥିଲା । ଅରତଠାରୁ ପଦ୍ମହାସର କଥା ଶୁଣୁ ଶୁଣୁ ତା ଦେହରୁ ଝାଳ ବୋହି ଗୋଡ ଥରୁ-ଥିଲା, ସତେ ଯେମିତି ଏବକ୍ଷଣି ତାର ପ୍ରାଣ ଛାଡିଯିବ ।

ଝୁନୁ ଦରଜା ଏପାଖରେ ନିର୍ବାକ ହୋଇ ଛିଡ଼ା ହୋଇଯିବାରୁ ଅରତ ପଛପଟରୁ ଏକରକମ ଠେଲିଲା ପରି ଝୁନୁକୁ ଆଗପଟକୁ ନେଇଗଲା ।

ସେହି କୋଠରୀ ଭିତରେ ଗୋଟିଏ ଲଣ୍ଠନ ଆଲୁଅ ମଝିରେ ରଖି ଗୁଡ଼ିଏ ଗୁଣ୍ଡା ଶ୍ରେଣୀର ଲୋକ ମଦ ପିଇବାରେ ବ୍ୟସ୍ତ । ପାଖରେ ଗୁଡ଼ିଏ ପାଞ୍ଚଟା ହାତେ ହାତେ ଲମ୍ବର ଛୁରୀ ପଡି ଚକ୍ ଚକ୍ ମାରୁଛି ।

ଭୟରେ ଠୁନ୍ନିର ଶରୀର ଅବଶ ହୋଇ ପଡ଼ିଥିଲେ ସୁଦ୍ଧା, ଏ ଅଭଦ୍ର ଦୃଶ୍ୟ ଦେଖି ଗୋଟାଏ ଜୋର୍‌ରେ ଚିତ୍କାର କରି ଉଠିଲା।

ମଦ ପିଇ ମାତାଲ ହୋଇଥିବା ଜଣେ ଲୋକ ଅଟ୍ଟହାସ୍ୟରେ ହସି ଉଠିଲା। ତା' ପରେ ଦି'ଜଣ ଲୋକ ସାଙ୍ଗେ ସାଙ୍ଗେ ଦୁଇଟା ଛୁରୀ ଘେନି ଠୁନ୍ନି ପାଖକୁ ଛୁଟି ଆସି ତାର ମୁହଁ ପାଖରେ ନାଚନମାଛି ମୁହଁ ହଲାଇ କହିଲେ— ଏଇ ଠୁନ୍ନି ନା! ଯା'ର ଗେରସ୍ତ ମହେନ୍ଦ୍ରବାବୁ ଆମର ସର୍ବନାଶ କରିଛନ୍ତି! ତା'ପରେ ଜଣେ ଛୁରୀଟାକୁ ଠୁନ୍ନି ଛାତି ପାଖରେ ଲହ ଲହ କରି କହିଲା— ଆଉ ଯଦି ପାଟିକରୁ, ତାହାହେଲେ ଏଇ ହାତେ ଲମ୍ବର ଛୁରୀ ଛାତି ଭିତରକୁ ସମୁଦାୟ ପୂରିଯିବ।

ଠୁନ୍ନିର ଆଉ ଠିଆ ହେବାର କ୍ଷମତା ଆଉ କିଛି ଦେଖିବାର କି ଶୁଣିବାର ଶକ୍ତି ନ ଥିଲା। ସେ ସେହି ମୁହୂର୍ତ୍ତରେ ନଥ କରି ତଳେ ବସି ପଡ଼ିଲା। ଠୁନ୍ନି ଅଚେତନ ହୋଇ ପଡ଼ିବାର କେତେ ସମୟ ବିତି ଯାଇଛି। କେଜାଣି କିଏ ଜଣେ ଠୁନ୍ନି ମୁହଁରେ ପାଣି ମାରି ଡାକିଲା— ଠୁନ୍ନି ଦେଈ ଉଠ, ଘରକୁ ଯିବ ପରା!

ପ୍ରାୟ ଦୁଇମିନିଟ ପରେ କାହାର ଚିତ୍କାରସ୍ୱର ଶୁଣି ଠୁନ୍ନି ଗୋଟିଏ ହୋସରେ ଆଖିମେଲି ଅନାଇଲା, ଜଣେ ସ୍ତ୍ରୀଲୋକ ତା'ପାଖରେ ବସି ତାକୁ ଉଠିବାକୁ ଡାକୁଛି।

ଠୁନ୍ନି ଦୋ ଦୋ ଚାହାଁ ହୋଇ ତା'ର ମୁହଁ ଅଡ଼େ କରୁଣ ଦୃଷ୍ଟିରେ ଚାହିଁ ରହିଲା।

ସେହି ସ୍ତ୍ରୀ ଲୋକଟି କିଛିସମୟ ହସ ହସ ମୁହଁରେ ଠୁନ୍ନି ମୁହଁ ଆଡେ ଚାହିଁ ରହି କହିଲା— ଚିହ୍ନି ପାରୁନା ଠୁନ୍ନି ଦେଈ! ମୁଁ ପରା ମାଳତୀ। ତମ ସ୍ୱାମୀ ଅନେକ ଲୋକଙ୍କୁ ମରାଇଛନ୍ତି। ମୋତେ ମାରି ପାରି ନାହାନ୍ତି, ମୁଁ ବଞ୍ଚିଛି।

ମାଲତୀ ! ଯିଏ ତାକୁ ଦିନେ ଷଡ଼ଯନ୍ତ୍ରରେ ନେଇ କାଳୀ ଆଗରେ ବଳି ଦେବାପାଇଁ ଅର ଗଳାରେ ତାର ବେକକୁ ପୁରାଇଥିଲା । ସେହି ମାଲତୀ ! ଚନ୍ଦ୍ରା ଆହୁରି ଜୋରରେ ଥରିବାକୁ ଲାଗିଲା ।

ମାଲତୀ, ଚନ୍ଦ୍ରାକୁ ଏପରି ଦେଖି ହସି ହସି କହିଲା—ଇମିତି ହେଲେ ଆଉ କ'ଣ ହେବ । ଏଇକ୍ଷଣି ତମର ଆଉ କୌଣସି ବିପଦ ନାହିଁ । ଦେଖୁନା, କମିତି ସମସ୍ତେ ମଉଜ ମଜଲିସ୍ କରୁଛନ୍ତି ।

ଚନ୍ଦ୍ରା ଅନେକକ୍ଷଣ ନିର୍ଜୀବ ଭଳି ପଡ଼ି ରହିବା ପରେ ତାର ଖିଆଲ ହେଲା, ଗଲା କେତେକ୍ଷଣ ଆଗରୁ ଯେଉଁ ମାତାଲମାନେ ଏ ଘରେ ଥିଲେ ସେମାନେ ଆଉ ନାହାନ୍ତି ତ ! ଚନ୍ଦ୍ରା କନ କନ ହୋଇ ଘରର ଚାରିଆଡ଼କୁ ଚାହିଁ ଲକ୍ଷଣି ଦେଖିଲା--ସେହି ମାତାଲଙ୍କ ମଝିରେ ଆରତି ବସିଛନ୍ତି, ସେଥିଭିତରୁ ଜଣେ ମାତାଲ ଢଳି ଢଳି ନିଜ ହାତରେ ଆରତିକୁ ମଦ ପିଆଇ ଦେଉଛନ୍ତି । ଚନ୍ଦ୍ରା ଭୟରେ ଆଖି ଫେରାଇ ଆଣିଲା ।

ଚନ୍ଦ୍ରା ଆଖି ଫେରାଇ ଆଣିବାରୁ ମାଲତୀ ହସି ଦେଇ କହିଲା ଦେଖୁଛ ଚନ୍ଦ୍ରା ଦେଇ ! କିପରି ମଉଜ ମଜଲିସ୍ ! ତମେ ମହେନ୍ଦ୍ର-ବାବୁଙ୍କୁ ଭୁଲିଯାଅ । ଏଇକ୍ଷଣି ଆମେ ଅନ୍ୟ ଆଡେ ଯିବା । ଯଦି ଭୋକ କରୁଛି, କିଛି ଖାଇ ନିଅ ।

ଚନ୍ଦ୍ରା ଆଗପଛ ଭୁଲି କେବଳ କାନ୍ଦିବାକୁ ଲାଗିଲା । ମାଲତୀ ଚନ୍ଦ୍ରା ସାଙ୍ଗରେ କଥା କହୁଥିବାରୁ ସେ ମାତାଲଙ୍କ ଭିତରୁ ଆରତି ଉଠି ଆସି ନିର୍ଲଜ୍ଜଙ୍କ ପରି କହିଲା—ଚନ୍ଦ୍ରା ଦେଇ, ତମ ସ୍ୱାମୀ ଭାରି ସିଆଣିଆ ବୋଲି ଆମ ଦଳକୁ ଧରିବାକୁ ଯାଇଛନ୍ତି ! ଏଣେ ନିଜର

ମାଇପ ଗ୍ରେଫ୍ତ ହୋଇଗଲାଣି । ଖୁବ ମଜାକଥା । ତା ପରେ ମନକୁ ମନ ବେଦମ ହୋଇ ହସିବାକୁ ଲଗିଲା ।

ଟୁନିର ମନ ତା ପ୍ରତି ରାଗ ଘୃଣାରେ ଜଳି ଯାଉଥିଲେ ବି ଆଉ ଉପାୟ କ'ଣ । କେବଳ ଆଖିର ଲୁହ ଢାଳି ମଲଙ୍କ ପରି ପଡ଼ି ରହିଲା ।

ହଠାତ୍ ବାହାର ଦରଜାରେ ଖଟ୍ ଖଟ୍ ଫୁସ୍ ଫୁସ୍ କଥା ଶୁଣି ସେହି ମାତାଲଙ୍କ ଭିତରୁ ଜଣେ ଯାଇ କବାଟ ଫିଟାଇ ଦେଲା । ସେ ଆଉ କେହି ନୁହେଁ, ସେହି ଦଳର ମଟର ଡ୍ରାଇଭର । ସିଧା ଦରଜା ପରେ ଦରଜା ଦେଇ ସମସ୍ତେ ଥିବା କୋଠରୀକୁ ପଶି ଆସି ଟୁନିକୁ ଦେଖି ପକାଇ କହିଲା—ଠିକ ହୋଇଛି । ଖାଲି ବାକି ରହିଲା, ସେହି ବଦମାସ ଗୋଇନ୍ଦା ପୁଲିସ ମହେନ୍ଦ୍ର । ତାକୁ ଯେଉଁ ଦିନ ଅଣା-ହେବ, ସେଦିନ ଯାଇ ମୋ ମନରେ ଶାନ୍ତି । ମୋର ନିଜ ହାତରେ କାଳୀ ଆଗରେ ତାର ବେକକୁ ମୁଁ ଛିଣ୍ଡାଇ ଦେବ ।

ଟୁନିର ଅନ୍ତର ଏହି ନିଷ୍ଠୁର କଥାରେ ଶିହରି ଉଠିଲା ସତ, କିନ୍ତୁ ଆଉ କିଛି ଭାବିବାର ଭାବନା ଶକ୍ତି ତାର ଲୋପ ହୋଇ ଯାଇଥିଲା ଯେପରି ।

ତା' ପରେ ସେହି ଡ୍ରାଇଭର କହିବାକୁ ଲଗିଲା—ଡେରି କାହିଁକି ! ସମୁଦ୍ରକୂଳ ନିଶୁନ ହୋଇ ଆସିଲାଣି । ମୁଁ ମଟର ନେଇ ସମୁଦ୍ର ପାଖ ରାସ୍ତାରେ ରଖିଛି । ବେଶୀ ଡେରି ହେଲେ ପହରାବାଲା ପୋଲିସ କିଛି ପଚାରି ପାରେ । ଚଞ୍ଚଳ ଯିବାକୁ ଠିକ ହୁଅ । ଆମ ସର୍ଦ୍ଦାରଜୀ ଯାହା କରିବାକୁ କହିଥିଲେ ତାହା ଠିକ୍ ଠିକ୍ ହୋଇ ଯାଇଛି ତ ?

ସେହି ଦଳର ଜଣେ ମାତାଲ ଡ୍ରାଇଭର ହାତ ଧରି ଅନ୍ୟ ଗୋଟିଏ କୋଠରୀକୁ ଆଣି ନେଇ କହିଲା ଦେଖ, ସେ କାମ କ'ଣ ବାକି ଅଛି ! ଏ ଘରରେ ସବୁ ଠିକ୍ ଠାକ୍ ହୋଇ ଯାଇଛି । କେବଳ ଏଇ ଝିଅଟିକୁ ଅଚେତନ କରିଦେଲେ, ଅନ୍ୟ ବାକି କାମତକ ଶେଷ ହୋଇଯିବ, ତା'ପରେ ସମସ୍ତେ ଚାଲିଯିବା । ରାତି ଏଗାରଟା ସୁଦ୍ଧା ଠିକଣାରେ ପହଞ୍ଚିଲେ ହେଲା । ତମର ଖାଇବା ଜିନିସ ସେଠି ରଖାଯାଇଛି, ଆଗେ ଖାଇ ଦିଅ ।

ସେହି ଦଳର ଡ୍ରାଇଭର ଜଣକ ବି ସେହି କୋଠରୀର ଲଜ୍ଜାବହ ଦୃଶ୍ୟ ଦେଖି ପ୍ରଥମେ ଚମକି ଉଠିଲା । ତା'ପରେ ଖୁସି ହୋଇ କହିଲେ—ପୋଲିସର ସାଧ୍ୟ ନାହିଁ ଏକଥା ବୁଝିବାକୁ । ଠିକ୍ ହୋଇଛି ।

ଡ୍ରାଇଭର ଖାଇସାରି କହିଲା—ଆଉ ଡେରି କରି ହେବ ନାହିଁ, ଆମ ପିଲାଟିକୁ ମଟରରେ ବସାଇ ଦେଇ ଆସିଛି । କିଏ ପଚାରିଲେ କ'ଣ ଉତ୍ତର ଦେବାକୁ ହେବ ତାହା ମଧ୍ୟ ବତାଇ ଦେଇ ଆସିଛି । ଏଥର କାମ ସାରି ।

ତା'ପରେ ଆରତ ହାତକୁ ଡ୍ରାଇଭର ଗୋଟିଏ ଛୋଟିଆ ବୋତଲ କାଢ଼ି ତୁଳା ବଢ଼ାଇ ଦେଲା । ଆରତ ଅଣ୍ଟାରେ ଖୋସିଥିବା ସୁବାସିତ ରୁମାଲଟି କାଢ଼ି ତା' ଉପରେ ତୁଳାତକ ରଖି ସେହି ତୁଳାରେ ସେହି ଛୋଟ ବୋତଲର, ପ୍ରାୟ ତିରିଶବୁନ୍ଦା ଶରୀର ଅଚେତନକାରୀ ଔଷଧ ପକାଇ ଦେଇ କହିଲା—ଏଥର ଠିକ୍ ଅଛି, ଚାଲ ।

ଆରତ ମୁହଁରୁ କଥା ଶେଷ ହେଲାକ୍ଷଣି, ମାଳତୀ ଯାଇଁ ଝିଅଟି ପାଖରେ ଠିଆ ହେଲା । ଝିଅ ସେମିତି ଆଖି ବୁଜି ତଳେ ପଡ଼ିଯାଇ-

ଥାଏ ତାର ଧାର୍ମିକା ଙ୍କର ଅଢ଼ଙ୍କ ନାଲ ଶାଢ଼ୀଟି ଧୂଳିରେ ଲୋଟିଥାଏ ଅଯତ୍ନ ଭାବରେ ।

ଆରତ୍ତ ଝୁନ୍ନି ପାଖରେ ପହଞ୍ଚିଲାକ୍ଷଣି, ହଠାତ୍ ମାଳତୀ ନିଜର ହାତ ଦୁଇଟାକୁ ଜୋରରେ ମାଡ଼ି ବସିଲା । ଆରତ୍ତ ଝୁନ୍ନି ମୁହଁରେ ଲୁଗା ପକାଇ ଦେଇ ତୁଳାରେ ଔଷଧ ପଡ଼ିଥିବା ରୁମାଲଟି ତାର ନାକ ପାଖରେ ବାରମ୍ବାର ଦେବାକୁ ଲାଗିଲା ।

ଝୁନ୍ନିକୁ ହଠାତ୍ ଏପରି ଭାବରେ କିଏ ମାଡ଼ି ବସିବାରୁ ଏବଂ ତାର ନାକ ପାଖରେ ଏପରି କଟୁଗନ୍ଧଯୁକ୍ତ କ'ଣ ଔଷଧ ଦିଆଯାଇ ଥିବାରୁ ସେ ଛଟପିଟି ହେବାକୁ ଲାଗିଲା । ତାର ଏ ଛଟପିଟି ହେବା ଦେଖି ସମସ୍ତେ ହସି ଉଠିଲେ । ପ୍ରାୟ ପାଞ୍ଚମିନିଟ ଯାଏ ଝୁନ୍ନି କେବଳ ଛଳବଳେଇ ହଉଥାଏ । ତା'ପରେ ସମ୍ପୂର୍ଣ୍ଣ ଅଚେତ ।

× × ×

ଲୁବଙ୍ଗ ପାଇଁ ଯାଇଥିବା ମହେନ୍ଦ୍ରବାବୁ ଗୃହର ଚୌକାଟି ଲବଙ୍ଗ ଗୃହର ପଇସାରେ ଆଣି ଡ୍ରାଇଭର କହିଯାଇଥିବା ସ୍ଥାନରେ ଠିଆ ହୋଇ ରହିଲା । ସେଇ ବାଟ ଦେଇ ଘଣ୍ଟାକ ପରେ ଗୋଟାଏ ସ୍କୁଟର ଆସିଲା, କାରୁ ପାଖକୁ ଆସିବାରୁ ଜଣାଗଲା, ଯେ ମଟରଟି ନାଲି ରଙ୍ଗର ନୁହେଁ, ଠିଆ ହୁଅନ୍ତା ବା କାହିଁକି ।

ଘଣ୍ଟାଏ ଗଲା, ଦୁଇଘଣ୍ଟା ଗଲା । ସମୁଦ୍ରକୂଳ ନିର୍ଜନ ହୋଇ ଲହଡ଼ିର ଗର୍ଜନରେ ସମୁଦ୍ରକୂଳ ଭୟଙ୍କର ହୋଇ ଉଠିଲା ।

ତଥାପି କୌଣସି ମଟର ଫେରିଲା ନାହିଁ । ଝୋକାଟି ହତାଶ ହୋଇ ଭାବିଲା, ବୋଧହୁଏ ସେମାନେ ତାକୁ ନ ନେଇ ଚାଲିଗଲେ । ସେ ଆଉ ବୃଥାରେ କାହିଁକି ଅପେକ୍ଷା କରି ବସି ରହିବ ! ବସାକୁ ଫେରିଯିବ ।

ଚାକର ଟୋକାଟି ବସାରେ ଆସି ପହଞ୍ଚିଲା ବେଳକୁ କଟେଜ ଘଣ୍ଟାରେ ସାତେଟ ବାରଟା ବାଜିଲା । ତାକୁ ଏକୁଟିଆ ଦେଖି ମହେନ୍ଦ୍ରବାବୁଙ୍କ ପିଉସୀ ପଚାରିଲେ—କିରେ, ତୁ ଏକୁଟିଆ ପଳେଇ ଆସିଲୁ କାହିଁକି ? ମା' ସଙ୍ଗରେ ଆସିବାକୁ ରହିଲୁନି ! ଗୋଟାଏ ଆସି ବାଜିବ, ଆସିବାକୁ ଆଉ କେତେ ଡେରି ହେବ ?

ତକା କମ୍ପିତକଣ୍ଠ ଉଦ୍ବେଗିଣୀ ଗଳାରେ କହିଲା—ସମୁଦ୍ରକୂଳରେ ମା'ଙ୍କୁ ଯେଉଁ ବାବୁଆଣୀ ନେବାକୁ ଆସିଥିଲେ—ସେ ଲବଙ୍ଗ ଚୂର ପଇସାର ଆଣିବାକୁ ପାଖ ଦୋକାନକୁ ପଠାଇଲେ । ମୁଁ ମଟରରୁ ଓହ୍ଲାଇଲାକ୍ଷଣି ଡ୍ରାଇଭର କହିଲା—ତୁ ଲବଙ୍ଗ ନେଇ ଏଇଠି ଆସି ଠିଆ ହୋଇଥିବୁ, ଆମେ ଆଗରୁ ଜଣେ ଓକିଲବାବୁଙ୍କ ଘରୁ ତାଙ୍କ ପିଲାପିଲିଙ୍କୁ ନେଇ ଆସୁଛୁ । ମୁଁ ଲବଙ୍ଗ କିଣି ସେଇଠି ବସିଛି । ଚାରିଘଣ୍ଟା ବିତିଗଲାଣି, ସେ ମଟର ଆସିଲା ନାହିଁ । ସମୁଦ୍ରକୂଳରେ କେହି ଗୋଟିଏ ହେଲେ ମଣିଷ ନାହାନ୍ତି । ଏକୁଟିଆ ବସି ବସି ବଡ଼ ଡର ଲାଗିବାରୁ ଚାଲି ଆସିଲି । ସେମାନେ ମୋତେ ଭୁଲି ଅନ୍ୟ ବାଟେ ଚାଲିଗଲେ କି କଣ ! କ'ଣ ଅଛି ମୋତେ ଖାଇବାକୁ ଦିଅ ମା' ? ବାହାଘର ଶିରି ପିଠା ଖାଇବି ବୋଲି ଆଶାକରି ଭୋକରେ ପେଟ ମୋର ହାଉ ହାଉ ହେଲାଣି ।

ମହେନ୍ଦ୍ରବାବୁଙ୍କ ପିଉସୀ ଏ କଥା ଶୁଣୁ ଶୁଣୁ ବିସ୍ମିତ ହୋଇ-ଥିଲେ ଓ ମହେନ୍ଦ୍ରବାବୁ ଚିଠି;ସୁନା ମୁଣ୍ଡ ପଠାଇ ବାହାଘରକୁ ଯିବାକୁ ବାରମ୍ବାର ଲେଖିଥିବାରୁ ପରମୁହୂର୍ତ୍ତରେ ସନ୍ଦେହର କୌଣସି କାରଣ ରହିଲା ନାହିଁ । ତେବେ ଟୁନୁ ଉପରେ ଚିଡ଼ିଚିଡ଼ି ହୋଇ ମନକୁ ମନ କହୁଥିଲେ—ସେ କାମିଡାକିଆ ଲୋକ କେଜାଣି, ଏକୁଂ ଆ ନୂଆ ଯାଗାକୁ ଯିବାକୁ ଠିକ୍ଏ ହେଲେ ଶଙ୍କା ନାହିଁ । ସେମାନେ ତ କିପରି ଲୋକ, ଜଣକୁ ବାଟରେ ଠିଆ କରାଇ ଦେଇ ମଠର ନେଇ ଡମ୍ଫଠ । କେତେବେଳେ ଆଣି ଗୁଡ଼ି ଦେଇ ଯାଉଛନ୍ତି ଦେଖାଯାଉ ।

ଶୁକର ଟୋକାଟି ଖାଇ ସାରି ବାଣ୍ଡ ମେଲକୁ ଶୋଇବାକୁ ଆସିଲା । ମହେନ୍ଦ୍ରବାବୁଙ୍କ ପିଉସୀ ତାଙ୍କ କୋଠରୀକୁ ଶୋଇବାକୁ ଗଲାବେଳେ ଡାକି କହିଲେ—ଡେଙ୍ଗ୍ ଶୋଇବୁ ଧନା ! ମୁଁ ବି ଡେଉଁ ଶୋଇଛୁ ! ମଠରେ ଆସିଲାକ୍ଷଣି କବାଟ ଫିଟାଇଦେବୁ ।

ଧନା କହିଲା—ହଉ ମା' ମୁଁ ଡେଙ୍ଗ୍ ଶୋଇଛୁ । ଶୋଇଥିଲେ ମଧ୍ୟ ମଠର ଯେଉଁ ଯେଉଁ ଶବ୍ଦରେ ମୋ ନିଦ ଭାଙ୍ଗିଯିବ ଯେ । ଫୁଲସ-ବାଲି ବେଞ୍ଚ ଉପରେ ଶୋଇଛୁ । ତାଙ୍କ ନିଦ ତ ଆହୁରି ପଡ଼ିଲା ।

ଧନା ମେଲରେ ତା' ବିଛଣା ଖଣ୍ଡିକ ପାରିଲାବେଳକୁ ଜାଗି ଶୋଇଥିବା କନେଷ୍ଟବଲ ଗୋପାଳ ସିଂହ ନିଦରେ ଗରଗର ହୋଇ ପରେଶ୍ରା କରିଯିବାକୁ ଉଠି ବସି କହିଲା—କିରେ ଧନା ! ବାହାଘର ଭାତ ଖାଇ ଏଇକ୍ଷଣି ଫେରିଲୁ ନା କ'ଣ ? ନିଦହିଁ ଆଜି ବେଶି ହୋଇଗଲା । ତମେସବୁ କେତେବେଳୁ ଆସିଲଣି ମୁଁ ଜାଣିନାହିଁ ।

ଧନା ହସିଦେଇ କହିଲା—ବାହାଘର ଖିରି ପିଠା କଥା ଆଉ କ'ଣ କହିବି ! ହେଇତ ଏଇକ୍ଷଣି ସମୁଦ୍ରକୂଳେ ବସି ବସି ଗୁହଁପାଖଲ

ଦାଣ୍ଠା ପିଉସୀ ମା'ଙ୍କୁ ମାଗି ଖାଉଛୁ । ମା' କ'ଣ ଏଣ୍ଡଫିନ୍ତୁ ଫେରିଲେଣି !

ଗୋପାଳ ସିଂହ ଦାଣ୍ଡ କବାଟ ଫିଟାଇ ବାହାରକୁ ଯାଉଁ ଯାଉଁ କହିଲା—କିରେ ଗୁଡ଼ୁଁପଖାଳ କ'ଣ ! ରହ ରହ, ବାହାରୁ ଆସେ, କଥା କ'ଣ ଶୁଣିବା ।

ଗୋପାଳ ସିଂହ ବାହାରୁ ଫେରି ଆସିଲାବେଳକୁ ତାର ନିଦ ପୁରା ଛାଡ଼ି ଯାଇଥିଲା । ଘର ଭିତରକୁ ପଶି ଆସି ଭିତରୁ କବାଟ ଦେଇ ଦେଇ କହିଲା—କ'ଣ କିରେ ଧନା ! ବାହାଘରେ ତୁ କ ଖାଇ ଉପାସରେ ଆସି ଏଠି ପଖାଳ ଖାଇଲୁ କାହିଁକି ?

ଧନା କହିଲା—ଗୋପାଳ ଭାଇ, ତମେ ବସ ମୁଁ ସବୁ କହୁଛି ।

ଗୋପାଳସିଂହ ତା ବିଛଣାରେ ବସିଲାକ୍ଷଣି ଧନା ପାନ ଖଣ୍ଡେ ପାଟିରେ ଯାକି ଗୋଟି ଗୋଟି କରି ଘଟଣା କହିଗଲା ।

ଗୋପାଳସିଂହ ବେଶ୍ ଚତୁର ଲୋକ । ଗୁରୁଧାଉଁ ପାଠପଢ଼ି ଥିଲେ କେତେ ସବ୍-ଇନ୍‌ସପେକ୍ଟର ତା ବୁଦ୍ଧିକୁ ସରି ହୁଅନ୍ତେ ନାହିଁ । ସେ ସବୁ କଥା ଶୁଣି ଶୁଣି ଟିକିଏ ଚିନ୍ତିତ ହୋଇଥିଲେ ବି ମହେନ୍ଦ୍ର ବାବୁ ଯେତେବେଳେ ଧନା ମୁଣ୍ଡ ପଠାଇ ଦିବାକୁ କହୁଛନ୍ତି, ସେଥିରେ ତାର ବିଶେଷ କିଛି ସନ୍ଦେହ ରହିଲା ନାହିଁ । ଧନା କଥା ବନ୍ଦ କଲାରୁ ଗୋପାଳ ସିଂହ କହିଲା—ଭୁଲ୍‌ରେ ବୋଧହୁଏ ମହିଷ ସିଆଡ଼େ ନେଇ ଯାଇଛନ୍ତି । ତେବେ ଆମ ବାବୁଆଣୀ ଯେତେବେଳେ ଥିଲେ ମନେ ପକାଇ ଦେଇଥିଲେ ତୋତେ ନ ନେଇ ଛାଡ଼ନ୍ତାଇ ନ ଥାନ୍ତେ । କେଉଁ ସାହୁ ସେ ବାବୁଙ୍କ ଘର ?

ଧନା କହିଲା—ମୁଁ ଦେଖିନାହିଁ । ମା' କହୁଥିଲେ ହେବଗୋହସ୍ତି ସାହି କେଉଁ ଅମୂଲ୍ୟବାବୁ ବଙ୍ଗାଳିଙ୍କ ଝିଅର ବାହାଘର । ସେ ବାବୁଙ୍କ ପୁଅ ଆମ ବାବୁଙ୍କର କୁଆଡ଼େ ଭାରି ସାଙ୍ଗ ।

ଗୋପାଳ ସିଂହ ଟିକିଏ ବିସ୍ମିତ ହୋଇ କ'ଣ ମନେ ପକାଇଲା ପରି ଦଣ୍ଡେ ନୀରବ ରହି କହିଲା—ହରଗୋହିରୀ ସାହି ! କେଉଁ ଅମୂଲ୍ୟବାବୁ ? ସେ ସାଇରେ ତ ମୋର କେହି ବାବୁ ଅଚିହ୍ନା ନାହାନ୍ତି । ଆଉ କେଉଁ ସାହି ହୋଇଥିବ, ତୋର ମନେ ନାହିଁ ।

ଧନା ଟିକିଏ ଭାବିଲା ପରି କହିଲା—ମୋର ମନେ ପଡୁଛି ହେରଗୋହିରୀ ସାହି ବୋଲି; ହେଇଥିବ ଆଉ କେଉଁ ସାହି ।

ଗୋପାଳ ସିଂହ ବିଛଣା ଉପରେ ଶୋଇ ପଡ଼ୁ ପଡ଼ୁ କହିଲା, ଆଜି ତୁ ସକାଳୁ କାହା ମୁହଁ ଚାହିଁଥିଲୁ କିରେ ! ଏଥର ଶୋଇପଡ଼ ମୁଁ ତ ବିଛଣାରେ ପଡ଼ୁଛି । ସଞ୍ଜପହର ନିଦ ହୋଇଗଲା, ଆଉ ଏଣିକି ନିଦ ହବ ନାହିଁ । ବାବୁଆଣୀ ଏଇକ୍ଷଣି ଫେରି ଆସିବେ, ମୁଁ କବାଟ ଫିଟାଇ ଦେବି ।

କଚେରୀ ଘଣ୍ଟାରେ ଠନ୍ ଠନ୍ ହୋଇ ତିନିଟା ବାଜିଲା । ମହେନ୍ଦ୍ରବାବୁଙ୍କ ପିଉସୀଙ୍କୁ ଗୃହଁ ଗୃହଁଆ ନିଦ ହୋଇ ଭାଙ୍ଗି ଯାଉଥାଏ । ଘଣ୍ଟାର ଠନ୍ ଠନ୍ ଶବ୍ଦରେ ତିନିଟା ବାଜିଲା ଜାଣି କାଳେ ଟୁନ୍ନି ତାଙ୍କ ଘୁଇ ନିଦ ଭିତରେ କେତେବେଳେ ଆସି ଯାଇ-ଥିବ, ବୁଝିବାପାଇଁ ବିଛଣାରୁ ଉଠିପଡ଼ି ସିଧା ଦାଣ୍ଡ ମେଲକୁ ଗଲେ । ଦୁଆର ମୁହଁରେ ଠିଆ ହୋଇ ଶୁଣିଲେ ଧନା ଘୁଙ୍ଗୁଡ଼ି ମାରୁଛି । କବାଟରେ ହାତ ମାରି ଧନା ଧନା ବୋଲି ଡାକ ଛାଡ଼ିଲେ । ଧନା ଜବାବ ଦେବା ଆଗରୁ ଗୋପାଳ ସିଂହ ଜବାବ ଦେଲା--କ'ଣ ମା' ?

ପିଉସୀ ବଡ ନରମ ଗଳାରେ ପଚାରିଲେ—ବୋହୂ, କ'ଣ ଏତେବେଳ ଯାଏ ଫେରି ନାହାନ୍ତି ପୁଅ ? ଦଶଟା ବାଜିଲାଣି, ସେ କେଉଁ ବଙ୍ଗାଳୀଘର ଚେନାଣି, ମୁଁ ପୁରୀରେ ପାଞ୍ଚବର୍ଷ ହେଲା ରହୁଲେଣି, ଧନେହେଲେ ତାଙ୍କ ଘର ସହିତ ଭାବଲାଭ କଥା ମୁଁ ଜାଣି ନାହିଁ । ଧନା ସାଙ୍ଗରେ ଥିଲେ ଟିକିଏ ନିଶ୍ଚିନ୍ତ ହୁଅନ୍ତି । ତାଙ୍କୁ ବି ସେ ବଙ୍ଗାଳୁଣୀଟା ବାଟରୁ ଓହ୍ଲାଇଦେଇ ଯାଇଛନ୍ତି । ମନ ଦବଦବରେ କ'ଣ ନିଦ ମାଡୁଛି ।

ଗୋପାଳ ସିଂହ କବାଟ ପିଠାଇ ଦେଇ ବିଜୁଳି ଆଲୁଅ ଜାଳି କହିଲା—ଧନାଠାରୁ ସବୁକଥା ଶୁଣିଲା ବେଳଠୁଁ ମୋ ଆଖିକୁ ବି ନିଦ ନାହିଁ । ମୁଁ ସେଇକଥା ଭାବୁଛି, ହେରଗୋହିର ସାହିରେ ତ କେହି ଅମୂଲ୍ୟବାବୁ ବଙ୍ଗାଳୀ ନାହାନ୍ତି । ଠିକ୍ କେଉଁଠିକି ଯାଇଛନ୍ତି ଖବର ଜାଣିଲେ ଭଲ ଏଇକ୍ଷଣି ଯାଇଁ ବୁଝି ଆସନ୍ତି । ଆଉ, ରାତି ପାହୁ ! ବାହାଘର କଥା, କାଲେ ତାଙ୍କର ବାଧ କରି ଅଟକାଇ ଦେଇଥିବେ ।

ମହେନ୍ଦ୍ରବାବୁଙ୍କ ପିଉସୀ ହତାଶିଆ ଭାବ ଦେଖାଇ କହିଲେ, ଆଉ ଏ ଦଶଟା ରାତିରେ ଉପାୟ କ'ଣ । ସକାଳ ହଉ ··

ସକାଳ ହେଲା, ତଥାପି ମହେନ୍ଦ୍ରବାବୁଙ୍କ ସ୍ତ୍ରୀ ଫେରିଲେ ନାହିଁ । ପିଉସୀଙ୍କ ଚିନ୍ତାର ସୀମା ରହିଲା ନାହିଁ । ଧନା ବି ପଡ଼ିଶାଘର ବାବୁମାନଙ୍କୁ ହେଉରେ ହଣ୍ଡି ଧାହୁର ଅମୂଲ୍ୟବାବୁ କିଏ ପଶ୍ଚାତ ବୁଝିବାରେ ଲାଗି ଯାଇଥାଏ । ଗୋପାଳ ସିଂହ ଆଉ ବସା ଛାଡ଼ିବା ଆଗରୁ କହିଗଲା— ମାଁ ବ୍ୟସ୍ତ ହୁଅ ନାହିଁ ; ମୁଁ ଘଣ୍ଟାକ ଭିତରେ ସବୁ ଖବର ନେଇ ଫେରି ଆସୁଛି ।

ଗୋପାଳ ସିଂହ ସକାଳୁ ସିଧା ହେଗ୍‌ଗୋହଗ୍ର ସାହି ଯାଇଁ ଭଲ ଭଲ କରି ବୁଝିନେଲ ଯେ, ଅମୂଲ୍ୟବାବୁ ବୋଲି ବେହି ବଙ୍ଗାଳି ସେ ସାହିରେ ନାହିଁ । ବାହାଘର ତ ଦୂରର କଥା, ଅନ୍ୟାନ୍ୟ ଆଖପାଖ ସାହିରେ ହେମିତ କୌଣସି ବଙ୍ଗାଳିର ଭାଲି ବାହାଘର ବି ନ ଥିଲା । ସେତେବେଳକୁ ଗୋପାଳ ସିଂହର କୌଣସି ଦୁର୍ଘଟଣା ଘଟିଛି ବୋଲି ଧାରଣା ହେଲାଣି । ବେଗ ତରତର ହୋଇ ମହେନ୍ଦ୍ରବାବୁଙ୍କ ଘରକୁ ନ ଯାଇ ସିଧା ଥାନାକୁ ଗଲା । ସେତେବେଳକୁ ଦିନ ଆଠଟା ।

ଗୋପାଳ ସିଂହ ଥାନା ଭିତରକୁ ପଶିଯାଇ ଦେଖିଲା, ମହେନ୍ଦ୍ରବାବୁଙ୍କ ଅନ୍ତରଙ୍ଗ ସବ୍‌ଇନ୍‌ସପେକ୍ଟର କୁଳମଣିବାବୁ ସେହିକ୍ଷଣି ଆସି ଥାନାରେ ବସୁଛନ୍ତି । ଗୋପାଳ ସିଂହକୁ ଦେଖି ପଚାରିଲେ, ମହେନ୍ଦ୍ରବାବୁଙ୍କ ଘରର ସବୁ ଭଲ ତ ? କ'ଣ ଅସୁବିଧା ହେଉଛି । କୁହି ଆସିବ ।

ଗୋପାଳ ସିଂହ ତାଙ୍କ ପାଖକୁ ଯାଇ କହିଲା ବାବୁ, କାଲି ତାଙ୍କ ଘରେ ଯାହା ଘଟଣା ଘଟିଛି ମୋତେ ବାହୁଁକି ବଡ ସନ୍ଦେହ ଲାଗୁଛି । ସକାଳୁ କେତେଅଡୁ ସନ୍ଧାନ ନେଇ ଆପଣଙ୍କୁ ଖବର ଦେବାକୁ ଛୁଟିଛି ।

କୁଳମଣିବାବୁ ଅବାକାବା ହୋଇ ପଚାରିଲେ—ଘଟଣା କ'ଣ ।

ଗୋପାଳସିଂହ ଆରମ୍ଭ କଲା —କାଲି ମୁଁ ତାଙ୍କ ବସାକୁ ଫେରିବା ଆଗରୁ ଜଣେ କିଏ କଣ୍ଟେକରୁ ଆସି ମହେନ୍ଦ୍ରବାବୁ ଦେଇଥିବା ଖଣ୍ଡେ ଚିଠି ଓ ସୁନା ମୁଦିଟିଏ ଦେଇଗଲା । ବାବୁଙ୍କ ପିଉସୀ କହୁଥିଲେ,

କୁଅଡେ ଯେ ଚିଠିରେ ଲେଖା ଥିଲା, ସେ ସୁନା ମୁଦିଟି ହେସଗୋହସ୍ତି ସାହୁ ଅମୂଲ୍ୟବାବୁ ବଙ୍ଗାଳୀଙ୍କ ଘିଅର ଭଣ୍ଡଘରରେ ବନ୍ଧାଣ ଦେବାକୁ । ଗତ ସାତଟାବେଳକୁ ସେହି ବଙ୍ଗାଳି ଘରୁ ଜଣେ ସ୍ତ୍ରୀ ମଟରରେ ଆସି ରାସ୍ତାକ ପରେ ଘଣ୍ଟଦେଇ ଯିବାକୁ କହି ବନା ଗୁହର ସହୁର ବାବୁଙ୍କ ସ୍ତ୍ରୀଙ୍କୁ ନେଇଗଲା । ମଟରଟା ସିଧା ସମୁଦ୍ରକୂଳ ବାଟେ ଯାଇଁ ଅଧା ବାଟରେ ଗୁହରକୁ ଲବଙ୍ଗ ଗୁଡ଼ ପଇସାର କିଣି ଆଣିବାକୁ ଓହ୍ଲାଇ ଦେଇ ଚାଲିଗଲା । ଗୁହରକୁ କହିଲା ମଟର ଶୀଘ୍ର ଫେରି ଆସିବ, ବାଟରେ ଛିଡ଼ା ହୋଇ ଥା । ବିଚରା ଗୁହର ଗତ ବାରଟାଯାଏ ସମୁଦ୍ର କୂଳରେ ବସି ବସି ବସାକୁ ଆସିଲା, ମଟର ଫେରିଲା ନାହିଁ । ମହେନ୍ଦ୍ରବାବୁଙ୍କ ସ୍ତ୍ରୀଙ୍କୁ ଏପର୍ଯ୍ୟନ୍ତ କେହି ଛାଡ଼ି ଦେଇ ଯାଇ ନାହିଁ । ହେସଗୋହସ୍ତି ସାହୁରେ କଏ ଅମୂଲ୍ୟବାବୁ ବୋଲି ସନ୍ଧାନ ନେଲି ଯେ, ସେମିତି ଲୋକ କେହି ନାହିଁ । ଘରେ ମହେନ୍ଦ୍ରବାବୁଙ୍କ ପିଉସୀ ବଡ ବ୍ୟସ୍ତ ହେଉଛନ୍ତି ।

କୁଳମଣିବାବୁ ତା'ଠାରୁ ଏକଥା ଶୁଣି ବିସ୍ମୟରେ କ୍ଷଣକାଳ ନୀରବ ରହି ଭାବିଗଲେ—ପୁରୀ ସହରରେ ପ୍ରକୃତରେ ଏପରି ଏକ ଦୁର୍ଘଟଣା ଘଟିଲା ନା କ'ଣ ! ହଠାତ୍ ତାଙ୍କର ମନେ ପଡ଼ିଲା ଯେଉଁ ଡକାୟତ ଦଳଙ୍କୁ ମହେନ୍ଦ୍ରବାବୁ ଥର ଅର୍ଗଳ ଭିତରୁ ଟୁଣ୍ଡୁକୁ ଆଣି ହଦାହ ହୋଇଥିଲେ, ସେହି ଡକାୟତ ଦଳ ସନ୍ଦରଦାନ ହେଲ ଜେଲରୁ ଖସି ପଳାଇଛନ୍ତି । ସେମାନେ କୌଣସି ଦୁର୍ଘଟଣା ଘଟାଇ ନାହାନ୍ତି ତ !

କ୍ଷଣକ ଭିତରେ ଏଣୁ ତେଣୁ କେତେ କ'ଣ କୁଳମଣିବାବୁ ଭାବିଯାଇଁ ଗୋପାଳ ସିଂହ ଅଡ଼େ ଚାହିଁ କହିଲେ—ଅଚ୍ଛା, ଡାଲି ଯେଉଁମାନେ ଟାଉନ ସହରରେ ଥିଲେ, ସେମାନଙ୍କୁ ଏଠାକୁ ଆସିବାକୁ

ଖବର ଦିଅ । ତମେ ଶୀଘ୍ର ମହେନ୍ଦ୍ରବାବୁଙ୍କ ବସାକୁ ଯାଇଁ ବୁଝି ଆସ, ସେ ଫେରି ଆସିଛନ୍ତି କି ନାହିଁ ।

ଗୋପାଳ ସିଂହ ହଜୁର କହି କନେଷ୍ଟବଳମାନେ ରହୁଥିବା ଥାନା ସଂଲଗ୍ନ ବସାଘରକୁ ଯାଇଁ କୁଳମଣିବାବୁ ଇନ୍ସପେକ୍ଟର ଡାକୁଛନ୍ତି ବୋଲି ସେମାନଙ୍କୁ ଖବର ଦେଲା । ତାପରେ ଖଣ୍ଡେ ସାଇକେଲ ଧରି ସିଧା ଗ୍ଲଲା ମହେନ୍ଦ୍ରବାବୁଙ୍କ ବସା ଆଡ଼କୁ ।

ପ୍ରାୟ କୋଡ଼ିଏ ମିନିଟ ପରେ ଗୋପାଳ ସିଂହ ଫେରିଆସି କହିଲା—ଆଜ୍ଞା, ଗୃହର ଭିତର ବାଲ ପାଟାଲଣି, ଘଣ୍ଟା ନାହିଁ ଘଟିଛି ଜଳଜଳ ହୋଇ ଦେଖା ଯାଉଛି । ସେ ଆଉ ବସାକୁ ଫେରିବେ କେଉଁଠୁ ! ତାଙ୍କ ବସାରେ କାନ୍ଦବୋବାଳି ପଡ଼ିଛି ।

କୁଳମଣିବାବୁ କାଲି ରାତିରେ ସହର ଉପାନ୍ତ ପହରା ଥିବା ପୋଲିସମାନଙ୍କ ଠାରୁ ବୁଝିଲେ ଯେ, ସହରରେ ଅନେକ ଯାଗାରେ ଜଗୁଆଳ ହୋଇଥିଲେ ବି ଅମୂଲ୍ୟବାବୁ ବୋଲି କୌଣସି ବଙ୍ଗାଳି ବାବୁଙ୍କର ବଡ ଧରଣ ଖୋଜଖବର ହୋଇ ନାହିଁ, ତେବେ କାଲି ସମୁଦ୍ରକୂଳ ପହରାରେ ଥିବା କନେଷ୍ଟବଲ ଠାରୁ ସମ୍ବାଦ ମିଳିଲା ଯେ ପ୍ରାୟ ସନ୍ଧ୍ୟା ସାଢେ ଆଠଟା ହେବ, ଗୋଟାଏ ନାଲି ରଙ୍ଗର ମଟର ସମୁଦ୍ରକୂଳ ରାସ୍ତା ଦେଇ ଯାଉଥିଲା ।

ସମସ୍ତଙ୍କଠାରୁ ଖବର ବୁଝିସାରି ପ୍ରକୃତରେ ଯେ ଗୋଟାଏ ଦୁର୍ଘଟଣା ଘଟିଛି, ଏଥିରେ କୁଳମଣିବାବୁଙ୍କର ଅବିଶ୍ୱାସ କରିବାର ଆଉ କୌଣସି କାରଣ ରହିଲା ନାହିଁ, ବିଶେଷତଃ ତାଙ୍କର ଅନ୍ତରଙ୍ଗ ବନ୍ଧୁଙ୍କ ଘରେ । ଏହି ସମ୍ବାଦ ଶୀଘ୍ର ଇନ୍ସପେକ୍ଟର

ବାବୁଙ୍କୁ ଦେଖି ତାଙ୍କ ସହିତ ପରାମର୍ଶ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ କନେଷ୍ଟବଳମାନଙ୍କୁ କହିଲେ—ସମସ୍ତେ ଏ ବିଷୟକୁ ଗୁପ୍ତ ରଖି ପ୍ରସ୍ତୁତ ହୋଇ ରୁହ । ମୁଁ ଶୀଘ୍ର ଇନ୍‌ସପେକ୍ଟରବାବୁଙ୍କ ବସାରୁ ଫେରି ଆସୁଛି ।

କୁଳମଣିବାବୁ ଖୁବ ଜୋରରେ ସାଇକେଲ ଛୁଟାଇ ଇନ୍‌ସ-ପେକ୍ଟର ଗୋକୁଳବାବୁଙ୍କ ବସାରେ ପହଞ୍ଚିଲାବେଳକୁ ଗୋକୁଳବାବୁ ଥାନାକୁ ଆସିବାକୁ ପୋଷାକ ପିନ୍ଧୁଥାନ୍ତି । କୁଳମଣିବାବୁଙ୍କୁ ଦେଖି ଗୋକୁଳବାବୁ କହିଲେ ବସନ୍ତୁ, ଆଜି ଅନେକ ବାକି କାମ ସାରିବାକୁ ହେବ, ମୁଁ ତ ହେଇ ବାହାରୁଥିଲି ।

କୁଳମଣିବାବୁ ବଡ଼ ହତାଶିଆ ଭାବ ଦେଖାଇ କହିଲେ, ଆଜ୍ଞା, ଘଟଣା ବଡ଼ ସାଙ୍ଘାତିକ । ଜରୁରୀ କୌଣସି ବ୍ୟବସ୍ଥା କରି-ବାକୁ ହେବ । ତା' ପରେ କୁଳମଣିବାବୁ ଗୋଟି ଗୋଟି କରି ସମସ୍ତ ଘଟଣା କହିଗଲେ ।

ଗୋକୁଳବାବୁ ଏ ଘଟଣା ଶୁଣି କିଛିକ୍ଷଣ ଅବାକ୍ ହୋଇ ବସି ରହି କହିଲେ—ନା, ଆଉ ମୁହୂର୍ତ୍ତେ ବିଳମ୍ବ କରି ଲାଭ ନାହିଁ । ଏ ଘଟଣାକୁ ବର୍ତ୍ତମାନ ଗୁପ୍ତ ଭାବରେ ହାଉଜ ସାର୍ଚ ଅନୁସନ୍ଧାନ କରିବାକୁ ପଡ଼ିବ, ଯେଉଁଠି ସନ୍ଦେହ ହେବ ସେଠି ଖେସାଡ଼ କରି-ବାକୁ ପଡ଼ିବ । ଆପଣ ତାଙ୍କ ବସାକୁ ଯାଇଁ ଅନ୍ୟାନ୍ୟ ଖବର ସଂଗ୍ରହ କରି ଫେରି ଆସନ୍ତୁ । ମୁଁ ଥାନାକୁ ଯାଉଛି ।

ଗୋକୁଳବାବୁ ଥାନାକୁ ଆସି ଏ ବିଷୟରେ ମଧ୍ୟ ଫୋନ ସାହା-ଯ୍ୟରେ ପୋଲିସ ସାହେବଙ୍କୁ ଜଣାଇ ଦେଲେ । ପୋଲିସ ସାହେବ ଏ ଦୁର୍ଘଟଣା ଶୁଣି ତଟସ୍ଥ ହୋଇଗଲେ ଏବଂ ସମସ୍ତ [illegible]

ଏ ବିଷୟ ଅନୁସନ୍ଧାନ କରିବାପାଇଁ ଆଦେଶ କରି ନିଜେ ମଧ୍ୟ ଗୋଇନ୍ଦା ବିଭାଗକୁ ଖବର ଦେଇ ଯାଉଛନ୍ତି ବୋଲି ଜଣାଇଦେଲେ ।

ଦୁଇଟା ବାଜିଲା । ସହରରେ ସମସ୍ତ ପୋଲିସ, ଗୋଇନ୍ଦା ବିଭାଗ ସବୁ ଉପାୟ ଅବଲମ୍ବନ କରି ବି କୌଣସିଟି ପନ୍ତା ମିଳିଲା ନାହିଁ । ସହରର କେତେକ ସନ୍ଦେହଜନକ ଘର ଏବଂ ସହର ତଳି ଅଞ୍ଚଳର କେତେକ ଘର ବ୍ୟାପକ ଭାବେ ଖୋଜାଖୋଜ କରି ଖାନତଲାସ ହେବାରୁ ସହରର ସାଧାରଣ ଲୋକେ ମଧ୍ୟ କୌଣସି ବଡ଼ ଘଟଣା ଘଟିଛି ବୋଲି ସଠିକ ଘଟଣା ଜାଣିବାପାଇଁ ପରସ୍ପର ଫୁସୁରୁଫାସର ହେଲେ । ମହେନ୍ଦ୍ରବାବୁଙ୍କ ବସାଅଞ୍ଚୁ କ୍ରମେ ଘଟଣାଟା ଜଣାପଡ଼ି ଲୋକ ମୁଖରେ ଲିଲୁଲି ପରି ସହର ତମାମ ବ୍ୟାପିବାକୁ ଲାଗିଲା ।

ସାଢ଼େ ତିନିଟା ବାଜିଲା, ତଥାପି କୌଣସି ସମ୍ବାଦ ମିଳିଲା ନାହିଁ । ଜେଲରୁ ଖସି ପଳାଇଥିବା ଡକାୟତ ଦଳଙ୍କର ମହେନ୍ଦ୍ରବାବୁଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଯେ ଏ କାଣ୍ଡ, ଏଥିରେ ଆଉ କାହାରି ସନ୍ଦେହ ରହିଲା ନାହିଁ । ଏଥିମଧ୍ୟରେ ଜିଲାର ଅନ୍ୟାନ୍ୟ ଥାନାକୁ ମଧ୍ୟ କୌଣସି ନାଲି ରଙ୍ଗର ମଟର ଯାଇଛି କି ନାହିଁ ଏବଂ ଯଦି ଯାଇଥାଏ, ତେବେ ସେହି ଆରୋହୀମାନଙ୍କୁ ସାବଧାନତାର ସହିତ ଅଟକ ରଖିବାପାଇଁ ନିର୍ଦ୍ଦେଶ ଦିଆହୋଇ ଗଲାଣି । କଟକ, ଗଞ୍ଜାମ, ପାଖ ଗଡ଼ଜାତମାନଙ୍କୁ ବି ସେହିଭଳି ନିର୍ଦ୍ଦେଶ ଦିଆ ହୋଇଛି ।

ଚାରିଟା ବାଜିଲା । ସାରାଦିନ ଅକ୍ଳାନ୍ତ ପରିଶ୍ରମ କରି ପୋଲିସ ସାହେବଙ୍କ ମଟରରେ 'ଗୋକୁଳିବାବୁ ଓ କୁଳମଣିବାବୁ ଥାନାକୁ ଫେରି ଆସିଲେ । ପୋଲିସ ସାହେବ ମଟର ଚଲାଇ ବସାକୁ ଯିବା

ଏଠାରୁ ଚାଲିଗଲେ କୌଣସି ଖବର ବା ସନ୍ଧାନ ଆସିଲାକ୍ଷଣି ମୋତେ ସଙ୍ଗେ ସଙ୍ଗେ ଖବର ଦେବ । ମହେନ୍ଦ୍ରବାବୁଙ୍କୁ କ'ଣ ଏ ବିଷୟରେ ଖବର ଦିଆ ହୋଇଛି ?

ଗୋକୁଳବାବୁ କହିଲେ—ହଠାତ ଏ ଦୁଃସମ୍ବାଦ ତାଙ୍କୁ ଦେବା ମୁଁ କାହିଁକି ଠିକ ମନେ କଲି ନାହିଁ, ତେବେ ତାଙ୍କୁ ଶୀଘ୍ର ଆସିବା ପାଇଁ ମୁଁ ଖବର ଦେବାକୁ କଟକ ଥାନାକୁ ଫୋନରେ ଡାକିଥିଲି । ଉତ୍ତରରେ ଲାଲବାଗ ଥାନା ଇନ୍ସପେକ୍ଟର ଶ୍ରୀବତ୍ସବାବୁ କହିଲେ, ସେ ବର୍ତ୍ତମାନ ସହରରେ ନାହାନ୍ତି । ଚବିଶଘଣ୍ଟା ମଧ୍ୟରେ ଫେରି ଆସିବେ ବୋଲି ଆଶା କରାଯାଉଛି । ସେ ଆସିଲେ ଖବର ଦେବେ ବୋଲି କହିଲେ ।

ପୋଲିସ ସାହେବ କହିଲେ ଠିକ କରିଛନ୍ତି, ସେ ଆସିଲେ ଖବର ଦେବା ଉଚିତ । ଅନୁସନ୍ଧାନ କରିବାରେ ଅନ୍ୟମାନେ ଯେପରି ହେଳା ନ କରନ୍ତି, ଆପଣ ଦେଖିବେ । ମୁଁ ବସାରେ ଅପେକ୍ଷା କରି ରହିଛି । ପୋଲିସ ସାହେବ ମଟର ଚଳାଇ ବାହାରିଗଲେ ।

ଗୋକୁଳବାବୁ ଓ କୁଳମଣିବାବୁ କ୍ଳାନ୍ତ ହୋଇ ପଡ଼ିଥିବାରୁ ଜଣେ ପହରାବାଲାକୁ ପାଖ ଦୋକାନରୁ କିଛି ଗରମ ସିଙ୍ଗଡ଼ା, ଚା' ଦୁ'କପ ଆଣିବାକୁ କହି ଚୌକିରେ ବସି ପଡ଼ିଲେ ।

× × ×

ପୁରୀ ସହର ଓ ତାର ତଳି ଅଞ୍ଚଳ ଅନୁସନ୍ଧାନ କରିବା ପାଇଁ ଜଣେ ପୋଲିସ ସବ୍ଇନ୍ସପେକ୍ଟର, ସହକାରୀ ସବଇନ୍ସପେକ୍ଟର

ଓ ଜମାଦାରଙ୍କ ତତ୍ତ୍ୱାବଧାନରେ ବିଭକ୍ତ ହୋଇଥିବା ପୋଲିସ ଦଳ ଭିତରୁ ସମୁଦ୍ର କୂଳ ତଳି ଅଞ୍ଚଳ ଅନୁସନ୍ଧାନ କରିବାକୁ ଯାଇଥିବା ପୂର୍ଣ୍ଣବାବୁ ଓ ଗୁଟିକଣ କନେଷ୍ଟବଲ ଦିନ ସାରା ଅନୁସନ୍ଧାନରେ କ୍ଳାନ୍ତ ହୋଇ ଫେରି ଆସିବା ବାଟରେ ସୁନାର ଗୌରାଙ୍ଗ ଝତ୍ତରକୁ ତାଙ୍କ ବାଟ ଦୂରରେ ଭଙ୍ଗା ଦଦରା କୋଠରୀ ଘର ଆଗ ଦେଖାଇଦେଇ ଆସୁ ଆସୁ ସେହି ଦଳର କନେଷ୍ଟବଲ ସୋଲି ଖାଁ କହିଲା— ଆଜ୍ଞା, ଏ ଘର ବି ଦିନେ ବଡ଼ ଅଡ଼ା ଯାଗା ଥିଲା ।

ପୂର୍ଣ୍ଣବାବୁ ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିବାରୁ ସେ କୋଠା ଆଡ଼କୁ ତାଙ୍କର ନଜର ନଥିଲା । ସୋଲି ଖାଁ କଥାରେ ପୂର୍ଣ୍ଣବାବୁ ସିଆଡ଼କୁ ଅନାଇ ଦେଇ ଅଟକିଗଲେ ଏବଂ ତଳକୁ ଚାହିଁ ଦେଖିଲେ ମଟର ଟାୟର ଚିହ୍ନ ବି ଯିବା ଆସିବା କରେ । ଭିଜା ବାଲି ଉପରେ ଦାଗ ପଡ଼ିଛି । ପୂର୍ଣ୍ଣବାବୁ ସେହି କୋଠା ଆଡ଼େ ଅନାଇଁ କହିଲେ—ଏତେ ସ୍ଥାନ ତ ତଲାସୀ ଆସିଲେଣି, କୌଣସି ଜାଗାରେ କିଛି ପତ୍ତା ମିଳିଲା ନାହିଁ । ଶେଷରେ ଯିବା ବାଟରେ ଏଇଟାକୁ ତଲାସ କରିଯିବା ଉଚିତ । ତୁମ୍ ପହିଲେ ଚଲେ ସୋଲି ଖାଁ ।

ପୂର୍ଣ୍ଣବାବୁ ଆଦେଶ ପାଇ ସୋଲି ଖାଁ କହିଲା—ଆଜ୍ଞା ହଜୁର, ମୁଁ ମୋଟା ମଣିଷ । ଚାଲି ଚାଲି ଥକିଲିଣି, ନରୁ ସୁଇଁ ଆଗ ଯାଉ । ଏ ଭଙ୍ଗା ଇଟା ଗଦା ଉପରକୁ ମୁଁ ଉଠିପାରିବି ନାହିଁ ।

ପୂର୍ଣ୍ଣବାବୁ ଅନ୍ୟମାନଙ୍କ ସହିତ ଟିକିଏ ହସିଦେଇ କହିଲେ, ନା ନା, ସୋଲି ମିଆଁ ପୁରୁଣା ଲୋକ । ସେହି ଆଗ ଯାଉ ।

ସମସ୍ତେ କହି ଉଠିଲେ—ଚଲେ ମିଆଁ ଚଲେ ।

ସୋଲ ମିଆଁ ଦାଢ଼ିରେ ଧୀ'ରେ ହାତ ବୁଲାଇ ଆଗେ ଆଗେ ଚାଲିଲା, ପୂର୍ଣ୍ଣବାବୁ ପଛେ ପଛେ ଚାଲିଥାନ୍ତି ।

ସେହି କୁଢ଼ କୁଢ଼ ଭଙ୍ଗା ଇଟା ଉପରେ ଦେଇ କିଛିଦୂର ଗଲା ପରେ ଦେଖିଲେ—ଗୋଟିଏ କୋଠରୀର କବାଟ ଆଉଜା ହୋଇଛି । ବାରଣ୍ଡା ଉପରେ ଜମିଥିବା ଧୂଳି ଉପରେ ମଣିଷର ସଦ୍ୟ ପଦଚିହ୍ନ ।

ସୋଲ ମିଆଁ ମଣିଷର ପାଦ ଚିହ୍ନ ଦେଖି ତାର ଦଳରେ ଥିବା ଅନ୍ୟମାନଙ୍କୁ ଦାନ୍ତ କାମୁଡ଼ି ନିର୍ଦ୍ଦେଶ ଦେଲା, ଲାଠିଗୁଡ଼ିକ ସଜାଡ଼ି ଧର ଠା । ପୂର୍ଣ୍ଣବାବୁ ନିକଟରେ ପଡ଼ିଥିବା ଗୋଟାଏ ପଥର ଉପରେ ଠିଆ ହୋଇ ସେହି ବଗିଚାର ଅରମା ଜଙ୍ଗଲ, ଏଣେତେଣେ ଭାଙ୍ଗି ପଡ଼ିଥିବା କୋଠା କାନ୍ଥଆଡେ ଚାହିଁଥାନ୍ତି ।

ସୋଲ ମିଆଁ ବଡ଼ ସାବଧାନରେ ସେହି ଭଙ୍ଗା କୋଠରୀର ଦରଜା ଖୋଲିଦେଇ ଚମକିପଡ଼ି ପାଦେ ପଛକୁ ଘୁଞ୍ଚି ଆସି ଆଖି ମିଚି ମିଚି କରି ଫୁସ୍ ଫୁସ୍ କହିଲା—କିଆ ବାତ୍ !

ସେହି କୋଠରୀର ଏକ ଅଂଶ ବେଶ ସଫାସୁତୁରା ହୋଇଛି । ସେହି ସଫାସୁତୁରା ଅଂଶରେ ତିନି ଚାରିଟା ମଦ ବୋତଲ ଇତସ୍ତତଃ ହୋଇ ପଡ଼ିଛି, ଚୋ'ଛଡ଼ା ମାଂସ କଣ୍ଟା, ବାଡ଼ି ସିଗାରେଟ୍‌ର ପୋଡ଼ା-ଖଣ୍ଡ ଘର ସାରା ଏଣେ ତେଣେ ବିଛୁଡ଼ି ହୋଇ ରହିଛି ।

ଅନ୍ୟମାନେ କ୍ଷଣକାଳ ସେହି କୋଠରୀଆଡେ ଚାହିଁ ରହି ସେମାନଙ୍କ ଭିତରୁ ଜଣେ ଜନେ ଖୁବ୍ ଚୁପ୍ କରି କହିଲା—ଏଠି କେହି ମଦୁଆ ଗୁଣ୍ଡାଦଳ ଆଡ଼ା ମାରି ଚାଲିଯାଇଛନ୍ତି । ଭିତରକୁ ଚାଲ ।

ସୋଲମିଆଁ ଓ ଅନ୍ୟମାନେ ଆସ୍ତେ ଆସ୍ତେ ଗୋଡ଼ ପକାଇ ସେହି କୋଠରୀ ମଝିକୁ ଯାଇ ଭଙ୍ଗା କୋଠରୀ ଛାତଆଡ଼େ ନିରୀକ୍ଷଣ କରୁ କରୁ ନରୁସ୍ତିଁ କହିଲା—ମିଆଁ, ସେ କୋଠରୀକୁ ଦେଖିବା ଚଲ । ସୋଲମିଆଁ ଆସ୍ତେ ଆସ୍ତେ ପାଦ ପକାଇ ଆଉଜା ହୋଇଥିବା ଦରଜାରେ କାନ ପାରିଲା—କାଳେ ଭିତରୁ କୌଣସି ଶବ୍ଦ ଶୁଣା-ଯାଉଛି କି ନାହିଁ । ଅନ୍ୟମାନେ କୌଣସି ଦୁର୍ଘଟଣା ଘଟିଲେ ତାର ପ୍ରତିରୋଧ କରିବା ପାଇଁ ପିସ୍ତଲ ଗୁବାମରା ଚଡାଏ ଉଇ ଠେଙ୍ଗାକୁ ଟିକ୍ କରି ଧରି ରହିଲେ । ସମସ୍ତଙ୍କ ମୁହଁରେ ଆଶଙ୍କା ଓ ଉଦ୍‌ବେଗର ଚିହ୍ନ ଫୁଟି ଉଠିଥାଏ ।

ପ୍ରାୟ ପାଞ୍ଚମିନିଟ କାଳ ସୋଲମିଆଁ କବାଟରେ କାନ ଦେଇ ଏକ ଧ୍ୟାନରେ ଭିତରୁ କୌଣସି ଶବ୍ଦ ଶୁଣିବାକୁ ଚେଷ୍ଟା କଲା; କିନ୍ତୁ କିଛି ବାରି ପାରିଲାନାହିଁ । ତା'ପରେ ମିଆଁ ଆସ୍ତେ କବାଟ ଖୋଲି-ଦେଇ ଚିତ୍କାର କରି ପଛକୁ ଘୁଞ୍ଚି ଆସୁ ଆସୁ ପଛରେ ଥିବା କନେଷ୍ଟ-ବଲ ଦେହରେ ଧକ୍କା ଖାଇ ଟଳେ କଚୁଡ଼ି ହୋଇ ପଡ଼ି ଅଳ୍ପା ଅଳ୍ପା ହେବାକୁ ଲାଗିଲା ।

ଅନ୍ୟମାନେ ବି ସେ କୋଠରୀର ବୀଭତ୍ସ ଦୃଶ୍ୟ ଦେଖି ଆଠ ହାତ ପଛକୁ ଘୁଞ୍ଚି ଆସିଲେ । ପୂର୍ଣ୍ଣବାବୁ ଗୋଳମାଳ ଚିତ୍କାର ଶୁଣି ଘଟଣା ସ୍ଥଳକୁ ବିସ୍ମିତ ହୋଇ ଦଉଡ଼ି ଗଲେ ।

କି ଲୋମ ହର୍ଷଣକାରୀ ବୀଭତ୍ସ ଦୃଶ୍ୟ ସିଏ !! ସେ ଦୃଶ୍ୟ ଯିଏ ଦେଖିବ—ଦୁଃଖ, ଭୟ, ବିସ୍ମୟରେ ତାର ସ୍ଥିତ ନ ଥିର ରହି ହେବ ନାହିଁ !

ସାରା କୋଠରୀଟି ଚଟାଣ ରକ୍ତରେ ସର୍ବଜଡ଼ । ଗୋଟାଏ କଟା ହାତ ରକ୍ତରେ ସାଲୁ ସାଲୁ ହୋଇ ତାରି ମଝିରେ ପଡ଼ିଛି । ଅନ୍ୟ ଏକ ସ୍ଥାନରେ ଗୋଟିଏ ସୁନ୍ଦର ଶିଲ୍କ ନୀଳ ରୁମାଲ ରକ୍ତରେ କିଛି ଅଂଶ ବୁଡ଼ି ଶୁଖି ହାଡ଼ ହୋଇ ଗଲାଣି । ଅନ୍ୟ ଏକ ସ୍ଥାନରେ କାନର ' ଗୋଟାଏ ସୁନା ଫୁଲ ସେଠି ଶୁଖିଲା କଳା ରକ୍ତ ଉପରେ ପଡ଼ି ଚକ୍ ଚକ୍ ମାରୁଛି । ନିର୍ବାକ ହୋଇ ଏହି କରୁଣ ଦୃଶ୍ୟ ଦେଖୁ ଦେଖୁ ସମସ୍ତଙ୍କ ଛାତି ଉଠୁଥିଲା ପଡୁଥିଲା । ପ୍ରଥମ କରି ସୋଲା ମିଆଁ ବଡ଼ ଦୁଃଖରେ ଦୀର୍ଘଶ୍ୱାସ ଛାଡ଼ି କହିଲା—ମହେନ୍ଦ୍ରବାବୁ ବେଗୁରା ଅଚ୍ଛା ଆଦମ୍, ଯବ୍ ଏ ବାତ ଶୁନେଗା……ବୁଢା ସୋଲମିଆଁ ତାଙ୍କର ଦୁଃଖ ପ୍ରାଣେ ପ୍ରାଣେ ଅନୁଭବ କରି ନୀରବ ରହିଲା ।

ପୂର୍ଣ୍ଣବାବୁ ଦୁଃଖରେ କ୍ଷଣକାଳ ମ୍ରିୟମାଣ ହୋଇ ଯାଇଥିଲେ ମଧ୍ୟ ସେ ଯେ ଏ ଘଟଣାର ସନ୍ଧାନ ପାଇଛନ୍ତି ଏକଥା ଭାବି ତାଙ୍କ ମନରେ ସମସ୍ତଙ୍କଠୁ ପ୍ରଶଂସା ପାଇବାର ଆନନ୍ଦ ଉକୁଟି ଉଠିଲା । ନସ ସଙ୍ଗେ ସଙ୍ଗେ ପୋଲିସ ଟାଣିରେ ଆଦେଶ ଦେଇ ଜଣକୁ କହିଲେ ଆମେ ସମସ୍ତେ ଏଠି ଜଗି ରହିଛୁ, ତୁମେ ଶୀଘ୍ର ଥାନାକୁ ଯାଅ । ଇନ୍‌ସପେକ୍ଟରବାବୁଙ୍କୁ ଖବର ଦେବ, ସେ ସଶସ୍ତ୍ର ପୋଲିସ ସହିତ ଶୀଘ୍ର ଆସିବେ । ବାଟରେ ଯାହାଠାରୁ ସାଇକେଲ ପାଇବ, ତାକୁ ଜୋରୁଗ୍ରା କାମ କହି ମାଗିନେବ । ଯାଅ ଜଲ୍‌ଦି ।

ନରସୁନ୍ଦରିଁ ଠେଙ୍ଗାଟି ଧରି ତରତର ହୋଇ ଗୁଲିବାକୁ ଲାଗିଲା ।

ପୂର୍ଣ୍ଣବାବୁ ଖଣ୍ଡେ ପଥର ମଗାଇ ସେହି ଦୁଆର ମୁହଁରେ ବସିରହି କୋଠରୀ ଭିତରକୁ ଥରକୁ ଥରେ ଗୁହିଁ ଶିହରି ଉଠୁଥିଲେ ।

କେତେଥର ସେ ମହେନ୍ଦ୍ରବାବୁଙ୍କ ଘରେ ତାଙ୍କ ସ୍ତ୍ରୀଙ୍କର ସୁନ୍ଦର ରୂପ, ଯୌବନଶ୍ରୀ ଦେଖିଛନ୍ତି । ବେଳେ ବେଳେ ବିନ୍ଦୁର ମୁଖର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କର ଅନ୍ତର ଚହଲି ଯାଇଛି, ଭିତର ହାହାକାର କରି ଉଠିଛି । ମଣିଷ ଜୀବନରେ ପୁଣି ଏଭଳି ରୂପବତୀ ସ୍ତ୍ରୀ ମିଳେ ! ସେହି ବିନ୍ଦୁର ଏ ଅବସ୍ଥା ! ଆହା, ବର୍ବରଙ୍କୁ କଲବଲ କରି ମାରିବା ବେଳେ···ପୂର୍ଣ୍ଣବାବୁଙ୍କ ତରୁଣ ପ୍ରାଣ ହାହାକାର ହୋଇ ଆଖି ଲୁହରେ ଜାଲୁଜାଲୁ ହୋଇ ଉଠିଲା । ବିନ୍ଦୁର ଗୋରା ତକତକ ବାଁ ହାତଟି ଫୁଲି କଳା ପଡ଼ି ଗଲାଣି, ସୁନା କାଚ ଗୁଡ଼ିକ ଚମ ଭିତରେ ଚିକଚିକ୍ ମାରୁଛି ! ଆଙ୍ଗୁଠିରେ ପଥରବସା ସୁନା-ମୁଦିଟି ସେମିତି ଉଜ୍ଜ୍ୱଳ ଦିଶୁଛି । ପୂର୍ଣ୍ଣବାବୁଙ୍କ ଆଖିରେ ବିନ୍ଦୁ ଜୀବନ୍ତ ରୂପ ଧରେ । କି ସୁନ୍ଦର ରୂପ, କି ପ୍ରାଣମତାଣିଆ ଆଖିର ଚାହାଣୀ ! ପୂର୍ଣ୍ଣବାବୁଙ୍କ ଛାତି ଥରାଇ ବାହାରି ଆସେ ଘନଘନ ପ୍ରଶ୍ୱାସ ।

× × ×

ଥାନାରେ ଗୋକୁଳବାବୁ ଓ କୁଳମଣିବାବୁ ଜଳଖିଆ ଖାଇ ସାରି, ଗୁଁ ପିଇ ପିଇ ସେହି ବିଷୟରେ କଥାବାର୍ତ୍ତା ହେଉଛନ୍ତି । ନରୁ ସୁଇଁ କନେଷ୍ଟବଲ ଥାନା ଆଗରେ ସାଇକେଲଟା ପକେଇ ଦେଲାଭଳି ଡେଇଁ ଦେଇ ଧଇଁସଇଁ ହୋଇ ଥାନା ଭିତରକୁ ପଶିଯାଇ କହିଲା—ହଜୁର, ସର୍ବନାଶ ହୋଇଛି, ଖୁନ୍ ! ପୂର୍ଣ୍ଣବାବୁ ଓ ଅନ୍ୟମାନେ ଜଗି ରହିଛନ୍ତି । ସେମାନଙ୍କୁ ବି ସେ ସ୍ଥାନରେ ଖୁବ୍ ବିପଦ ଅଛି । ଆପଣ ଶୀଘ୍ର କୋଡ଼ିଏ ଜଣ ପୋଲିସ ନେଇ ସେଠିକୁ ଚାଲନ୍ତୁ ।

ଅଧା କଟିଥିବା ଗୁଡ଼ କପଟାକୁ ଗୋକୁଳବାବୁ ଟେବୁଲ ଉପରେ ଥୋଇ ଦେଇ ଆବାକାବା ହୋଇ କହିଲେ—ମହେନ୍ଦ୍ରବାବୁଙ୍କ ସ୍ତ୍ରୀ ଖୁନ୍ ! କୁଳମଣିବାବୁ ଶିହରି ଉଠିଲା ପରି କହିଲେ—ଖୁନ୍, କେଉଁଠି ?

ନରସୁନ୍ଦର କହିଲା—ଆଜ୍ଞା, ସୁନାର ଗୌରାଙ୍ଗ ଆଡେ ଯେଉଁ ବଡ଼ ଭଙ୍ଗା କୋଠା, ସେଇଠି । ଆପଣମାନେ ଚାଲନ୍ତୁ ଆସନ୍ତୁ ।

କୁଳମଣିବାବୁ ହୁଇସିଲ ମାରି ସମସ୍ତ କନେଷ୍ଟବଲଙ୍କୁ ବନ୍ଧୁକ ଧେନି ଆସିବାକୁ ଆଦେଶ ଦେଲେ । ଗୋକୁଳବାବୁ ବସିଥିବା ଚୌକିଟି ଖୁବ୍ ଜୋରରେ ଆଡେଇ ଦେଇ ଦଉଡ଼ିଗଲେ ଫୋନ ପାଖକୁ, ପୋଲିସ ସାହେବଙ୍କୁ ଏ ଦୁଃସମ୍ବାଦ ଦେବାକୁ ।

ଫୋନରେ ଡ଼ାକିଲାକ୍ଷଣି ଗୋଟାଏ ପୋଲିସବୁହା ଲରି ଥାନା ଆଗରେ ଆସି ହାଜର ହୋଇଗଲା । ଗୋକୁଳବାବୁ ନିଜର ପିସ୍ତଲଟା ଅଣ୍ଟାରେ ଖୋସି, କୁଳମଣିବାବୁଙ୍କୁ ଡ଼ାକି ସଶସ୍ତ୍ର ପୋଲିସଦଳ ସହିତ ମଟରରେ ଆସି ବସିଲେ । ତା'ପରେ ଲରି ଖୁବ୍ ଜୋରରେ ହର୍ଣ୍ଣ ବଜାଇ ଛୁଟି ଚାଲିଲା ଆଗକୁ । ତା'ପଛକୁ ଦଳେ ଲଠିଧାରୀ ପୋଲିସ ସିପାହୀମାନଙ୍କୁ ଲଦେଇ କରି ଯିବାଭଳି ଲମ୍ବା ଗୋବବସା ଯୋଡାକୁ ମଚ୍‌ମଚ୍ କରି ବେ-ପରବାଏ ହୋଇ ଜନଗହଳି ଭିତରେ ଆଗେଇ ଚାଲିଲେ । ତାର କିଛିକ୍ଷଣ ପରେ ପୋଲିସ ସାହେବ ନିଜେ ସମୁଦ୍ର-କୂଳ ଆଡେ ମଟର ଛୁଟାଇ ଦେଲେ ।

ପୋଲିସ ଲରି ସେହି ଭଙ୍ଗା କୋଠା ଫାଟକ ଆଗରେ ରହିବା ସଙ୍ଗେ ସଙ୍ଗେ ଗୋକୁଳବାବୁ ଓ କୁଳମଣିବାବୁ ଓହ୍ଲାଇ ପଡ଼ିଲେ ।

ପଛଦ୍ୱାଟ ଦେଇ କୋଉଁଏଇଟା ବନ୍ଧୁକଧାରୀ ପୋଲିସ ଭୁସ୍‌ଭୁସ୍ ହୋଇ ତଳକୁ ଡେଇଁ ପଡ଼ିଲେ । ପୋଲିସଦଳ ପରିଚାଳନା କରିବାକୁ ଆସିଥିବା ହାବିଲଦାର ସଙ୍ଗେ ସଙ୍ଗେ ସେହି ଦ୍ୱାର ଗୃହପାଖରେ ସେମାନଙ୍କୁ ଜଗାଇଦେଲା ।

ଗୋକୁଳବାବୁ ଓ କୁଳମଣିବାବୁ, ନରୁଙ୍କ ସହିତ ଭିତରକୁ ଗଲାକ୍ଷଣି, ପୂର୍ଣ୍ଣବାବୁ ହସ୍ତ ନିର୍ଦ୍ଦେଶ କରି ସେହି କରୁଣ ଦୃଶ୍ୟ ସେମାନଙ୍କୁ ଦେଖାଇ ଦେଲେ । ସମସ୍ତେ ସେହି ଆଡ଼କୁ ଆଖି ପକାଇ ଦେଇ ଅବାକ୍ । କୁଳମଣିବାବୁ କ୍ଷଣକାଳ ଆଖି ବୁଜି ପକାଇ ବଡ଼ କରୁଣ ସ୍ୱରରେ କହି ଉଠିଲେ—ଓହୋ, ସର୍ବନାଶ ! ମହେନ୍ଦ୍ରବାବୁ ଏକଥା ଶୁଣିଲେ····· । ଆହା, ଝିଅ ଭଳି ସ୍ତ୍ରୀର ଏ ଦଶା !

ଗୋକୁଳବାବୁ କ୍ଷଣକାଳ ଚାହିଁରହି ପଛକୁ ମୁହଁ ଫେରାଇ ଆଣିଲେ । ଦୁଃଖରେ ତାଙ୍କ ଛାତି ଥରାଇ ଦୀର୍ଘଶ୍ୱାସ ବାରମ୍ବାର ବାହାରି ଆସିଲା ।

ଫାଟକ ପାଖରେ ମଟର ହର୍ଣ୍ଣ ଶବ୍ଦ ଶୁଣି ପୋଲିସ ସାହେବ ଆସିଗଲେଣି ବୋଲି ଗୋକୁଳବାବୁ ତାଙ୍କୁ ସଙ୍ଗରେ ନେଇଯିବା ପାଇଁ ଯୋତା ମଚମଚ କରି ଫାଟକ ପାଖକୁ ଛୁଟି ଆସିଲେ ।

ପୋଲିସ ସାହେବ ନୀରବରେ ଗୋକୁଳବାବୁ ପଛେ ପଛେ ସେହି କୋଠରୀ ପର୍ଯ୍ୟନ୍ତ ଗଲେ । ଗୋକୁଳବାବୁ ସେହି କୋଠରୀକୁ ହସ୍ତ ନିର୍ଦ୍ଦେଶ କରି ରୁକ୍ଷ ଗଳାରେ କହିଲେ—ଦେଖନ୍ତୁ ଆଜ୍ଞା ସେହି ବଦମାସ ଡକାଯିତ ଦଳର ଲୋମହର୍ଷଣକାରୀ କାଣ୍ଡ ! କିପରି ମହେନ୍ଦ୍ରବାବୁଙ୍କର ସର୍ବନାଶ କରିଛନ୍ତି ।

ପୋଲିସ ସାହେବ ସେହି କରୁଣ ଦୃଶ୍ୟ ଦେଖି ବାରମ୍ବାର ଓଠକୁ କାମୁଡ଼ିବାକୁ ବସିଲେ ! କିଛିକ୍ଷଣ ନୀରବ ରହି ସେହି କୋଠରୀକୁ ବାରମ୍ବାର ନିରୀକ୍ଷଣ କରୁ କରୁ କହିଲେ—ବର୍ତ୍ତମାନ ଆଉ ଉପାୟ ନାହିଁ, କୌଣସି ଉପାୟରେ ସେହି ବଦମାସ ଡ଼କାୟତ ଦଳକୁ ସମୂଳେ ବିନାଶ କରିବାକୁ ହେବ । ସେମାନେ ଏ କାଣ୍ଡ ଏଠି ଘଟାଇ ନିଶ୍ଚୟ ଶରୀରର ସମସ୍ତ ଅଂଶ ଏହି ହତା ଭିତରେ କୌଣସି ଜାଗାରେ ଲୁଚାଇ ଦେଇଥିବେ, ତାହା ବାହାର କରିବାକୁ ଚେଷ୍ଟା କରନ୍ତୁ ।

ତା'ପରେ ପୋଲିସ ସାହେବଙ୍କ ଉପସ୍ଥିତିରେ ସେହି ବଗିଚା ଭଙ୍ଗା କୋଠାର ଅନ୍ୟାନ୍ୟ କୋଠରୀଗୁଡ଼ିକ ବଡ ସତର୍କତାର ସହିତ ତନଖି କରାଗଲା, କିନ୍ତୁ ଡ଼କାୟତ ଦଳର ଅନ୍ୟ କୌଣସି କୋଠରୀରେ କାରବାର କରିବାର ସୂଚନା ମିଳିଲା ନାହିଁ ।

ପ୍ରାୟ ଅଧଘଣ୍ଟା ଯାଏ ପୋଲିସ ସାହେବ ନିଜେ ହତାରେ ଅନେକ ସ୍ଥାନ ବୁଲାଚାଲା କରି ମନରେ ନେଇ ବସାକୁ ଫେରି ଆସିଲେ । ତା'ପରେ ଗୋକୁଳବାବୁ ଓ କୁଳମଣିବାବୁ ପୋଲିସ ଦଳ ସହିତ ସେହି ହତା ଭିତରେ ବ୍ୟାପକ ଭାବରେ କେବଳ ବାଁ ହାତଟି ଛଡ଼ା ଶରୀରର ଅନ୍ୟାନ୍ୟ ଅଂଶ ଖୋଜିବାରେ ବ୍ୟସ୍ତ ରହିଲେ । ସେତେବେଳକୁ ଏ ଦୁର୍ଘଟଣା ସହରରେ ବ୍ୟାପିଯିବାରୁ ଅନେକ ଦେଖଣାହାରି ମଧ୍ୟ ସେହି ନିର୍ଜନ ସ୍ଥାନରେ ରୁଣ୍ଡ ହୋଇଗଲେଣି ।

ସହର ସାରା ଏବଂ ମହେନ୍ଦ୍ରବାବୁଙ୍କ ବସାରେ ଏ ଖବର ପହଞ୍ଚିଲାକ୍ଷଣି ମହେନ୍ଦ୍ରବାବୁଙ୍କ ପିଉସୀ ମୁଣ୍ଡ କଚାଡ଼ି କାନ୍ଦିବାକୁ ଲାଗିଲେ ।

ଦିନା ଗୃକର ମୁଣ୍ଡରେ ହାତ ଦେଇ ଆଖିରୁ ଲୁହ ଗଡ଼ାଇଲା । ଚିହ୍ନାପରିଚ, ସାଧାରଣ ଲୋକ ମଧ୍ୟ ଏ ଖବର ଯିଏ ଶୁଣିଲା, ସେ ଦୁଃଖରେ କ୍ଷଣକାଳ ନୀରବ ରହି ଦୀର୍ଘ ଶ୍ୱାସ ଛାଡ଼ିଲା ।

× × ×

ପୋଲିସ ସନ୍ଧ୍ୟା ସୁଦ୍ଧା ପାରୁ ପର୍ଯ୍ୟନ୍ତ ସେହି ହତାଠାକୁ ତନ୍ନ ତନ୍ନ କରି ପରୀକ୍ଷା କଲେ ମଧ୍ୟ ଶରୀରର ଅବଶିଷ୍ଟାଂଶ କେଉଁଠି ପାଇଲେ ନାହିଁ ।

× × ×

ସେହିଦିନ ସକାଳ ଦଶଟା ! ମହେନ୍ଦ୍ରବାବୁ ତାଙ୍କ ସଙ୍ଗୀ ସହ ବାମଣ୍ଡାରୁ ଫେରିଆସି ସିଧା ବପୋଲିସ କ୍ଲବକୁ ଗଲେ । ବସଠି ଗାଧୋଇ ଖିଆ ପିଆ ସାରି ତାଙ୍କ ଅନୁସନ୍ଧାନ ପତ୍ରରେ ବାକି ଥିବା କେତେକାଂଶ ଲେଖି ସିଧା ଗଲେ ପୋଲିସ ସାହେବ ଅଫିସକୁ ।

ମହେନ୍ଦ୍ରବାବୁ ପୋଲିସ ସାହେବଙ୍କୁ ନମସ୍କାର କଲାକ୍ଷଣି ପୋଲିସ ସାହେବ ଗଗନବାବୁ ହସ ହସ ମୁହଁରେ କହିଲେ—ଆପଣ ଅଜ୍ଞ ନିଶ୍ଚୟ ଫେରିବେ ବୋଲି ମୁଁ ଆଶା କରିଥିଲି । ଆଚ୍ଛା ଆପଣ ବସନ୍ତୁ, ଆପଣଙ୍କ ସନ୍ଧାନ ଜୟଯୁକ୍ତ ହୋଇଛି ତ ?

ମହେନ୍ଦ୍ରବାବୁ ଟିକିଏ ହର୍ଷ ଦେଇ କହିଲେ—ମୁଁ ଯାହା ଅନୁମାନ କରିଥିଲି ତାହା ଠିକ୍ । ଏହା କହି ଅମୂଲନୁଲ ଲେଖିଥିବା ଅନୁସନ୍ଧାନ ପତ୍ରଟି ପୋଲିସ ସାହେବଙ୍କ ହାତକୁ ବଢାଇ ଦେଲେ ।

ଗଗନବାବୁ ଆଗ୍ରହରେ ମହେନ୍ଦ୍ରବାବୁଙ୍କ ହସ୍ତରୁ ଅନୁସନ୍ଧାନ ପଦ୍ଧତି ନେଇ ପଢ଼ିବାକୁ ଲାଗିଲେ । ସେହି ପଦ୍ଧତିର ଧାଡ଼ିଗୁଡ଼ିକ ଯେତିକି ଆଗକୁ ବଢ଼ି ଯାଉଥାନ୍ତି, ତାଙ୍କ ମୁଖରୁ ବିସ୍ମୟର ଆଭାସ ସେତିକି ଫୁଟି ଉଠୁଥାଏ ।

ଗଗନବାବୁ ଅନୁସନ୍ଧାନ ପଦ୍ଧତି ପଢ଼ିସାରି ମହେନ୍ଦ୍ରବାବୁଙ୍କ ଆଡ଼େ ଅବାକ ହୋଇ ଚାହିଁ ରହିଲେ । କି ସାହାସ ସେମାନଙ୍କର ! ଧନ ସଂଗ୍ରହରେ ବି ବାମଣ୍ଡା ଷ୍ଟେଟ ଶିଳ୍ପ ବିଭାଗର ଡିରେକ୍ଟର ମିଏ ସାହେବ ବିପ୍ରଚରଣ ନାମ କହି ଜେଲ ବୁଲି ଗଲେଣି । ସେ ଦଳର ସେହି ସ୍ତ୍ରୀଲୋକ ଦୁଇଟାଙ୍କର ତ କମ ସାହାସ ନୁହେଁ ! କଥା ପ୍ରସଙ୍ଗରେ ଜେଲରଙ୍କ ଠାରୁ ସଠିକ ଖବର ସଂଗ୍ରହ କରି ନେଇଛନ୍ତି । ବର୍ତ୍ତମାନ ସେହି ଦଳ କିପରି ଧରାପଡ଼ିବେ—ତାହାହିଁ ଏକମାତ୍ର ଚିନ୍ତା ।

ଗଗନବାବୁଙ୍କ କଥା ଶେଷ ହେଲାକ୍ଷଣି ମହେନ୍ଦ୍ରବାବୁ ମୃଦୁ ହସି କହିଲେ—ଆଜ୍ଞା, ଯେଉଁ ଯୁବତୀଟି ମିଏ ସାହେବ ବିପ୍ରଚରଣଙ୍କ କନ୍ୟା ବୋଲି ପରିଚୟ ଦେଇଥିଲା, ସେଟା ନିଶ୍ଚୟ କୌଣସି ବେଶ୍ୟାଘରର ଝିଅ, ଅଥ ଆଉ କଣାକ ପାଳିତା । ଏସବୁ ମାଲତୀର ଷଡ଼ଯନ୍ତ୍ର । ତାକୁ କମ ମନେ କରିବେ ନାହିଁ ଆଜ୍ଞା । ସେ ଯେ କୌଣସି ସିଆଣିଆ ଲୋକଙ୍କୁ ଅକ୍ଷି ପିଛୁଳାକେ ଠକାଇ ଦେଇ ପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତାକୁ ପୁନର୍ବାର ଧରିବା ଅତି କଠିନ—ଆଜ୍ଞା !

ଗଗନବାବୁ ଉତ୍ସାହପୂର୍ଣ୍ଣ ସ୍ୱରରେ କହିଲେ—ଏଣେ ଆପଣଙ୍କର କଠିନ ପରିଶ୍ରମ ଓ କୌଶଳରେ ସେହି ଡକାୟତଦଳ ଧରି, ଆଉ

ଥିଲେ, ପୁନର୍ବାର ସେହି ଦଳ ଯେପରି ଷଡ଼ଯନ୍ତ୍ର, ତା'ର ଯଥା-
ସାଧ୍ୟ ଚେଷ୍ଟା କରନ୍ତୁ । ସେଥିପାଇଁ ଆପଣଙ୍କର ଯାହା ସାହାଯ୍ୟ ଲୋଡ଼ା,
ପୋଲିସ ବିଭାଗ ତାହା ଯୋଗାଇ ଦେବ । ଆପଣଙ୍କୁ କେବଳ
ସହକାରୀ ଭାବେ ସାହାଯ୍ୟ କରିବା ପାଇଁ ପ୍ରିୟନାଥବାବୁ ଓ ସୁରେଶ-
ବାବୁଙ୍କୁ ଅଣାଯାଇଛି ।

ମହେନ୍ଦ୍ରବାବୁ ନିଜର ପ୍ରଶଂସାରେ ଟିକିଏ ନୀରବ ରହି
କହିଲେ—ମୁଁ ତ ଯଥାସାଧ୍ୟ ଚେଷ୍ଟା କରିବି ।

ତା'ପରେ ମହେନ୍ଦ୍ରବାବୁ ପୋଲିସ ସାହେବଙ୍କଠାରୁ ବିଦାୟ
ନେଇ ତହୁଁ ଅପରାହ୍ନ ପୂର୍ବ ଯାଏଁ ବସାଅଡ଼େ ଟିକିଏ ବୁଲି
ଆସିବାକୁ ବଜାରରୁ କେତେକ ଜିନିଷପତ୍ର କିଣିବାକୁ ବାହାରି
ଗଲେ ।

ଚାରିଟା ବାଜିଲା । ମହେନ୍ଦ୍ରବାବୁ ନିଜର ସ୍ତ୍ରୀ ପାଇଁ କିଣିଥିବା
କେତେକ ସୌଖୀନ ଜିନିଷ ଟ୍ରଙ୍କରେ ରଖିଦେଇ ଶ୍ରୀକାନ୍ତବାବୁଙ୍କ
ସଙ୍ଗରେ ଦେଖା କରିବାପାଇଁ ଥାନାଅଡ଼େ ବାହାରିଗଲେ ।

ଶ୍ରୀକାନ୍ତବାବୁ ମହେନ୍ଦ୍ରବାବୁଙ୍କୁ ଦେଖି ଆଦରରେ ବସାଇ
କହିଲେ—ମୁଁ ଭାବୁଥିଲି, ଆପଣ ଆଜି କିମ୍ବା କାଲି ଭିତରେ ନିଶ୍ଚୟ
ଫେରି ଆସିବେ ।

ମହେନ୍ଦ୍ରବାବୁ ହସ ହସ ମୁହଁରେ କହିଲେ--ଆଜି ଆମ୍ଭେମାନେ
ଠିକ ଦିନ ବାରଟାବେଳେ ପହଞ୍ଚିଲୁ । ମୋର ଅନୁମାନ ଠିକ
ହୋଇଛି, ପୋଲିସ ସାହେବଙ୍କୁ ମଧ୍ୟ ମୋର ଅନୁସନ୍ଧାନ ପଦ୍ଧତି
ଦେଇସାରିଛି ।

ଶ୍ରୀବସ୍ତ୍ରବାବୁ ଆନନ୍ଦରେ ଚେୟାରରୁ ଉଠିପଡ଼ି କହିଲେ, ଧନ୍ୟବାଦ ! ଏଥର ଚାଲନ୍ତୁ, ମୋ ବସାରେ ନିରୋଳାରେ ବସି କଥାବାର୍ତ୍ତା ହେବା । ମୁଁ ଜାଣେ, ଆପଣଙ୍କ ଛଡ଼ା ଏ ବିଷୟରେ ଅନ୍ୟ କେହି କୃତକାର୍ଯ୍ୟ ହେବାକୁ ସକ୍ଷମ ହୁଅନ୍ତେ ନାହିଁ ।

ଶ୍ରୀବସ୍ତ୍ରବାବୁ, ତାଙ୍କ ନିଜ ବସା ଅଫିସ ଘରେ ମହେନ୍ଦ୍ରବାବୁଙ୍କୁ ବସାଇ ପୁଝାରୀକୁ ଚା'ଜଳଖିଆ ତିଆର କରିବାକୁ ବରାଦ କରି-ଦେଲେ । ତା'ପରେ ମହେନ୍ଦ୍ରବାବୁଙ୍କଠାରୁ ଡକାୟତ ଦଳର ପ୍ରତ୍ୟେକ କୌଶଳପୂର୍ଣ୍ଣ କଥା ଶୁଣିବାକୁ ଲାଗିଲେ ।

ଜଳଖିଆ ତିଆର ସରିଲା । ପୁଝାରୀ ସେହି ଅଫିସ ଟେବୁଲ ଉପରେ ଦୁଇଟି ଥାଳିଆରେ ଜଳଖିଆ ଆଣି ପରସି ଦେଇଗଲା । ଦୁଇବାବୁ ଖାଇ ବସିଲେ ।

ଜଳଖିଆ ଚା' ଖାଇସାରି ଆହୁରି କେତେକ ସମୟ ଗପସପ ପରେ ମହେନ୍ଦ୍ରବାବୁ ଯିବାକୁ ଉଠି ଠିଆ ହେଲେ । ଶ୍ରୀବସ୍ତ୍ରବାବୁ, ମହେନ୍ଦ୍ରବାବୁଙ୍କୁ ବଳେଇ ଦେବାପାଇଁ ସିଡ଼ି ପର୍ଯ୍ୟନ୍ତ ଚାଲି-ଆସିଲେ ।

ମହେନ୍ଦ୍ରବାବୁ ସିଡ଼ି ଉପରେ ନମସ୍କାର ଜଣାଇ ତଳକୁ ଓହ୍ଲାଇ ଆସୁଥାନ୍ତି, ହଠାତ୍ ଶ୍ରୀବସ୍ତ୍ରବାବୁ ଡାକି କହିଲେ—ଶୁଣନ୍ତୁ ମହେନ୍ଦ୍ର-ବାବୁ ? ଅଚ୍ଛା ଭୁଲି ଯାଉଥିଲି, ଦି'ଦିନ ତଳେ ଆପଣଙ୍କ ଘରୁ କିଏ ଜଣେ ଖଣ୍ଡେ ଚିଠି ଦେଇ ଯାଇଛନ୍ତି ସେ ଚିଠିଖଣ୍ଡି ମୁଁ ଘରେ ସୁଟ-କେଶ ତଳେ ରଖିଦେଇଛି, ନେଇ ଯାଆନ୍ତୁ ।

ମହେନ୍ଦ୍ରବାବୁ ପୁନର୍ବାର ସିଡ଼ି ଉପରକୁ ଉଠିଯାଇଁ ବାରଣ୍ଡାରେ ପଡ଼ିଥିବା ଚୌକିଏ ଚେୟାରରେ ବସି ପଡ଼ିଲେ । କଣେ ଏକ୍ଟେ

ଜରୁରୀ ଚିଠି ! 'ଘରେ କଣ ଝିଅର ଦେହ ଖରପ ହେଲ ନା କଣ ।'

ମହେନ୍ଦ୍ରବାବୁଙ୍କ ଭାବନାକୁ ଭାଙ୍ଗି ଶ୍ରୀବତ୍ସବାବୁ ତାଙ୍କ ହସ୍ତକୁ ଚିଠି ଖଣ୍ଡ ବଢ଼ାଇଦେଇ କହିଲେ—ଆପଣ ବସି ବସି ପଢ଼ନ୍ତୁ । ଘରୁ ପୋଷାକଟା ବଦଳାଇ ଆସିଲେ, ମୁଁ ମଧ୍ୟ ବାହାରଆଡ଼େ ଯିବି ।

ଶ୍ରୀବତ୍ସବାବୁ ଘରଆଡ଼କୁ ଚାଲିଗଲେ । ମହେନ୍ଦ୍ରବାବୁ ଚିଠିଖଣ୍ଡି ଖୋଲି ଚିଠିର ଉପର ତଳକୁ ଆଖି ପକାଇ ଶିରସ୍ଥ ରଚି, ଧାଡ଼ିଗୁଡ଼ିକ ଉପରେ ଆଖି ବୁଲାଇ ଅଣିବାକୁ ଲାଗିଲେ ।

ଲେଖାଅଛି—

ମହେନ୍ଦ୍ରବାବୁ,

ତୁମେ ଯେ ଗୋଇନ୍ଦା ବିଭାଗର ଲୋକ, ଏକଥା ନ ଜାଣି ମାଲତୀ, ବିଶ୍ବାସରେ ତମକୁ ଆମ ଦଳ ଭିତରକୁ ନେଇ ଯାଇଥିଲା । ତୁମେ ଯଦି ସେହି ବିଶ୍ବାସ ରଖି ଦଳ ଭିତରେ ରହିଥାନ୍ତ, ତାହାହେଲେ ତୁମ ଜୀବନରେ ଭୋଗ ବିଳାସର ସୀମା ରହୁ ନ ଥାନ୍ତା, କିନ୍ତୁ ତୁମେ ତାହା କରିନାହଁ, ଓଲଟି ଆମ ଦଳର ସର୍ବନାଶ କରୁଛ । ଏଥର କୌଶଳରେ ଆମ ଦଳର ସାମାନ୍ୟ କେଇଜଣ, ତୁମେ ଯାହାଙ୍କୁ ଧରାଇ ଜେଲରେ ପୁରାଇ ଥିଲ, ସେମାନେ ଜେଲରୁ ପଳାଇ ଯାଇଛନ୍ତି । ତୁମେ କେଉଁ ସାହାସରେ ପୁନର୍ବାର ସେହି ଦଳକୁ ଧରିବାକୁ ଯାଉଛ ? ସରକାର ଘରେ ମୁଣ୍ଡ ବିକିଛ ସତ, କିନ୍ତୁ ତୁମ ଭବିଷ୍ୟତ ଜୀବନର ସୁଖଶାନ୍ତି କଥା ଭାବିଛ କି ? ଥରେ ଅବିଶ୍ୱାସ କରି ଆମ ଦଳକୁ ଧରି ପାରିଲ ବୋଲି ଏଥର ଯେ

ଧରି ପାରିବ, ଏ ଧାରଣା କଳ୍ପନାରୁ ବାଦ ଦିଅ । ତୁମେ ତାଙ୍କୁ ଧରିବାପାଇଁ ଯୁଆଡ଼େ ଯାଉଥାଅ, ଫେରିଆସି କ'ଣ ଶୁଣିବ ଜାଣ ? ହସ ଲାଗୁଛି, ଭମର ଟୌଇଦାଗିରକୁ । ଫେରି ଆସି ଶୁଣିବ, ତୁମର ପ୍ରିୟତମା ସ୍ୱେତାର ନୂଆ ହରଣଚାଲ ହୋଇଛି । ଖାଲି ହରଣଚାଲ ନୁହେଁ: ଫେରି ଆସି ଅକ୍ଷି ପୁରାଇ ଦେଖିବ, ତାହାର ଦେହ ସଙ୍ଗରୁ ମୁଣ୍ଡ ଅଲଗା ହୋଇଛି । ନିଜ ଜୀବନ ପ୍ରତି ବି ସାବଧାନ ରହିବ ।

ଭମର

ପୂର୍ବ ପରିଚିତ ବନ୍ଧୁ

ମହେନ୍ଦ୍ରବାବୁ ଚିଠିଟି ପଢି ଶେଷ କଲାବେଳକୁ ତାଙ୍କ ସ୍ଥୂଳ ଜଡିପଣ୍ଡ ଦେହ ସାରା ଥରୁଥିଲା । ସେ ଚିଠିଟିକୁ ଆରାମ ଚେୟାରର ହାତ ଉପରେ ରଖିଦେଇ ନିର୍ଜୀବ ଭଳି ଚେୟାରକୁ ଆଉଜି ପଡ଼ି ରହିଲେ ।

ଶ୍ରୀବତ୍ସବାବୁ ପ୍ରାୟ ପନ୍ଦର ମିନିଟ ପରେ ଘର ଭିତରୁ ଫେରି-ଆସି ଦେଖିଲେ—ମହେନ୍ଦ୍ରବାବୁ ଏଭଳି ଅବସ୍ଥାରେ ଚେୟାରକୁ ଆଉଜି ରହିଛନ୍ତି । ବିସ୍ମୟରେ ତାଙ୍କର ସୀମା ରହିଲା ନାହିଁ । ସେ ଆଉ ଖଣ୍ଡେ ଚେୟାର ତାଙ୍କ ପାଖକୁ ଟାଣି, ବସି ପଡ଼ି ପଚାରିଲେ ମହେନ୍ଦ୍ରବାବୁ, ବସାରେ କାହା ଦେହ ଖରାପ ହୋଇଛି ନା କ'ଣ ?

ମହେନ୍ଦ୍ରବାବୁଙ୍କର ତାଙ୍କ କଥାର ଉତ୍ତର ଦେବାକୁ ଯେପରି ଶକ୍ତି ନ ଥିଲା । ସେ କେବଳ ହାତ ଉଠାଇ ଚିଠି ଖଣ୍ଡିକ ତାଙ୍କ ହସ୍ତକୁ ବଢ଼ାଇ ଦେଲେ ।

\+ + +

ପୋଲିସ ସାହେବ ଗଗନବାବୁ ପାଖଁଠାବେଳେ ନିଜ ବଙ୍ଗ-ଳାରେ ଜଳଖିଆ ଖାଇ ସାରି ଛୋଟ ପୁଅଟିର ହାତ ଧରି ବଗିଚାରେ ବୁଲୁଛନ୍ତି, ଚପରାଶି ଆସି ଖବର ଦେଲା—ହଜୁର, ପୁରୀର ପୋଲିସ ସାହେବ ଡାକୁଛନ୍ତି । ଗଗନବାବୁ ତରତର ହୋଇ ଫୋନ ପାଖକୁ ଆସି ଫୋନ ଧରିଲେ ।

ନମସ୍କାର ଆଦାନ ପ୍ରଦାନ ପରେ, ପୁରୀର ପୋଲିସ ସାହେବ ପଚାରିଲେ—ମହେନ୍ଦ୍ରବାବୁ ବର୍ତ୍ତମାନ କେଉଁଠି ?

ଗଗନବାବୁ ଉତ୍ତର ଦେଲେ—ସେ ଯେଉଁ କାର୍ଯ୍ୟରେ ଯାଇ-ଥିଲେ, ଅଜ୍ଞ ସେ କାର୍ଯ୍ୟରେ କୃତକାର୍ଯ୍ୟ ହୋଇ ଫେରି ଆସୁଛନ୍ତି ।

ପୁରୀର ପୋଲିସ ସାହେବ ଦୁଃଖ ମିଶା ସ୍ୱରରେ କହିଲେ, ଫେରି ଆସିଛନ୍ତି ! କିନ୍ତୁ ତାଙ୍କର ସର୍ବନାଶ ହୋଇଛି ଗଗନବାବୁ । ତାଙ୍କ ସ୍ତ୍ରୀଙ୍କୁ ଡକାୟତ ଦଳ କୌଶଳରେ ନେଇ ପୁରୀ ସହରର ଦେଢ଼ ମାଇଲ ଦୂରରେ ହତ୍ୟା କରିଛନ୍ତି । କେବଳ ତାଙ୍କ ସ୍ତ୍ରୀର ଖଣ୍ଡିଏ ବାଁ ହାତଟି ଛଡ଼ା ଶରୀରର ଅନ୍ୟାନ୍ୟ ଅଂଶ ମିଳି ନାହିଁ, ତା ଛଡ଼ା ବ୍ଲାଉଜ, କାନର ଫୁଲ ଇତ୍ୟାଦି ମିଳିଛି । ବଡ଼ ଦୁଃସମ୍ବାଦ ! ମହେନ୍ଦ୍ରବାବୁଙ୍କୁ କିପରି ଏ ଖବର ଦିଆଯିବ, ସେଇକଥା ମୁଁ ଭାବୁଛି । ଆପଣ ଭାବନ୍ତୁ ତାଙ୍କୁ ଏ ଖବର ଦେବେ, ବୁଝାଇବାକୁ ମଧ୍ୟ ଭୁଲିବେ ନାହିଁ । ଡକାୟତ ଦଳକୁ କୌଣସି ଉପାୟରେ ବିନାଶ ନକଲେ ଆଉ ଉପାୟ ନାହିଁ ।

ଗଗନବାବୁ ଏ କରୁଣ ସମ୍ବାଦ ଶୁଣୁ ଶୁଣୁ ତାଙ୍କୁ ଲାଗୁଥିଲା ଯେପରି ସମ୍ବାଦ ସଂଗ୍ରହକାରୀ ଯନ୍ତ୍ରଟି ତାଙ୍କ ହାତରୁ ଖସି ପଡ଼ିବ

ପୂର୍ବର ପୋଲିସ ସାହେବଙ୍କର କଥାକୁହା ଶେଷ ହେବାରୁ ଗଗନବାବୁ ଫୋନଟା ଥୋଇଦେଇ ପନ୍ଦର ମିନିଟ ଯାଏ ନିର୍ବାକ ହୋଇ ଚୌକିରେ ବସି ପଡ଼ିଲେ । କିପରି ଏ ଦୁଃସମ୍ବାଦ ସେ ମହେନ୍ଦ୍ରବାବୁଙ୍କୁ ଶୁଣାଇବେ । ଏଇ ଦୁଇଘଣ୍ଟା ଆଗରୁ ସେ ଖୁସି ମନରେ ତାଙ୍କ ପାଖରୁ ବିଦାୟ ହୋଇ ଯାଇଛନ୍ତି, ପୁଣି ଦୁଇଘଣ୍ଟା ପରେ ତାଙ୍କର ବିପଦ । ଶ୍ରୀବତ୍ସବାବୁ ଯାହା କହୁଥିଲେ ଠିକ କଥା । ଡକାୟତଦଳ ଖସି ପଳାଇବା ଦ୍ୱାରା ମହେନ୍ଦ୍ରବାବୁଙ୍କର ସମସ୍ତଙ୍କ ଠାରୁ ବିପଦ ବେଶି । ସେ ଆଉ କିଛି ଭାବି ନ ପାରି ଫୋନ ସାହାଯ୍ୟରେ ଶ୍ରୀବତ୍ସବାବୁଙ୍କୁ ଶୀଘ୍ର ତାଙ୍କ ପାଖକୁ ଆସିବାପାଇଁ ଥାନାକୁ ଖବର ଦେଲେ ।

× × ×

ଶ୍ରୀବତ୍ସବାବୁ ଚିଠିଟି ପଢ଼ିସାରି ବିପଦ ଆଶଙ୍କା କରୁଥିଲେ ବି ରାଗରେ ଜଳିଉଠି କହିଲେ ବଦମାସ ଡକାୟତ ଦଳର କେତେ ସାହାସ ! ସେଦିନ ଯେଉଁ ଲୋକଟି ଆସିଥିଲା, ସେ ବୋଧହୁଏ ସେହି ଦଳର । ଅଦୃଶ୍ୟ ହୋଇ ବି ସେ ପୋଲିସ ଆଗରେ ଚିଠି ଦେଇ ଚାଲିଗଲା । ଆପଣ ମହେନ୍ଦ୍ରବାବୁ, ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଏବେକ୍ଷଣି ପୁରୀକୁ ଫୋନରେ ଜଣାଇ ଦେଉଛି, ବର୍ତ୍ତମାନଠାରୁ ଚାରିଜଣ ପୋଲିସ ଆପଣଙ୍କ ବସାକୁ ଜଗି ରହନ୍ତୁ, ଆପଣ ବି ଆଜି ସନ୍ଧ୍ୟା ଗାଡ଼ିରେ ପୁରୀ ଯାଆନ୍ତୁ ।

ଜଣେ କନେଷ୍ଟବଲ ଥାନାରୁ ଆସି ଶ୍ରୀବତ୍ସବାବୁଙ୍କୁ ସଲାମ କରି କହିଲା – ପୋଲିସ ସାହେବ, ଜରୁରୀ କାମ୍ ନେଇ ବସାରେ ଆପଣଙ୍କୁ ଅପେକ୍ଷା ବସି ରହିଛନ୍ତି ।

ଶ୍ରୀବସ୍ତ୍ରବାବୁ, ମହେନ୍ଦ୍ରବାବୁଙ୍କ ହାତ ଧରି ଉଠାଇ ଆଣି କହିଲେ—ଏ ଚିଠିଟିକୁ ମଧ୍ୟ ସାହେବଙ୍କୁ ଦେଖାଇବା ଉଚିତ । ଆସନ୍ତୁ କୋଠି ଆଡ଼େ । ଏହିକ୍ଷଣି କିଛି ବ୍ୟବସ୍ଥା କରିବାକୁ ହେବ । ମହେନ୍ଦ୍ରବାବୁ ଯନ୍ତ୍ର ଚାଳିତ ପରି ଶ୍ରୀବସ୍ତ୍ରବାବୁଙ୍କ ସଙ୍ଗରେ ଚାଲିଲେ ।

ଥାନା ଆଗରେ ଗୋଟାଏ ଟହଲଦିଆ ପୋଲିସ ମଟର ଥୁଆ ହୋଇଥିଲା । ମହେନ୍ଦ୍ରବାବୁଙ୍କ ସହିତ ଶ୍ରୀବସ୍ତ୍ରବାବୁ ବସି ଡ୍ରାଇଭରକୁ ପୋଲିସ ସାହେବଙ୍କ ବଙ୍ଗଳା ଆଡ଼େ ମଟର ଚଳାଇବାକୁ କହିଲେ ।

ଗଗନବାବୁଙ୍କ ବଙ୍ଗଳା ଆଗରେ ମଟର ରହିଲାକ୍ଷଣି ଶ୍ରୀବସ୍ତ୍ରବାବୁ ଆଗ ମଟରରୁ ଓହ୍ଲାଇ ସିଧା ତାଙ୍କ ଅଫିସ ଘରକୁ ପଶିଗଲେ । ଗଗନବାବୁ ସେଯାଏଁ ବି ସ୍ଥିର ମନରେ କରିଲ ମହେନ୍ଦ୍ରବାବୁଙ୍କୁ ଏ ଖବର ଦେବେ, ସେହିକଥା ଭାବୁଥିଲେ । ଶ୍ରୀବସ୍ତ୍ରବାବୁଙ୍କୁ ଦେଖି ବ୍ୟଗ୍ର ଭାବରେ ପଚାରିଲେ ମହେନ୍ଦ୍ରବାବୁ କାହାନ୍ତି ?

ଶ୍ରୀବସ୍ତ୍ରବାବୁ କହିଲେ— ମୁଁ ବାଧ୍ୟକରି ତାଙ୍କୁ ସଙ୍ଗରେ ଘେନି ଆସିଛି । ସେ ମଟରରେ ବସିଛନ୍ତି । ଏଇ ନିଅନ୍ତୁ, ଏ ଚିଠି ଖଣ୍ଡ ପଢ଼ନ୍ତୁ । ବଦମାସ ଡକାୟତ ଦଳର ଏ କାଣ୍ଡ ।

ଗଗନବାବୁ ଚିଠିଖଣ୍ଡିକ ଉପରେ ଯେତେଲେ ଚଞ୍ଚଳ ପାରନ୍ତି, ଆଖି ବୁଲାଇଆଣି କମ୍ପ ଦୁଃଖମିଶା ଗଳାରେ କହିଲେ—ବଦମାସ ଦଳ ଏ ଚିଠିରେ ଯାହା ଲେଖିଛନ୍ତି, ତାହା ତ କାର୍ଯ୍ୟରେ ପରିଣତ କରି ସାରିଲେଣି । ତାଙ୍କ ସ୍ତ୍ରୀଙ୍କୁ ଭାଲି ସ୍ଥଳରେ ହତ୍ୟା କରା-ହୋଇଛି ।

ଶ୍ରୀବତ୍ସବାବୁ ସୃଷ୍ଟି ପ୍ରଳୟ ହୋଇଯିବା ଭଳି ଭୟମିଶା ଗଳାରେ କହିଲେ—ଏଁ, ଖୁନ ! ସର୍ବନାଶ ।

ପ୍ରାୟ ପାଞ୍ଚମିନିଟ ନୀରବରେ କଟିଗଲା । ତା'ପରେ ଗଗନବାବୁ କହିଲେ—ଏ ଖବର କିଛିକ୍ଷଣ ଲୁଚାଇଲେ ବି କିଛି ଲାଭ ନାହିଁ । ମହେନ୍ଦ୍ରବାବୁଙ୍କୁ ଏଠିକୁ ଡାକନ୍ତୁ ।

ଶ୍ରୀବତ୍ସବାବୁ କହିଲେ—ଡକାୟତ ଦଳ ପଳାଇଯିବା ଧନ-ଠାରୁ ମହେନ୍ଦ୍ରବାବୁଙ୍କର ଯେ ବେଶି ବିପଦ, ଏ କଥା ମୁଁ ଆଗରୁ ଅନୁମାନ କରିଥିଲି । ସେ ବର୍ତ୍ତମାନ ଏ କରୁଣ ସମ୍ବାଦ ଶୁଣିଲେ ଧୈର୍ଯ୍ୟଧରି ରହିପାରିବେ ନାହିଁ ।

ଗଗନବାବୁ ନିଜେ ଡକାଇ ପଠାଇବାରୁ ମହେନ୍ଦ୍ରବାବୁ ଯାଇଁ ଅଫିସରେ ପଡ଼ିଥିବା ଗୋଟିଏ ଚେୟାରରେ ବସିଲେ କିନ୍ତୁ କାହାରି ମୁଖରେ ଭାଷା ନାହିଁ । ଗଗନବାବୁ ଓ ଶ୍ରୀବତ୍ସବାବୁ ସେହି ଅବସ୍ଥାରେ ବସି ଥିବାରୁ ମହେନ୍ଦ୍ରବାବୁଙ୍କ ମନ ସନ୍ଦେହରେ ଅଧିକ ଆନ୍ଦୋଳିତ ହେବାକୁ ଲାଗିଲା ।

ଅନେକ ସମୟ ପରେ ଗଗନବାବୁ କହିଲେ—ମହେନ୍ଦ୍ରବାବୁ, ଆପଣ ବର୍ତ୍ତମାନ ଯୁବକ । ଆପଣଙ୍କ ଉପରେ ଯେ କୌଣସି ବିପଦ ଘଟିଲେ ସମ୍ଭାଳି ନେବାପାଇଁ ଆପଣଙ୍କର ସାହାସ ଓ ଶକ୍ତି ଅଛି । କୌଣସି ଦୁଃସମ୍ବାଦ ଶୁଣି ଆପଣ ଧୈର୍ଯ୍ୟଚ୍ୟୁତ ହେଲେ ଚଳିବ ନାହିଁ । ବଦମାସ ଡକାୟତ ଦଳ ଶର୍ତ୍ତ ଅନୁଯାୟୀ କାର୍ଯ୍ୟ କରି ସାରିଛନ୍ତି । ଆଉ କିଛି କହିବା ଆଗରୁ ମହେନ୍ଦ୍ରବାବୁ, ମୁହଁରେ ରୁମାଲ ଦେଇ କଇଁ କଇଁ ହୋଇ କାନ୍ଦି ଉଠିଲେ ।

ଅନେକ ବୁଝାସୁଝା ପରେ ମହେନ୍ଦ୍ରବାବୁ ସିଧା ହୋଇ ବସିଲେ ସତ କିନ୍ତୁ ତାଙ୍କ ଆଖିରୁ ଲୁହବୁହା ବନ୍ଦ ହେଲନାହିଁ ।

ଛ'ଟା ବାଜିଲା । ଶ୍ରୀବତ୍ସବାବୁ ମନଦୁଃଖରେ ବାହାରିଲାକ୍ଷଣି ମହେନ୍ଦ୍ରବାବୁ ମଧ୍ୟ ପାଗଳଙ୍କ ପରି ସେହି ସନ୍ଧ୍ୟା ଗାଡ଼ିରେ ପୁରୀ ବାହାରିଲେ, କିନ୍ତୁ ଗଗନବାବୁ ବାଧ୍ୟ କରି ଆଜି ପୁରୀ ନ ଯାଇ କାଲି ଯିବାକୁ କହି ମହେନ୍ଦ୍ରବାବୁଙ୍କୁ ତାଙ୍କ ବସାରେ ଆଜିକ ରହିବା ପାଇଁ ଅଟକାଇଲେ । ଶ୍ରୀବତ୍ସବାବୁ ବି ଯେତେ ପାରନ୍ତି, ବୁଝାସୁଝା କରି ବସାକୁ ଫେରି ଆସିଲେ ।

ମହେନ୍ଦ୍ରବାବୁ, ଝୁନୁର ହତ୍ୟା କଥା ଶୁଣିଲାବେଳଠୁ ସେଇ କେଇଟା ମିନିଟ ଭିତରେ ତାଙ୍କ ଆଖିରୁ ଶେଷ ଲୁହ ବୁନ୍ଦା ସୁଦ୍ଧା ଝଡ଼ି ପଡ଼ିଥିଲା । ତାଙ୍କ ଆଖିରେ ଏଇକ୍ଷଣି ଲୁହ ନାହିଁ । ସେ ଶୂନ୍ୟଆଡ଼କୁ ଚାହିଁଛନ୍ତି, ସେଇଆଡ଼ୁ ପୁନର୍ବାର ଆଖି ଫେରାଇ ଆଣିବାକୁ ଯେ କେତେ ସମୟ ବିତି ଯାଉଛି ତାର ଠିକଣା ନାହିଁ ।

ରାତି ଦଶଟା ବାଜିଲା, ଗଗନବାବୁଙ୍କ ବିଶେଷ ଅନୁରୋଧରେ ମହେନ୍ଦ୍ରବାବୁ ସାମାନ୍ୟ ମାତ୍ର ଜଳଖିଆ ଖାଇ ବିଛଣାରେ ପଡ଼ିଲେ ନିଦ ତ ଆସିଲା ନାହିଁ, ଓଲଟି ଝୁନୁର ସ୍ନେହ ଆଦର, ତାର କଅଁଳ ଗୁହାରୀ, ତାର ସୁନ୍ଦର ରୂପ ଗୋଟି ଗୋଟି ହୋଇ ମନେପଡ଼ି ମହେନ୍ଦ୍ରବାବୁଙ୍କ ଛାତି ଦରଜ ହେବାକୁ ଲାଗିଲା । ରାତି ସାରା ଦାରୁଣ ମାନସିକ ଯନ୍ତ୍ରଣାରେ ସେ ଛଟପଟ ହେବାକୁ ଲାଗିଲେ ।

ସେହିଦିନ 'ସମାଜ'ରେ ଏହି ଲୋମହର୍ଷଣକାରୀ କରୁଣ ସମ୍ବାଦ ଗୁରୁଆକ୍ଷରେ ପ୍ରଚାରିତ ହୋଇଗଲା । ଯିଏ ଏ ସମ୍ବାଦ ଶୁଣିଲା, ନୀରବରେ ଦୁଃଖ ପ୍ରକାଶ ନକରି ରହିପାରିଲା ନାହିଁ । ଝୁନୁର ବାପା

ପ୍ରାଣଧନବାବୁ ଏ ଘଟଣା ଶୁଣିବାକ୍ଷଣି ମୁଣ୍ଡରେ ହାତ ଦେଇ ବସି-ପଡ଼ିଲେ । ତାଙ୍କ ଆଖିରୁ ଲୁହ ବି ଉଭେଇଗଲା ।

ତହିଁ ପର ଦିନ ଭୋରୁ ମହେନ୍ଦ୍ରବାବୁ ପାଗଳ ପରି ହୋଇ ପୁରୀ ଲେବାଲ ଧରିଲେ ।

\+ + +

ତହିଁ ଆରଦିନ ସମୟ କେତେ ହେବ କେଜାଣି, ଝୁନ୍ନର ଚେତନା ଆସିବାରୁ ସେ ସ୍ୱପ୍ନ ରାଇଜରୁ ଫେରି ଆସିଲାପରି ଚାରିଆଡ଼କୁ ବଲବଲ କରି ଚାହିଁ ଦେଖିଲା—ସେ ଗୋଟିଏ ସୁନ୍ଦର ବିଛଣାପରି ଖଟ ଉପରେ ଶୋଇଛନ୍ତି । ଘରଟି ବିଶେଷ ଆଲୋକିତ ନଥିଲେ ସେତେ ଅନ୍ଧାରୁଆ ବି ନୁହେଁ । ଘରର କାନ୍ଥରେ କେତୋଟି ଛବି ମରା ହୋଇଛି । ସେହି ଛବିଗୁଡ଼ିକ ଭିତରୁ କେତୋଟି କାଳୀ ମୂର୍ତ୍ତି, ଅନ୍ୟ ଦୁଇ ତିନୋଟି ଜଣେ କପାଳିକ ବାବାଙ୍କର । କୋଠରୀଟି ବେଶ ପରିଷ୍କାର ପରିଚ୍ଛନ୍ନ । ପଟରେ ଏକମାତ୍ର ଦରଜା; ସେ ପୁଣି ବନ୍ଦ ।

ହଠାତ୍ କାଲି ରାତି ଘଟଣା ଝୁନ୍ନର ମନେ ପଡ଼ିଯିବାରୁ ସେ ଚମକି ଉଠି ଭାବିଲା—କାଳିକାର ଭଙ୍ଗା କୋଠା ଏ ଅବା ନୁହେଁ ତ! ହୁଏତ ସେମାନେ ଦସ୍ୟୁଙ୍କର ଅବା କାହାଘରେ ଛାଡ଼ିଦେଇ ଯାଇ-ଥିବେ, ଏଇ ଆଶାରେ ଖଟିଆ ଉପରୁ ତଳକୁ ଓହ୍ଲାଇ ଠିଆ ହେଲା, କିନ୍ତୁ ତାକୁ ଲାଗୁଥିଲା—ସେ ଠିଆ ହୋଇଥିଲେ ବି ଯେମିତି ସାବଧ ହେଲେ ଚାଲି ପାରିବ ନାହିଁ । ବିଷ ଖାଇଲାପରି ଦେହ ଝିମି ଝିମି ହୋଇ ମୁଣ୍ଡ ଘୁରାଇ ଦେଉଥାଏ ।

ଗୋଟାଏ ହୋସ୍‌ରେ ଭାନୁ ଧରି ଧରି ବନ୍ଦ ଥିବା ଦରଜା ପାଖକୁ ଆସିଲା । କାଳେ ତାହାରକୁ ଦରଜାଟାରୁ କିଏ ଅଟକେଇ ଦେଇଥିବ ବୋଲି ଥରକୁ ଥର ଦରଜାରେ ହାତ ମାରି ଦେଖିଲା, ଦରଜା ବାହାର ଆଡୁ ବନ୍ଦ । କବାଟର ସାମାନ୍ୟ ଫାଙ୍କ ଦେଇ ବି ବାହାରର କିଛି ଦେଖିବାର ଉପାୟ ନାହିଁ, କେବଳ ତା' ଆର ପାଖରେ ଘରଭିତର ଭଳି ଝାପସା ଅନ୍ଧାର ।

ଝୁନୁ ହତାଶ ହୋଇ କବାଟ ପାଖରୁ ଫେରୁପଡ଼ି ତା'ର ମୁଣ୍ଡ ପାଖରେ ଟଙ୍ଗା ହୋଇଥିବା ଛବିଟିକୁ ଚାହିଁଲା । ସେ ଛବିର ଲୋକଙ୍କୁ ସେ ଯେମିତି କେଉଁଠି ଦେଖିଛି । ମୁହୂର୍ତ୍ତେ ମାତ୍ର ଚାହିଁ ରହି ଭୟରେ ଖଣ୍ଡେ ଦୂରକୁ ଘୁଞ୍ଚି ଆସି ଦୀର୍ଘ ନିଶ୍ବାସ ଛାଡ଼ିବାକୁ ଲାଗିଲେ । ଏତ ସେଇ ସ୍ୱାମୀବାବାଙ୍କର ଛବି ! ଯିଏ ଦିନେ ଅର୍ଗଳି ଭିତରେ ତାର ଦେହକୁ ପୁରାଇ ବଳି ଦେବାକୁ ମନ୍ତ୍ର ପାଣି ଛିଞ୍ଚୁ ଥିଲେ । ତାହାହେଲେ କ'ଣ ମୋତେ ସ୍ୱାମୀବାବାଙ୍କ ପାଖକୁ ବଳି ଦେବା ଉଦ୍ଦେଶ୍ୟରେ ତାକୁ ପୁନର୍ବାର ଷଡ଼ଯନ୍ତ୍ରରେ ଅଟା ହୋଇଛି ? ତାକୁ କିଏ ପୁଣି ବଳି ଦିଆଯିବ । ତାହାନ୍ତି ତାର ସ୍ୱାମୀ ମହେନ୍ଦ୍ରବାବୁ । ଝୁନୁ ଚୋଟିଷଣି ଥରି ଥରି ଖଟ ଉପରେ ପଡ଼ି ରହିଲା । ତା'ର ସମସ୍ତ ଭାବିବା ଶକ୍ତି ଲୋପ ହୋଇ କେବଳ ଆଖିରୁ ଲୁହଧାର ଛୁଟିଥିଲା ମାତ୍ର ।

ପ୍ରାୟ ଅଧଘଣ୍ଟା ପରେ କିଏ ଜଣେ ବାହାରୁ କବାଟ ଫିଟାଇ-ସେ ଘରକୁ ଆସିବାର ଶବ୍ଦ ହେଲା । ଝୁନୁର ସେ ଆଡ଼କୁ ଅନାଇବାକୁ ଇଚ୍ଛା ନଥିଲେ ବି କାଳେ କାଳି ରାତିରେ କେଉଁ ମନୁଷ୍ୟ କି ଗୁଣ୍ଡା ଆସିଥିବେ, ଏଇ ଭୟରେ ଚାହିଁ ଦେଖିଲା ବେଳକୁ ମାଇପିଟିଏ ଭିତରକୁ 'ପଶି ଆସୁଛି'। ସେ ଆଉ କେହି ନୁହେଁ—ମାଳତୀ ।

ମାଳତୀ ହସ ହସ ମୁହଁରେ ପାଖରେ ଠିଆହୋଇ କହିଲା, କାନ୍ଦିଲେ ଆଉ କଣ ହେବ, ଖାଇପିଇ ମଉଜରେ ଏଠି ରୁହ । କାନ୍ଦିଲେ ତମ ସ୍ୱାମୀ ଏଠି ନାହାନ୍ତି ଯେ, ଆଗୁଭର ଥରେ ସମସ୍ତଙ୍କୁ ମାଉ ତମ ଆଖିରୁ ଲୁହ ପୋଛିଦେବେ । ମୋର କଥା ମାନି ଗାଧୋଇ ଖିଆ ପିଆ କର, ନୋହିଲେ ତମକୁ ଖୁଆଇବା ପାଇଁ ଭାଲି ଯେଉଁ ମାନେ ମଦ ଖାଉଥିଲେ ସେହିମାନେ ଆସିବେ । ମୋ କଥା ମାନି ଯଦି ଖାଇବ, ତାହାହେଲେ ଡେଢଡେଢିଲେ କ'ଣ ହେବ ସିନା, ଏଇକ୍ଷଣି କେହି ପୁରୁଷ ଏ ଘରକୁ ଆସିବେ ନାହିଁ ।

ଝୁନି, ମାଳତୀର କଥା ଶୁଣୁ ଶୁଣୁ ଭଇଁ କଇଁ ହୋଇ କାନ୍ଦି ମାଳତୀକୁ କୁଣ୍ଢାଇ ପକାଇ ଥର ଥର ଗଳାରେ କହିଲା—ମୋତେ ଛାଡିଦେଇ ଆ ମାଳତୀ ।

ମାଳତୀ ହସି ହସି କହିଲା—ସେତ ପଛକଥା ଝୁନି ଦେଈ, ଆସ ମୋ ସାଙ୍ଗରେ ଗାଧୋଇବ ।

ମାଳତୀ ଉଠି ଠିଆ ହେଲା । ଝୁନି ଖଟ ଉପରେ ସେମିତି ବସି-ଥାଏ । ମାଳତୀ ଟିକିଏ ଅପେକ୍ଷା କରି ଝୁନିର ହାତ ଧରି ଟାଣି ଆଣି କହିଲା—ଆସ, ମୋ ସଙ୍ଗରେ ଆସ ।

ଝୁନି ବାଧ୍ୟ ହୋଇ ତା'ର ପଛେ ପଛେ ଗଲା ।

ମାଳତୀ ସେହି କୋଠରୀର ଦରଜା ଫିଟାଇ ଗୋଟାଏ ଉପରକୁ ପାହାଚ ହୋଇଥିବା ଗଳି ବାଟ ଦେଇ ଅନ୍ୟ ଏକ ଖଞ୍ଜାରେ ପହଞ୍ଚିଲା । ଛୋଟ ଖଞ୍ଜାଟିଏ, ଚାରିପାଖରେ ଏକ ମହଲା କୋଠା । ମାଳତୀ ଆଗେ ଆଗେ ଯାଇଁ ଗୋଟିଏ କୋଠରୀ ଭିତରକୁ ଝୁନିକୁ ଠେଲି ଦେଇ କହିଲା--ସେହି ଘରେ ପାଇଖାନା, ଦାନ୍ତକାଠି, ପାଣି; ଲୁଗା ଇତ୍ୟାଦି

ରଖାଯାଇଛି, ସେଇଠି ସମସ୍ତ କାମ ଚଞ୍ଚଳ ସାର, ମୁଁ ଟିକିଏ ରୁଣ୍ଡ ଆସୁଛି । ହେମ୍ନ ଭିତରକୁ ପଶିଲାଯଣି ମାଳତୀ ବାହାରୁ କବାଟ ବନ୍ଦ କରିଦେଲା ।

ହେମ୍ନ ଆଖିରୁ ଲୁହ ପୋଛି ଘରର ଚାରିଆଡ଼କୁ ଅନାଇଲା, ଘରେ ସମସ୍ତ ଜିନିଷ ସଜାଡ଼ା ହୋଇ ରଖାହୋଇଛି । କାଲି ସକାଳେ ନିଜ ବସାରେ କେତେ ସୁଖଶାନ୍ତିରେ ଦିନ କାଟୁଥିଲା, ଆଜି ପୁଣି ସେ କେଉଁଠି ! କେଉଁ ନର୍କପୁରୀ ଭିତରେ ଅବଦ୍ଧ ରହିଛି । କାହାନ୍ତି ତାର ସ୍ୱାମୀ ମହେନ୍ଦ୍ର ବାବୁ ! ସେ ଯେତେବେଳେ ଶୁଣିବେ, ଡ଼କାୟତ ଦଳ ମୋତେ ହରଣଚୋରି କରି ଆଣିଛନ୍ତି, ସେତେବେଳେ ଯେ ତାଙ୍କ ଅବସ୍ଥା କ'ଣ ହେବ କହି ହେଉନାହିଁ ! ହେମ୍ନ ଆଉ ଭାବି ପାରିଲା ନାହିଁ, ମୁହଁରେ ଲୁଗା ଦେଇ ଧଇଁ କଇଁ ହୋଇ କାନ୍ଦି ଉଠିଲା ।

କିଛି ସମୟ ବିତିଗଲା, ହେମ୍ନ ଚମ୍ପକ ପଞ୍ଜ ନିଜ ଆଖିରୁ ନିଜେ ଲୁହ ପୋଛି ଯାଇ ତାର ଦାନ୍ତିପଟି ଘସି ଗାଧୋଇ ପକାଇଲା । ହେମ୍ନର ଏକମାତ୍ର ଡ଼ର, ମାଳତୀ ଏ ଘରକୁ ଆସୁ ପଛକେ, ସେହି ମଦମତ୍ତଦଳ ଯେପରି ଏ ଘରକୁ ନ ଆସନ୍ତୁ ।

ପ୍ରାୟ ଅର୍ଦ୍ଧଘଣ୍ଟା ପରେ ମାଳତୀ କବାଟ ଫିଟାଇ ସେ ଘର ଭିତରକୁ ପଶିଯାଇ କହିଲା—କାମ ସାରିଛ ତ ? ଏଥର ମୋ ସଙ୍ଗେ ସଙ୍ଗେ ଆସ । ହେମ୍ନ ଯନ୍ତ୍ର ଚାଳିତ ପରି ତାର ପଛେ ପଛେ ଚାଲିଲା ।

ହେମ୍ନ କାଲି ରାତିରେ ଯେଉଁ ଘରେ ଶୋଇଥିଲା, ସେହି ଘରକୁ ମାଳତୀ ପୁନର୍ବାର ନେଇ ଯାଇ କହିଲା—ଖଟ ତଳେ ପ୍ରସାଦ ରଖାଯାଇଛି, ନିଶ୍ଚିନ୍ତରେ ଖାଇ ପିଇ ଶୋଇ ରହ । ଅନ୍ୟ କାମରେ ମୁଁ ଯାଉଛି । ଫେରିଆସି ଯଦି ମୁଁ ଦେଖେ, ତମେ ପ୍ରସାଦ ଖାଇନା,

ତାହାହେଲେ କାଲି ସନ୍ଧ୍ୟାବେଳେ ଯେଉଁ ମରଦ ସବୁ ମଦ ପିଉଥିଲେ ସେମାନଙ୍କ ଭିତରୁ ଦୁ'ଜଣଙ୍କୁ ଆଣି ଏ ଘରେ ପୁରାଇ ବାହାରୁ କବାଟ କିଳିଦେବି । ତା'ପରେ ସେ ଘରେ ରହି ତମକୁ ଯେପରି ଉପାୟରେ ଖୁସି କରନ୍ତୁ ବା ଯାହା କରନ୍ତୁ, ମୋର ଦୋଷ ଦେବନାହିଁ ।

ମାଳତୀ ଆଉ କାଳ ବିଳମ୍ବ ନ କରି ବାହାରୁ କବାଟ ଦେଇ ଚାଲିଗଲା ।

ଝୁନ୍ନି ପ୍ରାୟ ଦଶମିନିଟ କାଳ ତଳେ ବସି ରହି ଦୀର୍ଘନିଶ୍ୱାସ ଛାଡ଼ି କେତେ କ'ଣ ଭାବିଗଲା । ଏଠୁ ଯିବାର ଆଉ ଉପାୟ କ'ଣ ଏଠି ଯେ ମୁଁ ଅଟକ ହୋଇ ରହିଛି, ଏକଥା କିଏ ବା କିପରି ଜାଣିବ ସିଏ ନିଜେ ଜାଣିନାହିଁ କେଉଁଠି ସେ ଅଛି ବୋଲି । ହଠାତ ମାଳତୀର କଥା ମନେ ପଡ଼ି ଝୁନ୍ନି ଚମକି ପଡ଼ିଲା—କାଳେ ଯଦି ମାଳତୀ ଏଇକ୍ଷଣି ଆସି ଦେଖିବ ସେ ଖାଇନାହିଁ, ତାହାହେଲେ ଦୁ'ଜଣ ମଦୁଆ ଗୁଣ୍ଡା ଏ ଘରେ ପୁରାଇ ଦେଇଯିବ । ଝୁନ୍ନିର ଦେହ ସେକଥା ଭାବି ଶିହରି ଉଠିଲା । ସବୁକଥା ଭୁଲି ଖଟତଳୁ ପ୍ରସାଦ ଥାଳଟି ଟାଣିଆଣି କେବଳ ଭୟରେ ପାଗଳୀଙ୍କ ପରି ଖାଇବାକୁ ଲାଗିଲା ।

ପ୍ରାୟ ଅଧଘଣ୍ଟା ପରେ ମାଳତୀ କବାଟ ଫିଟାଇ ଆସି ଦେଖିଲା ଝୁନ୍ନି ପ୍ରସାଦ ଖାଉଛି । ତେଣୁ ଖୁସିହୋଇ ଝୁନ୍ନିର ଖଟିଆ ପାଖରେ ଠିଆ ହୋଇ କହିଲା—ଖାଇ ପିଇ ଏଠି ମଉଜ କର, ନିଜ ସ୍ୱାମୀ କଥା ଏଥର ମନରୁ ପାଶୋରି ଦିଅ । ଥରେ ତୁମକୁ ସେ ଉଦ୍ଧାର କରିଥିଲେ ବୋଲି କ'ଣ ଏଥର ଭାବିଛ, ସେ ଏ ସ୍ଥାନର ସନ୍ଧାନ ପାଇବେ । ପରଥର ସିନା ତାଙ୍କ ଅପରେ ତମ ଦେହକୁ ଅର୍ଗଲି ଭିତରେ ପୁରା ହୋଇଥିଲ, ଏଥର ତମେ ନିଶ୍ଚିନ୍ତ ରୁହ । ତୁମକୁ ଏଥର

ବଳି ଦିଆଯିବ ନାହିଁ, ତମ ଆଗରେ ତମ ସ୍ୱାମୀଙ୍କୁ ବଳି ଦିଆଯିବ । ସେଦିନ ସେ ବଳିଦିଆ ଦୃଶ୍ୟ ଦେଖି ଏ ଦଳର ଆନନ୍ଦର ଆଉ ସୀମା ରହିବ ନାହିଁ । ତମର ସ୍ୱାମୀ ଏ ଦଳର ସର୍ବନାଶ କରିଛନ୍ତି ।

ଝୁନ୍ନି ମାଳତୀଠାରୁ ଏ ନିଷ୍ଠୁର କଥା ଶୁଣି ଶୁଣି ଆଖିରୁ ଲୁହ ଗଡାଇ ବିକଳ ହୋଇ କହିଲା—ମୋତେ ଏଭଳି ଅଣିତାରେ ଗୁରୁ-ଆଜ୍ଞେ ମୋ ନାମରେ କଳଙ୍କ ବୋଲ ହୋଇ ଯିବଣି । ମୋର ଜୀବନକୁ ଆଉ ଲୋଭ ନାହିଁ । ମୋତେ ଅର୍ଗଳରେ ପୁରାଇ ବଳି ଦିଅ ପଛକେ; ତାଙ୍କୁ ଧରିଆଣି ଆଉ ମାର ନାହିଁ । ତୋର ପାଦ ଧରୁଛି—ମାଳତୀ ।

ମାଳତୀ, ଝୁନ୍ନିର ହାତକୁ ଉଠାଇ ଦେଇ କେବଳ ବନ୍ଦ୍ରୁ ପରେ ହସିବାକୁ ଲାଗିଲା ।



ଦ୍ୱୀପାନ୍ତର ଏବଂ ଦୀର୍ଘକାଳ କାରାଦଣ୍ଡ ଭୋଗୁଥିବା ଡ଼କାୟତ ଦଳ ଜେଲରୁ କୌଶଳରେ ପଳାୟନ କରିବା ପ୍ରାୟ ଚାରିମାସ ହୋଇ ଗଲାଣି । ଏହି ଚାରିମାସ ମଧ୍ୟରେ ମହେନ୍ଦ୍ରବାବୁଙ୍କ ସ୍ତ୍ରୀଙ୍କୁ ହତ୍ୟା ଏବଂ ସହର ଓ ମଫସଲ କେତେକ ବଡ଼ଲୋକ, ମହାଜନଙ୍କ ଘରୁ ବଡ଼ ଧରଣର ଚୋରି ହେଉଥିବା ଯୋଗୁ ଚାରିଆଡ଼େ ବଡ଼ ଚାଞ୍ଚଲ୍ୟ ଖେଳି ଯାଉଛି । ସକ୍ରିୟ ଭାବରେ ପ୍ରଦେଶର ସମୁହ ପୋଲିସ ବିଭାଗ ଏହି ଭୀଷଣ ଡକାୟତ ଦଳର ସନ୍ଧାନ ପାଇବା ପାଇଁ ଲାଗି ପଡ଼ିଥିଲେ ସୁଦ୍ଧା ଦୀର୍ଘ ସମୟ ଭିତରେ କୌଣସି ଠାରେ ଚିହ୍ନ ମିଳି ନାହିଁ । ତେବେ ଗୋଇନ୍ଦା ବିଭାଗର ତନଖି ଯୋଗୁ ପ୍ରଦେଶରେ ଅନେକ ଛୋଟ ଛୋଟ ଦଳ ଧରାପଡ଼ିଛନ୍ତି ।

ଦିନ ପରେ ଦିନ ବିତି ଯାଉଥିଲେ ବି ପୁଲିସ ବିଭାଗର ଶତ ଚେଷ୍ଟା ସତ୍ତ୍ୱେ ସେହି ଡ଼କାୟତ ଦଳର ସନ୍ଧାନ ନ ମିଳିବାରୁ ସର୍ବୋଚ୍ଚ ମହଲରେ ଏକ ଚିନ୍ତାର ବିଷୟ ହୋଇ ପଡ଼ିଛି । ତା ସଙ୍ଗେ ସଙ୍ଗେ ସହର ଓ ମଫସଲ ବଡଲୋକମାନଙ୍କର ମଧ୍ୟ ଆତଙ୍କ ବଢି ଯାଉଛି ।

ସେଦିନ ରବିବାର । କଟକର ପୋଲିସ ସାହେବ ଗଗନବାବୁ ନିଜ ବସାରେ ସକାଳୁ ଚା ଜଳଖିଆ ଖାଇ ସାରି ଅଫିସରେ ବସି କେତେକ ବାକିଆ କାଗଜପତ୍ର ଉପରେ ଦସ୍ତଖତ କରୁଛନ୍ତି । ଅଫିସ ଚପରାଶି ଗଗନବାବୁ ନିଜ ନାମରେ ଆସିଥିବା କେତେକ ଘରୋଇ ଚିଠି ଆଣି ଦେଇଗଲା । ଗଗନବାବୁ ଚିଠି ଗୁଡ଼ିକ ଦେଖି ଅଫିସ କାମ ବନ୍ଦ ରଖି ଗୋଟିକ ପରେ ଗୋଟିଏ ଦେଖିବାକୁ ଲାଗିଲେ ।

ସ୍ୱେତ୍ପଥଭିତରୁ ଖଣ୍ଡିକରେ ଲେଖାଅଛି—

ମହାଶୟ୍ନ,

ଆପଣ ଆମ ଦଳର ସନ୍ଧାନ ପାଇବା ପାଇଁ ସମୁଦାୟ ପୋଲିସ ବିଭାଗକୁ ଲଗାଇଛନ୍ତି କାହିଁକି ? କିଛିଦିନ ତଳେ ଆପଣଙ୍କର ଗୋଇନ୍ଦା ମହେନ୍ଦ୍ରବାବୁର ଦଶା ଯାହା ହୋଇଛି, ତାହାତ ଆପଣଙ୍କର ବେଶ୍ ମନେ ଥିବ । ସେହିଭଳି ଏକ ଘଟଣା କ’ଣ ଆପଣ ଚାହାନ୍ତି ? ଏ ଟିକି ପାଇ ବୃଥା ଚେଷ୍ଟାରୁ ବିରତ ହୁଅନ୍ତୁ ।

ସ୍ୱାମୀବାବା ଜୀବିତ ଥିବା ପର୍ଯ୍ୟନ୍ତ ଏ ଦଳର ପ୍ରତିପତ୍ତି କୌଣସି ପ୍ରକାରେ କମିବ ନାହିଁ । ସ୍ୱାମୀବାବାଙ୍କ ନିର୍ଦ୍ଦେଶରେ ଏ ଦଳ କାହାର ଅମଙ୍ଗଳ କରିବାକୁ ଯାଇ ନାହିଁ । ଯେଉଁ ବଡ ବଡ ଚୋର ପାଇଁ ଆପଣଙ୍କ ବିଭାଗ ବିବ୍ରତ ହୋଇ ପଡ଼ିଛି, ସେହି ଚୋରର ଧନରେ କ’ଣ ହୁଏ ଜାଣନ୍ତି ? ଦୁଃଖୀ ଦରିଦ୍ର, ଯେଉଁମାନଙ୍କ ପେଟକୁ ଦାନା ନାହିଁ ; ପିନ୍ଧିବାକୁ କନା ନାହିଁ, ଯେଉଁମାନେ ଆପଣଙ୍କ ଭଳି ବଡ଼ ଲୋକ ଦେଖିଲେ ଖଣ୍ଡେ ଦୂରରୁ ନାକ ଟେକନ୍ତି, ସେହିମାନଙ୍କୁ ସେମାନଙ୍କ ଅଜାଣତରେ ସାହାଯ୍ୟ କରିବାପାଇଁ ଗୁପ୍ତରେ ସମସ୍ତ ଅର୍ଥ ଖର୍ଚ୍ଚ ହୁଏ ।

ଆପଣ ଯେଉଁ କଥାକୁ ଅପହରଣ କହି ଅପରାଧ ବା ଅନ୍ୟାୟ ବୋଲି ଭାବୁଛନ୍ତି, ଆମ ଦଳ ତାହାକୁ ସତ୍‌କର୍ମ, ମହତ ଉଦ୍ଦେଶ୍ୟ ଓ ନ୍ୟାୟ ବୋଲି ମନେ କରେ । ଭଗବାନଙ୍କ ଦୁନିଆରେ ସମସ୍ତଙ୍କର ସମାନ ଅଧିକାର ହେବାର କଥା, କିନ୍ତୁ ଆପଣମାନେ ତାହା କ’ଣ କରୁଛନ୍ତି ? ଦେଶର କେତେ ଚତୁର ଖଣ୍ଡ ଦିନ ଦୁଇପ୍ରହରେ କେତେ ନିର୍ବୋଧ ଲୋକଙ୍କ ସର୍ବସ୍ୱ ଅପହରଣ କରି ବଡ ଲୋକ

ହୋଇଛନ୍ତି, ଆଉ ଆପଣଙ୍କମାନେ ଆଇନ କରି ସେହିମାନଙ୍କୁ ସାହାଯ୍ୟ କରୁଛନ୍ତି । ଆମ ଦଳ କେବଳ ସେହି ଯୌବନର ଚତୁର ଖଣ୍ଡୀଙ୍କର ଧନ ଅପହରଣ କରୁଛନ୍ତି ମାତ୍ର । ଆପଣଙ୍କର କଡ଼ା ନଜର ଦ୍ୱାରା ଏ ଦଳର କର୍ମ ଅନେକ ପରିମାଣରେ ଶିଥିଳ ହୋଇଯାଇଛି ସତ, କିନ୍ତୁ ସାବଧାନ ରହନ୍ତୁ, ଏ ଦଳର ମନରେ ଆପଣଙ୍କ ପ୍ରତି ଯେପରି ପ୍ରତି-ଶୋଧର ନିଆଁ ନ ଜଳେ ! ସେତେବେଳେ କାହିଁକି ଆଉ ଏ ବୟସରେ ଆଖିରୁ ଲୁହ ଗଡ଼ାଇ ଶେଷ ଜୀବନ କଟାଇବେ । ଇତି ।

ଗଗନବାବୁ ଚିଠି ଖଣ୍ଡିକ ପଢ଼ି ଆବାକ୍ ହୋଇଗଲେ । କିଛି-ଦିନ ତଳେ ମହେନ୍ଦ୍ରବାବୁଙ୍କର ଅବସ୍ଥା ଯାହା ହେଲା, ଦରକାର ପଡ଼ିଲେ ତାଙ୍କର ଅବସ୍ଥା ବି ସେହିପରି ହୋଇଯିବ ! ଗଗନବାବୁ ଭୟରେ ଆଖି ଖୋସି, ସେହି ଚିଠି ଖଣ୍ଡିକ ଆଡ଼େ ଅନାଇ ରହିଲେ । ଏକ ଦିଗରେ ତାଙ୍କର ସ୍ତ୍ରୀ, ପିଲା ଛୁଆ, ଓ ଅନ୍ୟ ଦିଗରେ ସେ ପୋଲିସ ବିଭାଗର କର୍ତ୍ତୃପକ୍ଷ ପୋଲିସ ସାହେବ । କୌଣସି ଦଳକୁ ଜବତ୍ କରିବାପାଇଁ ତାଙ୍କର ଅସ୍ତ୍ରଶସ୍ତ୍ରର ଅଭାବ ନାହିଁ । ଡକାୟତ ଦଳର ଏ ଧମକାଣରେ ସେ ଡରିଯିବେ ? କେବେ ନୁହେଁ । ପର ମୁହୂର୍ତ୍ତରେ ମନ ନରମି ଯାଏ, ଯଦି କୌଣସି ଉପାୟରେ ଡକାୟତ ଦଳ ତାଙ୍କର ଅନିଷ୍ଟ କରି ପକାନ୍ତି, ତାହାହେଲେ ଆଉ ଉପାୟ କ'ଣ ଥିବ ! କୋଟି କୋଟି ଟଙ୍କା ଦେଲେ ବି ତାହା ବଦଳାଇ ହେବ-ନାହିଁ । ମହେନ୍ଦ୍ରବାବୁଙ୍କ ସ୍ତ୍ରୀ କଥା ମନେ ପଡ଼ି ତାଙ୍କର ଦେହ ଶିହରି ଉଠିଲା । ମୁଣ୍ଡ ଭିତରେ ଖୁବ ଜୋରରେ ଘୂରିଲା—ଘୂର୍ଣ୍ଣିବାୟୁ ।

ଗଗନବାବୁ ଅନେକ ସମୟ ସେହି ଚିଠିଖଣ୍ଡିକ ହସ୍ତରେ ଧରି ବସି ରହି ଭାବିଲେ—ଚିଠିଖଣ୍ଡିକ ନିଜର ସ୍ତ୍ରୀଙ୍କୁ ଡାକି ଦେଖାଇବେ କିନ୍ତୁ ସେ ଏ ଚିଠିଖଣ୍ଡିକ ଦେଖିଲେ କ'ଣ ଧୈର୍ଯ୍ୟ ଧରି ରହି

ପାରିବେ । ହୁଏତ ନଖାଇ ନପିଇ ଜିଦ୍ ଧରିବେ ଗୃହିଣୀ ଦରକାର ନାହିଁ, ଆଜି ଇସ୍ତଫା ଦିଅ । ତାହାହେଲେ ···ଉପାୟ କ'ଣ ଘରେ ଚବିଶ ଘଣ୍ଟା ଅଶାନ୍ତି ବଢିବ ।

ଗଗନବାବୁ ଧରିଥିବା ଚିଠି ଖଣ୍ଡିକ ବଡ ସାବଧାନରେ ନିଜ ଟେବୁଲ ଡ୍ର ଭିତରେ ରଖି ଭାବିଗଲେ—ପୋଲିସ ସାହେବ ହୋଇ ଗୋଟାଏ ଡକାୟତ ଦଳର ଧମକାଣରେ କାମ୍ଭ ନିଜ କର୍ତ୍ତବ୍ୟରେ ସେ କେବେ ହେଳା କରିବେ ନାହିଁ । କାଲିଠାରୁ ନିଜ ବଙ୍ଗଳା ଗୃହ-ପାଖରେ ପହରା ରଖାଇବେ ।

ଦିନ ପରେ ଦିନ ବିତିଗଲା । ଗଗନବାବୁ ସବୁବେଳେ ଅଶାନ୍ତି ଅନୁଭବ କଲେ । ସେହି ଚିଠି ଖଣ୍ଡିକର ଲେଖାରୁ ସେ ଭଲକରି ବୁଝିନେଲେ ଯେ, ଏହି ଦଳ କେତେଜଣ ଗୁଣ୍ଡା ଶ୍ରେଣୀର ଲୋକଙ୍କ ଦ୍ୱାରା ଗଠିତ ନୁହେଁ । ସେହି ଦଳ ଭିତରେ ନିଶ୍ଚୟ କେତେଜଣ ଚତୁର ଶିକ୍ଷିତ ଲୋକ ମଧ୍ୟ ଅଛନ୍ତି । ସେହିମାନଙ୍କର ସୂକ୍ଷ୍ମ ନିର୍ଦ୍ଦେ-ଶରେ ଏସବୁ ପରିଚାଳିତ ହେଉଛି ।

ରାତିରେ ଶୋଇ ଶୋଇ ଗଗବାବୁ ଭାବନ୍ତି, ଡକାୟତ ଦଳ ଧନ ଅପହରଣ କରିବାରେ ଯେଉଁ ନୀତି ଧରିଛନ୍ତି, ତାହା କ'ଣ ପ୍ରକୃତରେ ଅନ୍ୟାୟ ! ସାଧାରଣ ଲୋକ ହିସାବରେ ତାଙ୍କ ମନ ସିଆଡ଼କୁ ଟଳେ । ବାସ୍ତବିକ ଦୁଃଖୀ ଦରିଦ୍ରଙ୍କ ପାଇଁ କି ନିୟମ ଅଛି ! କିନ୍ତୁ ପୋଲିସ ସାହେବ ହିସାବରେ ନିଜ କର୍ତ୍ତବ୍ୟ ମନେ ପଡି ଭିତରେ ତାଙ୍କର ଗର୍ଜି ଉଠେ । କୌଣସି ଉପାୟରେ ବଦମାସ ଡକାୟତମାନଙ୍କୁ ଜବତ୍ କରିବାକୁ ହେବ ।

× × ×

ଗଗନବାବୁ ଛୁଟି ପାଇବାର ଦୁଇ ସପ୍ତାହ ହୋଇଗଲାଣି । ଏହି ଦୁଇ ସପ୍ତାହ ମଧ୍ୟରେ ଗଗନବାବୁଙ୍କଠାରୁ ଆସିଥିବା ଛୁଟି ବିଷୟ ଦାୟିତ୍ୱପୂର୍ଣ୍ଣ ପୋଲିସ କର୍ମଚାରୀଙ୍କ ମହଲରେ ଆଉ ଅଛପା ହୋଇ ରହି ନାହିଁ । କିପରି ଡକାୟତ ଦଳର ସନ୍ଧାନ ମିଳିବ, ସେଥିପାଇଁ ଆଗ ଅପେକ୍ଷା ସମସ୍ତେ ଦ୍ୱିଗୁଣ ଉତ୍ସାହରେ ଲାଗି ପଡ଼ିଛନ୍ତି ।

ବାଲେଶ୍ୱରରୁ ଏ ବିଷୟ ଗୁପ୍ତରେ ଅନୁସନ୍ଧାନ କରିବାପାଇଁ ଆସିଥିବା ପ୍ରିୟନାଥବାବୁ ଓ ସୁରେଶବାବୁ ଗଲା କେତେ ସପ୍ତାହ ହେଲା ଭିନ୍ନ ଭିନ୍ନ ବେଶରେ କଟକ ଓ ପୁରୀର ବିଭିନ୍ନ ଯାଗା ଘୁରି ଘୁରି କେତେଜଣଙ୍କଙ୍କର ସନ୍ଦେହ କଲାଭଳି ଗତିବିଧି ଲକ୍ଷ୍ୟ କରିଛନ୍ତି । ହଠାତ୍ ଧରାଧରି କଲେ ପୂରା ଉଦ୍ଦେଶ୍ୟ ସାଧନ ହୋଇ ପାରିବ ନାହିଁ ବୋଲି କେବଳ ସେମାନଙ୍କର କୌଶଳରେ ପିଛା ଧରିବା ଛଡ଼ା ଅନ୍ୟ କିଛି କରି ନାହାନ୍ତି ।

× × ×

ମହେନ୍ଦ୍ରବାବୁଙ୍କ ସ୍ତ୍ରୀଙ୍କ ହତ୍ୟା କରାଯିବାର ପ୍ରାୟ ଚାରିମାସ ହୋଇଗଲାଣି । ମହେନ୍ଦ୍ରବାବୁ ଅତି ମନ କଷ୍ଟରେ ଚାରିମାସ ଛୁଟି ନେଇଥିଲେ ସୁଦ୍ଧା ମୁହୂର୍ତ୍ତିକ ପାଇଁ ବି ଝିଅକୁ ଭୁଲି ପାରି ନାହାନ୍ତି । ଝିଅର ସୁନ୍ଦର ମୁହଁ, ପ୍ରେମଭରା ଅଳିଅଝଳିଆ କଥା ମନେ ପଡ଼ିଲେ ତାଙ୍କ ଆଖି କୋଣରେ ଲୁହ ଜକେଇ ଆସେ । ନିଜ ହାତରେ ନିଜେ ଲୁହ ପୋଛି ମନ ଭୁଲାଇବା ପାଇଁ ଚେଷ୍ଟା କରନ୍ତି ।

ଛୁଟି ଶେଷ ହୋଇଯିବାରୁ ମହେନ୍ଦ୍ରବାବୁ ମୋଟେ ସାତଦିନ ହେଲା ଆସି ତାଙ୍କ ନିଜ କାର୍ଯ୍ୟ ଗୋଇନ୍ଦା ବିଭାଗର ଇନସ୍ପେକ୍ଟର ରୂପେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।

ସେଦିନ ପ୍ରାୟ ସମୟ ଗ୍ୟାରଟା ହେବ । ମହେନ୍ଦ୍ରବାବୁଙ୍କ ପାଖରେ ଥୁଆ ହୋଇଥିବା ଫୋନଟା ଝଣଝଣ ହୋଇ ବାଜି ଉଠିଲା । ମହେନ୍ଦ୍ର-ବାବୁ ଫୋନଧରି ବୁଝିନେଲେ ଯେ ପୁରୀ ଟାଉନ ଥାନାର ଇନସ୍-ପେକ୍ଟର ଗୋକୁଳବାବୁ ତାଙ୍କୁ ଅଧଘଣ୍ଟା ପାଇଁ ଥାନାକୁ ଆସିବାକୁ ଅନୁରୋଧ କରୁଛନ୍ତି । ମହେନ୍ଦ୍ରବାବୁ ଉତ୍ତରରେ ଆଉ ଦଶ ମିନିଟ ପରେ ଯାଉଛନ୍ତି କହି ଫୋନ ରଖିଦେଲେ ।

ପ୍ରାୟ ପନ୍ଦର ମିନିଟ ପରେ ମହେନ୍ଦ୍ରବାବୁ ଯାଇଁ ଦେଖିଲେ, ଥାନାଟି ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ପୂର୍ଣ୍ଣ । ମହେନ୍ଦ୍ରବାବୁ ପହଞ୍ଚି ଯିବାରୁ ଗୋକୁଳବାବୁ ତାଙ୍କୁ ବସିବାକୁ ଚୌକି ଦେଖାଇ ଦେଲେ । ଥାନାରେ ଏପରି ଗହଳି ଦେଖି ମହେନ୍ଦ୍ରବାବୁ ଟିକିଏ ବିସ୍ମିତ ହୋଇ ପଚାରିଲେ—ଘଟଣା କ'ଣ ଗୋକୁଳବାବୁ ?

ଗୋକୁଳବାବୁ, ମହେନ୍ଦ୍ରବାବୁଙ୍କ ହସ୍ତକୁ ଖଣ୍ଡେ ସିଗାରେଟ ବଢାଇ ଦେଇ କହିଲେ—ବର୍ତ୍ତମାନ ଏ ଚୌକିଦାର, ସୁନ୍ଦରଭାବେ ରଙ୍ଗକରା ହୋଇଥିବା ଏ ମଜଭୁତ କାଗଜଗୁଡ଼ିକ ଆଣି ପହଞ୍ଚିଲା । ଜଗନ୍ନାଥ ସଡ଼କର ପାଞ୍ଚ ମାଇଲ ଦୂରରେ ଗୋଟାଏ ଧାନ ବିଲରେ ଏଗୁଡ଼ାକ ପକାଇ ଦିଆ ଯାଇଥିଲା । କଡ଼ା ବାର୍ଣ୍ଣିସ ରଙ୍ଗ ଯୋଗୁ କାଗଜ ଗୁଡ଼ିକ ନଷ୍ଟ ନ ହୋଇ ଅକ୍ଷୁର୍ଣ୍ଣ ରହିଛନ୍ତି । ଏହି କାଗଜ ଖଣ୍ଡ ସବୁ ଯୋଡ଼ାଯୋଡ଼ି କରିବାରେ ଦେଖାଯାଉଛି ଯେ, ଏ ଗୁଡ଼ିକ ଯେପରି ଗୋଟିଏ ମଟରର ସମୁଦାୟ ଅଂଶରେ ମଡ଼ାଇ ଦିଆ ଯାଇଥିଲା । ମୋର ଅନୁମାନ ଆପଣଙ୍କ ଘରେ ଯେଉଁ ଦୁର୍ଘଟଣା ଘଟିଲା, ସେହି-ଦିନ ବୋଧହୁଏ ପୋଲିସ ଆଖିରେ ଧୂଳି ଦେବାପାଇଁ କୌଣସି ଅନ୍ୟ ରଙ୍ଗର ମଟରରେ ଏହି ରଙ୍ଗକରା କାଗଜ ମଡ଼ାଇ ନାଲି ରଙ୍ଗର ମଟର କରି ସେମାନେ ଏ କାଣ୍ଡ ଘଟାଇଛନ୍ତି ।

ମହେନ୍ଦ୍ରବାବୁ ଏକଥା ଶୁଣୁ ଶୁଣୁ ଗୋଇନ୍ଦାଗିରି ଭାବନାରେ ତାଙ୍କ ମସ୍ତିଷ୍କ ଆନ୍ଦୋଳିତ ହେବାକୁ ଲାଗିଲା । ହଠାତ୍ ତାଙ୍କ ମନକୁ କାହିଁକି ଖିଆଲ ଆସିଲା—ଝୁନ୍ନିକୁ ଯନ୍ତ୍ର ମାରିବାର କଥା, ତାହାହେଲେ କେବଳ ମାରିଦେଇ ଥିଲେ ହୋଇଥାନ୍ତା, ତାର ବାଁ ହାତଟା ବା କାହିଁକି ସେମାନେ ସେଠି ପକାଇଥାନ୍ତେ । ଶରୀରର ଅନ୍ୟ ଅଂଶ ଲୁଚାଇବାର ବା ଉଦ୍ଦେଶ୍ୟ କ'ଣ ! ତା'ଛଡ଼ା ତାକୁ ନେଇଗଲା ଦିନ ମଝିରେ ରଙ୍ଗ ବଦଳା ବଦଳି କାହିଁକି ! ତାହାହେଲେ କ'ଣ ଝୁନ୍ନିକୁ ସେମାନେ ନ ମାରି ଘେନି ଯାଇଛନ୍ତି ! ଆଉ ତା'ବଦଳରେ ସମସ୍ତଙ୍କ ମନରେ ଧାରଣା ଜନ୍ମାଇବା ପାଇଁ ଅନ୍ୟ ଉପାୟରେ ଝୁନ୍ନିର ମୃତ୍ୟୁଲୀଳା ସମସ୍ତଙ୍କ ସାମନାରେ ଦେଖାଇଛନ୍ତି । ସେହି ଦଳ ଦ୍ୱାରା କୌଣସି କଥା ତ ଅସମ୍ଭବ ନୁହେଁ । ତା'ଛଡ଼ା ଏ ଦଳର ଯେ ଏଥିମଧ୍ୟରେ ଅନେକ ବୁଦ୍ଧିମାନ କୌଶଳୀ ପୁରୁଷ ଯୋଗ ଦେଇଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ମହେନ୍ଦ୍ରବାବୁ ସେହି କାଗଜ ଗୁଡ଼ିକ ଆଡ଼େ ଅନେକକ୍ଷଣ ଚାହିଁ ନୀରବ ରହିବାରୁ ଗୋକୁଳବାବୁ ପଚାରିଲେ—କ'ଣ ଭାବୁଛନ୍ତି ମହେନ୍ଦ୍ରବାବୁ ? ମୋ ଅନୁମାନ ଠିକ୍ କି ନୁହେଁ ଦେଖନ୍ତୁ । ଏହା କହି ପୁନର୍ବାର ସେ କାଗଜ ଗୁଡ଼ିକ ସଜାଇ ଦେବାପାଇଁ ପାଖରେ ଠିଆ ହୋଇଥିବା ଦୁଇଜଣ କନେଷ୍ଟବଲଙ୍କୁ ଆଦେଶ ଦେଲେ ।

ମହେନ୍ଦ୍ରବାବୁ ସଜା ହେବା କାଗଜ ଗୁଡ଼ିକ ଦେଖିସାରି କହିଲେ—ଆପଣଙ୍କ ଅନୁମାନ ଠିକ୍ ! ତେବେ ଡକାୟତଦଳ ପୁଣି ଛଡ଼ ସେଦିନ ସ୍ୱଭାବତ ଗୁଳି ଯାଇଥିଲେ ବୋଲି ଏହାର ପ୍ରମାଣ

ମିଳିଲା । ଏମାନଙ୍କର ପତ୍ତା ପାଇବାପାଇଁ ଏଥିମଧ୍ୟରେ ମୁଁ ସନ୍ଧାନ ଲଗାଉଛି । ଏଥର ଆଉ ମୋ ଜୀବନକୁ ଭୟ ନାହିଁ ।

ଆଉ କିଛି ସମୟ ସେହି ବିଷୟରେ କଥାବାର୍ତ୍ତା ହୋଇ ମହେନ୍ଦ୍ରବାବୁ ସାଢେ ପାଞ୍ଚଟାବେଳେ ବସାକୁ ଫେରି ଆସିଲେ । ଆଜି ବାରମ୍ବାର ଝୁନି କଥା ମନେ ପଡ଼ିବାରୁ ଘରଟା ତାଙ୍କୁ ବଡ ନିଶୁନ ଲାଗୁଥାଏ ।

ସନ୍ଧ୍ୟା ହେଲା । ମହେନ୍ଦ୍ରବାବୁ ବିଛଣାରେ ଆସି ଶୋଇ ପଡ଼ିଲେ । ତାଙ୍କ ମନରେ କାହିଁକି ଆଜି ସେହି ଗୋଟାଏ ଧାରଣା ବାରମ୍ବାର ଉଙ୍କି ମାରୁଛି—ହୁଏତ ଝୁନି ମରି ନାହିଁ, ଡକାୟତଦଳ ତାକୁ ହରଣଚାଳ କରି ନେଇଛନ୍ତି । ଏକଥା ମନରେ ପଡ଼ିଲାକ୍ଷଣି ମହେନ୍ଦ୍ରବାବୁଙ୍କ ଶରୀର ଆନନ୍ଦରେ ରୋମାଞ୍ଚିତ ହୋଇ ଉଠେ । ସତେ କ'ଣ ଝୁନି ବଞ୍ଚିଛି, ଯଦି ବଞ୍ଚିଥାଏ ତାହାହେଲେ ବିଚାରି ତାଙ୍କୁ ଭାବି ଭାବି କ୍ଷୀଣ ହୋଇ ଯିବଣି । ମହେନ୍ଦ୍ରବାବୁଙ୍କ ଭାବନା ସ୍ଥିର ହୋଇଯାଏ ।

ପୁଣି କିଛି ସମୟ ବିତିଯାଏ, ମହେନ୍ଦ୍ରବାବୁ କରି ଲେଉଟାଇ ଝୁନି ଯେ ମରି ନାହିଁ, ଏକଥା ସଠିକଭାବେ ପ୍ରମାଣ ପାଇବା ପାଇଁ ଭାବନ୍ତି—ଝୁନିକୁ ଯଦି ସେମାନେ ପ୍ରକୃତରେ ମାରିଥାନ୍ତେ, ତାହା-ହେଲେ ତା' ଦେହରୁ ବ୍ଲାଉଜ ଖଣ୍ଡିକ କାଢ଼ିଥାନ୍ତେ ବା କାହିଁକି ? ବ୍ଲାଉଜଟା ରକ୍ତ ସପସପ ହୋଇ ଅନ୍ୟ ଯାଗାରେ ପଡ଼ିଥାନ୍ତା ବା କାହିଁକି ? ଏ ନିଶ୍ଚୟ ସେହି ଦଳର କାରସାଦି । ଝୁନିକୁ ସେମାନେ ପ୍ରକୃତରେ ମାରି ନାହାନ୍ତି, ସମସ୍ତଙ୍କ ମନରେ ନିଃସନ୍ଦେହର ଧାରଣା ଜନ୍ମାଇବା ପାଇଁ ସେମାନେ ଏସବୁ କରିଛନ୍ତି । ମଣିଷର ଖଣ୍ଡିଆ

ଟାଁ ହାତଟା ହୁଏତ କୌଣସି ମଲା ମଣିଷର ହୋଇଥିବ, ସେହି ମୃତ ହସ୍ତରେ ଟୁନ୍ନି ହାତରୁ କାଚ କାଟି ହୁଏତ ସେମାନେ ପିନ୍ଧାଇ ଦେଇଥିବେ । ପୋଲିସ ଆଖିରେ ଧୂଳି ଦେବାକୁ ଏବଂ ସମସ୍ତଙ୍କ ମନରେ ସଠିକ ଧାରଣା ଜନ୍ମାଇବା ପାଇଁ ବିଶ୍ୱାସ କଲାଭଳି ଘଟଣା ସଜାଇ ଦେବା ସେ ଦଳ ପକ୍ଷରେ ଅସମ୍ଭବ କଥା ନୁହେଁ । ସେ ଭଙ୍ଗା କାଚକୁ ଅଭିନୟ କଲାଭଳି ପଡ଼ିଥିବା ରକ୍ତ ହୁଏତ କୌଣସି ପଶୁ ରକ୍ତ ହୋଇଥିବ ।

ମହେନ୍ଦ୍ରବାବୁ ଘଟିଥିବା ଘଟଣାକୁ ଯେତିକି ତନ୍ନ ତନ୍ନ ବିଶ୍ଳେଷଣ କରିବାକୁ ଲାଗିଲେ, ତାଙ୍କର ଧାରଣା ସେତିକି ଦୃଢ଼ ହେଲା ଯେ ଟୁନିକୁ ସେମାନେ ପ୍ରକୃତରେ ନମାରି ହରଣଚାଳ କରି ନେଇଛନ୍ତି । ତାହାହେଲେ ସେ ବୃଥାରେ ଏତେଗୁଡ଼ାଏ ଧନ ଲୋକାଯୁକ୍ତ ଦଳର ଷଡ଼ଯନ୍ତ୍ର କୌଶଳରେ ଭୁଲି ନଷ୍ଟ କରି ଦେଲେ ! ଏହି ସମସ୍ତ ଭିତରେ ଯେଉଁ ଧାର ଅନୁସନ୍ଧାନ କରିଥିଲେ ହୁଏତ ଟୁନିର ସନ୍ଧାନ ପାଇ ପାରିଥାନ୍ତେ । ଏକଥା ଭାବୁ ଭାବୁ ତାଙ୍କ ଆଖି ଆଗରେ ନାଚିଗଲା ଟୁନ୍ନିର ସୁନ୍ଦର ରୂପ ଯୌବନ ଲଜ୍ଜାପୂର୍ଣ୍ଣ ଅଙ୍ଗ ଭଙ୍ଗୀ । ମହେନ୍ଦ୍ରବାବୁ ପାହାଡ଼ ପରି ଆଶା ବାନ୍ଧି ଭାବନ୍ତି—ସତେ ଅବା ଟୁନ୍ନି ତାଙ୍କର ଫେରି ଆସିବ । ନୀଳଶାଢ଼ୀର ପଣତ ଉଡ଼ାଇ ଏ ଘର ଦ୍ୱାରକୁ ପୁଣି ଉତ୍ସବ ଭୁବନ ପାଲଟେଇବ ।

ତହିଁ ଆର ଦିନ ସକାଳୁ ମହେନ୍ଦ୍ରବାବୁ ଗାଧୋଇ ଜଳଖିଆ ଖାଇଦେଇ ସିଧା ଚାଲିଗଲେ ଥାନାକୁ, କିନ୍ତୁ ସମସ୍ତ ଅପେକ୍ଷା କରାଇ ଥିଲେ ବି ଗୋକୁଳବାବୁ ସେ ପର୍ଯ୍ୟନ୍ତ ଥାନାକୁ ଆସି ନ ଥିଲେ । ବସାରେ ତାଙ୍କର ଦେଖା ମିଳିବ ବୋଲି ତାଙ୍କ ବସାକୁ ଯାଇଁ ଦେଖିଲେ—ଗୋକୁଳବାବୁ ଥାନାକୁ ଆସିବାକୁ ପ୍ରସ୍ତୁତ ହେଉଛନ୍ତି ।

ମହେନ୍ଦ୍ରବାବୁଙ୍କୁ ଦେଖି ଟିକିଏ ବିସ୍ମିତ ହେଲାପରି କହିଲେ, ଆସନ୍ତୁ ମହେନ୍ଦ୍ରବାବୁ; ଆପଣ କୁଆଡ଼େ ?

ମହେନ୍ଦ୍ରବାବୁ ଖଣ୍ଡେ ଚେୟାରରେ ବସି ପଡ଼ି କହିଲେ, ଆପଣ ବସନ୍ତୁ, କେତେକ କଥାବାର୍ତ୍ତା ଥିଲା । ଗୋକୁଳବାବୁ ଆଗ୍ରହରେ କଥାବାର୍ତ୍ତା ହେବାପାଇଁ ଆଉ ଖଣ୍ଡେ ଚେୟାର ଟାଣି ବସି ପଡ଼ିଲେ । ତା'ପରେ ମହେନ୍ଦ୍ରବାବୁ ଆରମ୍ଭ କଲେ —ଆଚ୍ଛା ଗୋକୁଳ ବାବୁ, ସେଦିନ ଖୁନ୍ ହେଲା ଦିନ ଆପଣ ବାଁ ହାତ ଏବଂ ରକ୍ତ ଜଲଜଲ ହୋଇଥିବା ବ୍ଲାଉଜ ଇତ୍ୟାଦି ଡାକ୍ତରୀ ପରୀକ୍ଷା କରିନ ଥିଲେ ତ ?

ଗୋକୁଳବାବୁ ଟିକିଏ ଭାବି ଚିନ୍ତି କହିଲେ—ଆପଣଙ୍କ ସ୍ତ୍ରୀଙ୍କୁ ଯେ ହତ୍ୟା କରାଯାଇଛି, ଏହା ନିଃସନ୍ଦେହରେ ଯେତେବେଳେ ଆମେ ଜାଣିଲୁ, ସେତେବେଳେ ଆଉ ରକ୍ତ ଇତ୍ୟାଦି ପରୀକ୍ଷା କରି-ବାର କୌଣସି ଆବଶ୍ୟକତା ରହିଲା ନାହିଁ । କେବଳ ଯଦି ରକ୍ତ ପଡ଼ିଥାନ୍ତା, ତାହାହେଲେ ପରୀକ୍ଷା କରିବା ପାଇଁ ପଠା ଯାଇଥାନ୍ତା, ଆପଣ ଆଉ କ'ଣ ଭାବୁଛନ୍ତି—ମହେନ୍ଦ୍ରବାବୁ ?

ମହେନ୍ଦ୍ରବାବୁ କହିଲେ ମୁଁ ସେମିତି କିଛି ଭାବୁ ନାହିଁ, ତେବେ କାଲି ଆପଣ ଯେଉଁ ନାଲି ରଙ୍ଗର ଦାଗଗୁଡ଼ିକ କାଲି ଭାବରେ ମଠର ଦେହରେ ଲଗାଇ ଦିଆଯାଇ ଥିବାର ଦେଖାଇଲେ, ସେଗୁଡ଼ିକ ଦେଖି ମୁଁ ଅନ୍ୟ ରକମ ଭାବୁଛି । ଦେଖାଯାଉ, ମୋର ଅନୁମାନ କେତେଦୂର ସଫଳ ହେଉଛି ।

ଗୋକୁଳବାବୁ ଆଶ୍ଚର୍ଯ୍ୟ ହେଲାପରି ମହେନ୍ଦ୍ରବାବୁଙ୍କ ମୁହଁକୁ ଅନାଇଁ କହିଲେ—ଆପଣ ଅନ୍ୟରକମ ଭାବୁଛନ୍ତି ! ତାହାହେଲେ

କ'ଣ ଆପଣଙ୍କ ସ୍ତ୍ରୀଙ୍କୁ ସେମାନେ ହତ୍ୟା କରି ନାହାନ୍ତି ! ତେବେ କଟା ଡାହାଣ ହାତ ଖଣ୍ଡକ ଆସିଲା କେଉଁଠୁ ? ସେହି ହସ୍ତରେ ଭ ସୁନା ଚୁଡ଼ି, ଅଙ୍ଗୁଳିରେ ମୁଦ ଥିବା ଦେଖି ଆପଣଙ୍କର ପିଉସୀ ଆପଣଙ୍କ ସ୍ତ୍ରୀଙ୍କର ହସ୍ତ ବୋଲି ଚିହ୍ନିଲେ ।

ମହେନ୍ଦ୍ର ବାବୁ ଟିକିଏ ମୁରୁକି ହସି କହିଲେ—ମୁଁ ଏ ବିଷୟରେ ସଠିକ ବା ନିଶ୍ଚିତ ଭାବରେ କିଛି କହିପାରିବି ନାହିଁ, ତେବେ ସାଧାରଣ ଲୋକ ମନରେ ବିଶ୍ୱାସ ଜନ୍ମାଇବା ଭଳି କୌଣସି ଘଟଣା ସଜାଇ ଦେବା ସେ ଦଳ ପକ୍ଷରେ ଆଦୌ ଅସମ୍ଭବ କଥା ନୁହେଁ । ମୁଁ ଯେ ଏ ବିଷୟ ଅନୁସନ୍ଧାନ କରିବାକୁ ମନ ବଳାଇଛି, ଏକଥା ଦେଖବର ଆପଣଙ୍କ ଛଡ଼ା ଅନ୍ୟ କେହି ନ ଜାଣନ୍ତି । କଥାଟା ଯଦି କୌଣସି ଉପାୟରେ ଡକାୟତ ଦଳର କାନକୁ ଯାଏ, ତାହାହେଲେ ସୁଜିର ଅବସ୍ଥା ଭଳି ମୋର ଅବସ୍ଥା ମଧ୍ୟ ହୋଇଯିବ ।

ଗୋକୁଳ ବାବୁ କହିଲେ—ଏକଥା ଗୁପ୍ତ ନ ରଖିବାର ବା କ'ଣ ଅଛି ! ଭଗବାନଙ୍କ ପାଖରେ ମୋର କାମନା, ଆପଣଙ୍କ ସ୍ତ୍ରୀ ନିମନ୍ତେ ଅନୁଷ୍ଠାନ ଯଦି ସଫଳ ହୁଏ, ତାହାହେଲେ ସମସ୍ତଙ୍କ ଅପେକ୍ଷା ମୁଁ ବେଶୀ ଖୁସି ହେବି ।

ମହେନ୍ଦ୍ର ବାବୁ, ଗୋକୁଳବାବୁଙ୍କଠାରୁ ବିଦାୟ ନେଇ ନିଜ ଅଫିସକୁ ଫେରି ଆସିଲେ ।

\+ \+ \+

ଗଲା ଦୁଇ ସପ୍ତାହ ହେଲା ମହେନ୍ଦ୍ରବାବୁ ଜୀବନଙ୍କୁ ସାଙ୍ଗେ ନେଇ ଖୁରଣାଙ୍କର ଗୁପ୍ତରେ ସେହି ଡକାୟତ ଦଳର ସନ୍ଧାନ ନେବାକୁ କଟକ ଆସିଛନ୍ତି ।

ଗଗନବାବୁ ପୁନର୍ବାର ମହେନ୍ଦ୍ରବାବୁଙ୍କୁ ପାଇ ତାଙ୍କର ଆନନ୍ଦ ଖୁବ୍ ବଢ଼ିଯାଇଛି । ଆଗ ଅପେକ୍ଷା ଅନୁସନ୍ଧାନ ଖୁବ୍ ଜୋରରେ ଆରମ୍ଭ ହୋଇଛି ।

ସେଦିନ ମହେନ୍ଦ୍ରବାବୁ ଗଲା ସପ୍ତାହରେ ସଂଗ୍ରହ କରିଥିବା କେତେଗୁଡ଼ିଏ ମୂଲ୍ୟବାନ ତଥ୍ୟ ସମ୍ପର୍କରେ ଗଗନବାବୁ ଗୁପ୍ତ ପରାମର୍ଶ କୋଠରୀରେ ବସି ଆଲୋଚନା କରୁଛନ୍ତି, ଏହି ସମୟରେ ଗଗନ-ବାବୁଙ୍କ ପ୍ରାଇଭେଟ ସେକ୍ରେଟେରୀ ଖଣ୍ଡେ ରିପୋର୍ଟ ଗଗନବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲେ—ପ୍ରିୟନାଥବାବୁ ଓ ସୁରେଶବାବୁ ଆଜି ଏ ରିପୋର୍ଟ ପଠାଇଛନ୍ତି ।

ଗଗନବାବୁ ସେ ରିପୋର୍ଟ ଖଣ୍ଡିକ ପଢ଼ିସାରି ତା'ପରେ ମହେନ୍ଦ୍ରବାବୁଙ୍କ ଆଗରେ ପଢ଼ି ଶୁଣାଇ ଦେଲେ—

ମହେନ୍ଦ୍ରବାବୁଙ୍କୁ ତଣ୍ଟିଲ ଏଠିକି ପଠାଇବେ । ଆମର ଏଥି ମଧ୍ୟରେ କେତେଜଣଙ୍କ ଉପରେ ସେହି ଦଳର ଲୋକ ବୋଲି ପୂର୍ବ ସନ୍ଦେହ ହୋଇଛି । ଆମର କେବଳ ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ପ୍ରିୟନାଥବାବୁ ଅସିଲ-ଦାନଠୁ କେବଳ ପଞ୍ଜାବୀ ପଠାଣ ବେଶରେ ରହୁଛନ୍ତି । କାଲି ସନ୍ଧ୍ୟା ପାଖ ଗୋଟାଏ ଅମ୍ବଗଛ ମୂଳରେ ଗଞ୍ଜେଇ ଓ ଭଙ୍ଗ ଘୁଣ୍ଟୁଥିବାବେଳେ ଦୁଇଜଣ ଲୋକ ଦୁଇଟା ବଡ଼ ବଡ଼ ଝୁଡ଼ି କହୁଥିଲା ମୁଣ୍ଡାକଟା ଖୁବ୍ ଚଢ଼ା ଦାମରେ କି କୌଣସି ଅଜ୍ଞ ଓଜର ନକର

କହିନେଲେ । ମୁଁ ବାଟେଠାରୁ ଦୂରତାରେ ସେମାନଙ୍କୁ ଲକ୍ଷ କରି ସେମାନେ କୌଶଳରେ ତାଙ୍କୁ କେହି ନ ଦେଖିବା ଭଳି ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଆମର ଅନୁମାନ, ସେହି ଦଳର ମଧ୍ୟ ଏଠି ଶାଖା ଯାଗା ଅଛି । ମହେନ୍ଦ୍ରବାବୁଙ୍କୁ ନିଶ୍ଚୟ ଏଠିକି ପଠାଇବେ ।

ମହେନ୍ଦ୍ରବାବୁ ସେହି ରିପୋର୍ଟଟି ପଢିସାରି କହିଲେ—ମୁଁ ଅନୁମାନ କରି ଜାଣି ପାରୁଛି—ସେହି ଦଳର ଗତାଗତି କଟକ, ପୁରୀ ଜିଲ୍ଲା ମଧ୍ୟରେ ଅବାଧ ରହୁଛି । ଖଣ୍ଡଗିରି ତଳେ ଧଉଳି ଗୁମ୍ଫା ଭଳି ନିଶ୍ଚୟ ଏହି ଦୁଇ ଜିଲ୍ଲାରେ କୌଣସି ସ୍ଥାନରେ ସେମାନଙ୍କ ଗୁପ୍ତ ନିବାସ ଅଛି । ମୁଁ କାଲି ସକାଳେ ପ୍ରିୟନାଥବାବୁଙ୍କୁ ସାହାଯ୍ୟ କରିବା ପାଇଁ ଭୁବନେଶ୍ୱର ଯିବି ।

+ + +

ତହିଁ ପର ଦିନ ମହେନ୍ଦ୍ରବାବୁ ମାରୱାଡ଼ି ଭଳି ମୁଣ୍ଡରେ ଟୋପି ଦେହରେ ଲମ୍ବା କୋଟ ପିନ୍ଧି ଛଦ୍ମବେଶରେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଲେ । ସିଏ ସେ ରାଜପୁତନାରୁ ପୁରୀ, ଭୁବନେଶ୍ୱର ଦର୍ଶନରେ ଆସିଛନ୍ତି ବୋଲି ପଣ୍ଡାମାନଙ୍କର ଭିଡ଼ ତାଙ୍କ ଚାରିପାଖରେ ଲାଗିଗଲା । ପଣ୍ଡାମାନଙ୍କର ଏ ଗୋଳମାଳ ଦେଖି ଛଦ୍ମବେଶୀ ମହେନ୍ଦ୍ରବାବୁ ହସିକରି କହିଲେ— ଆମର ପଣ୍ଡା ଦରକାର ନାହିଁ । ସେ ସ୍ୱାସ୍ଥ୍ୟ ପାଇଁ ଏଠିକୁ ଆସିଛନ୍ତି, ଦୁଇ ଚାରି ସପ୍ତାହ ରହି ପୁରୀ ଯିବେ । ତାଙ୍କୁ ଦର୍ଶନ କରାଇ ଦେବାପାଇଁ ସେ କୌଣସି ଜଣେ ପଣ୍ଡାକୁ ମୋତେ ଏ[illegible]ବା ଦେବେ ।

ସେଥିରେ ମଧ୍ୟ ଗୋଳମାଳ କମିଲା ନାହିଁ, ଶେଷକୁ ସ୍ୱରୂପ ଭାରା ଅଢର ପଣ୍ଡା ବୋଲି ଡାକା ହେଉଥିବା ଜଣେ ପଣ୍ଡାଙ୍କୁ ତାଙ୍କ ସଙ୍ଗରେ

ଧର୍ମଶାଳାରେ ଦେଖା କରିବାକୁ କହି ପଦାକୁ ବାହାରିଗଲେ । ପଣ୍ଡା ବାରମ୍ବାର ତାଙ୍କ ନାମ ବୁଝିବାରୁ ଗୁହୁଁ ବାରୁ ମହେନ୍ଦ୍ରବାବୁ କହିଲେ—ତାଙ୍କ ନାମ ହେଉଛି—ରଘୁନାଥ ଅଗ୍ରୱାଲା ।

ଛଦ୍ମବେଶୀ ମହେନ୍ଦ୍ରବାବୁ ସିଧା ଖଣ୍ଡେ ବଲଦଗାଡ଼ି ଧରି ଧର୍ମଶାଳାରେ ପହଞ୍ଚିଲେ । ସେଠି ଗୋଟିଏ କୋଠରୀରେ ଗୁରୁ ଛ'ଦିନ ପାଇଁ ରହି ପରେ ବସା ଦେଖିବାକୁ ଧର୍ମଶାଳାର ମ୍ୟାନେଜରଙ୍କ ଠାରୁ ଅନୁମତି ଆଣି ଖଟିଆ ଉପରେ ବିଛଣାପତ୍ତର ବିଛାଇ ଦେଲେ । ତା ପରେ ତାଙ୍କ ସଙ୍ଗରେ ଆସିଥିବା ପଣ୍ଡାକୁ ଏକଟଙ୍କା ଦେଇ ପ୍ରସାଦ ନେଇ ଆସିବା ପାଇଁ ପଠାଇଲେ । ପଣ୍ଡା ଦର୍ଶନ ପାଇଁ ଯିବାକୁ ପ୍ରବର୍ତ୍ତାଇବାରୁ ଛଦ୍ମବେଶି ମହେନ୍ଦ୍ରବାବୁ କହିଲେ—ମୁଁ ଗଲାଦିନ ଦର୍ଶନ କରି ଯିବି, ଆଜି ବଡ଼ କ୍ଲାନ୍ତ ହୋଇ ପଡ଼ିଛି ।

ଗୁରୁଟା ବାଜିଲା । ଛଦ୍ମବେଶି ମହେନ୍ଦ୍ରବାବୁ ସେହି ମାର୍ଡ଼ୱାଡ଼ି ପୋଷାକରେ ବାହାରେ ଟିକିଏ ବୁଲି ଆସିଲେ ପ୍ରିୟନାଥବାବୁ ଓ ସୁରେଶବାବୁ, ସେ ଆସିଛନ୍ତି ବୋଲି ଜାଣିପାରିବେ ଭାବି ପଦାକୁ ବାହାରି ପଡ଼ିଲେ ।

ଧର୍ମଶାଳା ଦୁଆର ମୁହଁରେ ଆସି ଦେଖନ୍ତି, ପ୍ରାୟ କୋଡ଼ିଏ ପଚିଶଜଣ ଲୋକ ଠିଆହୋଇ ଆନନ୍ଦରେ କୋଳାହଳ କରୁଛନ୍ତି । ଜଣେ ପଞ୍ଜାବୀ ଫଟୋ ନଠାଇବାବାଲା ହିନ୍ଦିରେ ଡାକ ଛାଡ଼ୁଛି, ଆଠ ଅଣାରେ ସୁନ୍ଦର ଫଟୋ ଉଠାଇ ନିଅ । ପନ୍ଦର ମିନିଟରେ ଫଟୋ ଦିଆଯାଏ ।

ଶସ୍ତା ଓ ଶୀଘ୍ର ସଙ୍ଗେ ସଙ୍ଗେ ଭଲକୁ ଫଟୋ ଦେଖିବା ଅଣାରେ ଫଟୋ ଉଠାଇବା ପାଇଁ ଲୋକେ ଜମା ହୋଇଛନ୍ତି ।

ମହେନ୍ଦ୍ରବାବୁ ଧର୍ମଶାଳାର ପାହାଚ ଉପରୁ ଓହ୍ଲାଇ ଆସିଲାକ୍ଷଣି ଫଟୋବାଲା ତାଙ୍କୁ ଗୁହାରିଲା—ସେଠଜୀ ଆସନ୍ତୁ, ରଙ୍ଗ ଭଲ ଚେହେରା, ଫଟୋରେ ବଡ ସୁନ୍ଦର ଦିଶିବ । ଏକଟଙ୍କା ଦେଲେ ଭଲକରି ଉଠାଇ, ଦୁଇଖଣ୍ଡି ଛବି ଦେବ ।

ଏତେ ଲୋକଙ୍କ ଆଗରେ ମାରୱାଡ଼ି ବେଶ ପିନ୍ଧିଥିବା ମହେନ୍ଦ୍ରବାବୁ ନିଜ ଚେହେରାର ପ୍ରଶଂସାରେ ଖୁସି ହୋଇ ଫଟୋ ଉଠାଇବାକୁ ଇଚ୍ଛା କରୁଥିଲେ, କିନ୍ତୁ ତାଙ୍କର ମନେ ପଡ଼ିଲା, ସେ ଗୋଇନ୍ଦା ବିଭାଗର ପୋଲିସ । ତାଙ୍କର ଫଟୋ ବାହାରେ ରହିବା ଉଚିତ ନୁହେଁ । ସେ ଫଟୋବାଲା ପାଖକୁ ଗଲାକ୍ଷଣି ଫଟୋବାଲା ଆଗରୁ ଉଠାଇଥିବା ଫଟୋଗୁଡ଼ିକ ତାଙ୍କୁ ଦେଖାଇ ଅନୁରୋଧ କଲା—ଆଜ୍ଞା, ଫଟୋ ଉଠାନ୍ତୁ ? ଅଳ୍ପଦର ଫଟୋ ଉଠାଇ ଦେବ ।

ମହେନ୍ଦ୍ରବାବୁ ଫଟୋଗୁଡ଼ିକ ଦେଖି ଦେଖି ଭାବିଲେ—ଏହି ଫଟୋବାଲା ଅନେକ ଫଟୋ ଉଠାଉଛି । ତା ଠାରୁ ହୁଏତ କିଛି ସମ୍ବାଦ ମିଳିପାରେ । ଏଇ ଆଶାରେ ତାକୁ ଲୋଭ ଦେଖାଇ ହସିଦେଇ କହିଲେ, ଆଜି ତୁମକୁ ମୁଁ ଜଳଖିଆ ଖାଇବା ପାଇଁ ଏକଟଙ୍କା ଦେଲି । ମୁଁ ଏହି ଧର୍ମଶାଳାର ଉପର ମହଲା ୨୮ ନମ୍ବର କୋଠରୀରେ ଅଛି । କାଲି ଦ୍ୱିପ୍ରହରେ ମୋର ଦେଖା କରିବ, ମୁଁ ପାଞ୍ଚଟଙ୍କା ଦେଇ ଭଲ ଫଟୋ ଉଠାଇବି ।

ଏତେ ଲୋକଙ୍କ ସାମନାରେ ଏକଟଙ୍କା ପାଇ ଏବଂ କାଲିକୁ ପାଞ୍ଚ ଟଙ୍କା ରୋଜଗାର କରିବାର ଆଶା ପାଇ ଫଟୋବାଲା ସଲାମ କରି କୃତଜ୍ଞତା ଜଣାଇଲା । ମହେନ୍ଦ୍ରବାବୁ ସେଠାରୁ ଅନ୍ୟଆଡ଼େ ବୁଲିଲେ । ଭିଡ଼ରେ ମଧ୍ୟ ମୁସଲମାନ ବେଶରେ ଥିବା ତ୍ରିପୁରନାଥବାବୁଙ୍କ ସନ୍ଧାନ

ମହେନ୍ଦ୍ରବାବୁଙ୍କ ଦେଖା ହେଲା । ସନ୍ଧ୍ୟା ପରେ ସୁରେଶବାବୁଙ୍କ ହୁକୁମରେ ଧର୍ମଶାଳାକୁ ଖବର ପଠାଇବାକୁ କହି ମହେନ୍ଦ୍ରବାବୁ ଅନ୍ୟ ଆଡ଼େ ଚାଲିଗଲେ ।

× × ×

ସେହିଦିନ ରାତି ଅଠଟା । ମହେନ୍ଦ୍ରବାବୁ ବିନ୍ଦୁସାଗର କୂଳ ସିମେଣ୍ଟକସ୍ ବେଞ୍ଚ ଉପରେ ବସି ମନ୍ଦରେ ଭୁବନେଶ୍ୱର ସମ୍ବନ୍ଧରେ କିଛି ନଜାଣିଲା ଭଳି ପାଖରେ ବସିଥିବା ଅନ୍ୟ ଅପରିଚିତ ଲୋକଙ୍କ ଠାରୁ ପଚାରି ବୁଝୁଥାନ୍ତି ।

ରାତି ଏଗାରଟା ବାଜିବାରୁ ମହେନ୍ଦ୍ରବାବୁ ନିଜ କୋଠରୀକୁ ଫେରି ଆସିଲେ । ଆଗରୁ ବରାଦ କରିଥିବା ଅନୁଯାୟୀ ପଣ୍ଡା ଖାଇବା ଜିନିଷ ଆଣି ଅପେକ୍ଷା କରିଥିଲା । ମହେନ୍ଦ୍ରବାବୁ ପଣ୍ଡା ଉପରେ ଖୁସି ହୋଇ ଗୋଟିଏ ଟଙ୍କା ତାର ହାତକୁ ବଢ଼ାଇ ଦେଇ କହିଲେ, ନିଅ ଆଜିର ବକ୍‌ସିସ । ତା'ପରେ ପଣ୍ଡା ଚାଲିଯିବାରୁ ମହେନ୍ଦ୍ରବାବୁ କବାଟ ଭିତରୁ କିଳି ଦେଲେ ।

ମହେନ୍ଦ୍ରବାବୁ ଓଡ଼ିଆ ଲୋକ । ମାରୱାଡ଼ି ପୋଷାକରେ ରହିବାକୁ କେବେ ସେ ଅଭ୍ୟସ୍ତ ନୁହନ୍ତି । ସକାଳୁ ଏପର୍ଯ୍ୟନ୍ତ ସେହି ପୋଷାକରେ ରହିବାରୁ ଦେହରୁ ଝାଳ ବୋହୁ ବଡ଼ ଅଡ଼ୁଆ ଅଡ଼ୁଆ ଲାଗୁଥାଏ । ସେ କବାଟ ବନ୍ଦ କରିଦେବା ସଙ୍ଗେ ସଙ୍ଗେ ମୁଣ୍ଡରୁ ପଗଡ଼ିଟା ଓହ୍ଲାଇ, କୋଟଟା ଖୋଲି ପକାଇ ଦେଲେ । ସେହି କୋଠରୀର ଦକ୍ଷିଣ ପାଖକୁ ଥିବା ଝରକାଟି ଖୋଲି ଦେବା ସଙ୍ଗେ ସଙ୍ଗେ ବାହାରର ଶୀତଳ ପବନ ମହେନ୍ଦ୍ରବାବୁଙ୍କ ଦେହରେ ବାଜି ତାଙ୍କୁ ଖୁବ୍ ଆରାମ ଲାଗିଲା । ସେ ଖଟ ଉପରେ ବିଛଣା ପାରି ତାଙ୍କୁ

କ୍ଳାନ୍ତ ଦେହଟାକୁ ଲମ୍ବାଇଦେଲେ । ଶୀତଳ ପବନ ବାଜି କେତେ-ବେଳେ ତାଙ୍କୁ ଗାଢ ନିଦ ହୋଇଗଲା ।

ରାତି କେତେ ହେବ କେଜାଣି, କୋଠରୀ ଭିତରେ ଖସ୍ ଖସ୍ ଶବ୍ଦ ଶୁଣି ମହେନ୍ଦ୍ର ବାବୁଙ୍କର ନିଦ ଚଉଁକିନା ଭାଙ୍ଗିଲେ । ସେ ନିଦ ଗରଗର ହୋଇ ଅନାଇଁ ଦେଲାବେଳେ ଦେଖିଲେ, ତାଙ୍କ ମୁହଁ ପାଖରେ ଗୋଟିଏ କ୍ଷୀଣ ମହମବତୀ ଜଳୁଛି । ଆଉ ସେହି ମହମ-ବତୀର ଆଲୁଅରେ ଦେଖାଯାଉଛି, ଯମଦୂତ ପରି ମୁଖା ପିନ୍ଧା ଚାରିଜଣ ଲୋକ । ସେମାନଙ୍କ ହସ୍ତରେ ଚାରିଟା ଖଣ୍ଡେ ଖଣ୍ଡେ ଲମ୍ବା ଛୁରୀ, ତାଙ୍କ ବେକ ଓ ଛାତି ପାଖରେ ଠିଆହୋଇ ରହିଛନ୍ତି । ସେହି ଅଳ୍ପ ମହମବତୀ ଆଲୁଅରେ ବି ସେହି ଛୁରୀଗୁଡ଼ିକ ଚକ୍ ଚକ୍ ମାରୁଥାଏ ।

ମହେନ୍ଦ୍ର ବାବୁ ଆଉ ସେ ଭୟଙ୍କର ଦୃଶ୍ୟ ଦେଖି ପାରିଲେ ନାହିଁ । ଭୟରେ ଛାତି ଖନି ମାଡ଼ିଗଲା । କ୍ଷଣକରେ ଚେତାଶୂନ୍ୟ ହୋଇ ଆଖି ବୁଜି ପଡ଼ି ରହିଲେ ।

ତା’ପରେ ସେ ଯମଦୂତ ପରି ଚାରିଜଣ ଲୋକ ନିଃଶବ୍ଦରେ ତାଙ୍କର ଗୋଡ଼ହାତ ଖୁବ୍ ଜୋରରେ ବନ୍ଧାବନ୍ଧ କଲେ । ତା ଭିତରୁ ଜଣେ ଲୋକ ଜବରଦସ୍ତି ତାଙ୍କ ପାଟି ଭିତରେ କନା ମେଞ୍ଚାଏ ପୂରାଇ କେବଳ ନାକଟି ଛଡ଼ା ଆଉ ସମସ୍ତ ଅଂଶ ଭଲଭାବରେ ବାନ୍ଧି ଦେଲେ । ମହେନ୍ଦ୍ର ବାବୁ ତାଙ୍କର ନିଜର ଅବସ୍ଥା ସ୍ପଷ୍ଟ ଦେଖିଲାଭଳି ଜାଣୁଥିଲେ ବି ଆଉ ଉପାୟ ନାହିଁ ।

ନିଶବ୍ଦ ରାତି ! ଚାରିଆଡ଼ ଶୁନଶାନ । ତା ଭିତରୁ ଜଣେ ଲୋକ ଫୁସ୍ ଫୁସ୍ କରି ଅନ୍ୟଙ୍କୁ କହିଲେ- ଏହି ଝରକା ବାଟେ ତଳକୁ ଖସାଇ

ଦିଅ । ମୁଁ ପରେ କଡ଼ା ହୋଇଥିବା ଲୁହାକାଠି ଗୁଡ଼ିକ ସିଧା କରି ସଜାଡ଼ିଦେବ ଏବଂ କିଛି ସମୟ ପରେ ଏଇ ଟୋଇଦାର ପୋଷାକ ପିନ୍ଧି ଧର୍ମଶାଳାର ମ୍ୟାନେଜର୍‌ଙ୍କୁ ପାହାନ୍ତା ପହର ଗାଡ଼ିକୁ ଯିବାକୁ କହି ସଦର ଦରଜା ବାଟେ ଝରଣା ପଡର ଧରି ବାହାରି ଯିବ ।

ଅନ୍ୟଜଣେ ଉତ୍ତର ଦେଲା—ବେଶ୍ ।

ମହେନ୍ଦ୍ର ବାବୁଙ୍କ କାନରେ ଏକଥା ବାଜୁଥିଲେ ବି, ତାଙ୍କର ଗୋଡ଼ ହାତ ହଲାଇବାର କି ପାଟି କରିବାର କୌଣସି ଉପାୟ ନ ଥିଲା ।

କିଛିକ୍ଷଣ ପରେ ତାଙ୍କର ଯେଉଁ ମର୍ଣ୍ଣିଅପର୍ଣ୍ଣି ଏବଂ ଗୋଡରେ ମୋଟା ରସି ବାନ୍ଧି ଦିଆଯାଇ ଝରକା ବାଟରେ ତାଙ୍କୁ ଖସାଇ ଦିଆଗଲା ତଳକୁ । ତା'ପରେ ଚାରି ଜଣ ଲୋକ ଘନ ଅନ୍ଧକାର ଭିତରେ ତାଙ୍କୁ କାନ୍ଧେଇ ଚାଲିଲେ । ପ୍ରାୟ କୋଡିଏ ମିନଟ କାଳ ଉଚା ନୀଚା ବାଟ ଦେଇ ଚାଲିଲା ପରେ ତାଙ୍କୁ ଗୋଟାଏ ଯାଗାରେ କଚାଡ଼ି ଦିଆଗଲା ।

କିଛିକ୍ଷଣ ସେ ସେହି ଅବସ୍ଥାରେ ପଡ଼ିଲା ପରେ ଦୁ'ଜଣ ଲୋକ ତାଙ୍କ ଗୋଡ଼ ହାତ ମୁହଁରୁ ଲୁଗା, ଦଉଡ଼ି ଫିଟାଇ ଦେଲେ । ସେତେବେଳକୁ ମହେନ୍ଦ୍ର ବାବୁଙ୍କ ଦେହ ଝଣାଝଣି ବନ୍ଧା ଉତ୍କଣ୍ଠରେ ଝିମିଝିମି ହୋଇ ଯାଉଥାଏ । ଭୟରେ ଛାତି ଉଠୁଥାଏ ପଡ଼ୁଥାଏ । ତାଙ୍କ ଦେହରୁ ଲୁଗାପଟା ଫିଟି ଯିବାରୁ ସେ ଟିକିଏ ଆରାମ ବୋଧ-କରି ଚାହିଁ ଦେଖିଲେ, ଠିକ ଆଗ ଭଳି ମୁଖାପିନ୍ଧା କେତେଜଣ ମଣିଷ ତାଙ୍କ ପାଖରେ ଠିଆ ହୋଇ କଥାବାର୍ତ୍ତା ହେଉଛନ୍ତି, କିନ୍ତୁ

ସେମାନଙ୍କ କଥା ଅଡ଼େ ଧ୍ୟାନ ଦେବାକୁ ତାଙ୍କ ଦେହରେ ସେତେ-ବେଳେ ମୋଟେ ଶକ୍ତି ନଥିଲା ।

ପାଞ୍ଚ ମିନିଟ ବିତିଛି କି ନାହିଁ ତାଙ୍କ ଭିତରୁ ଦୁଇଜଣ ଲୋକ ମହେନ୍ଦ୍ରବାବୁଙ୍କୁ ଖୁବ ଜୋରରେ ହଲାଇ ଉଠାଇ ବସାଇଲେ ଏବଂ ଅନ୍ୟ ଜଣେ ବଡ଼ କର୍କଶ ଗଳାରେ ଖୁବ ଜୋରରେ ତାଙ୍କ ହାତକୁ ଝିଙ୍କି ଦେଇ କହିଲା—ଉଠି ଠିଆ ହୁଅ ? ମାରଓ୍ୱାଡ଼ି ବେଶ ସାଜି ଆସିଛୁ ଆମକୁ ଧରିବାପାଇଁ—ନୁହେଁ ? ଏଥର ଧରା ପଡ଼ିଛୁ ନାଇଁ ।

ଝିଙ୍କାଝିଙ୍କି ହାତ ଭୟରେ ମହେନ୍ଦ୍ରବାବୁ କାଠ ପିତୁଳା ପରି ଉଠି ଠିଆ ହେଲେ । ସେତେବେଳେ ତାଙ୍କର ବୁଦ୍ଧିବୃତ୍ତି ବା ଭାବନା ଶକ୍ତି କୁଆଡ଼େ ହଜେଇ ଯାଇଥିଲା ।

ମହେନ୍ଦ୍ରବାବୁ ଉଠି ଠିଆ ହେବା ସଙ୍ଗେ ସଙ୍ଗେ ଗୋଟାଏ ଦରଜା ଫିଟିବାର ଶବ୍ଦ ହେଲା ଏବଂ ଜଣେ ଲୋକ ତାଙ୍କୁ ଧକା ଦେଇ ଭଲା ଘର ଭିତରକୁ ଠେଲି ନେଇ ଗୋଟାଏ ଖଟିଆ ଉପରେ ବସାଇ ଦେଲା । ତା' ଭିତରୁ ଜଣେ କିଏ ବିଦ୍ରୂପ କରି କହିଲା, ଏଥର ଏଇଠି ପଡ଼ିରହି ଥା । ଶୁଖି ଶୁଖି ମରିଲେ ବି ମନରେ ଟିକିଏ କଷ୍ଟ ହେବ ନାହିଁ ।

ବାହାରୁ କବାଟ ହେଲା ବନ୍ଦ ।

ତହିଁ ଆର ଦିନ ଝାପ୍‌ସା ଆଲୁଅରେ ଘର ଆଲୋକିତ ହେବାରୁ ମହେନ୍ଦ୍ରବାବୁ ଆଖି ଖୋଲି ଚାହିଁଲେ—ସେ ଯେଉଁଠି ଅଛନ୍ତି ତାହା ପାହାଡ଼ ତଳର ଗୁମ୍ଫା ନୁହେଁ, ଛୋଟ ପକା କୋଠରୀଟିଏ । ସେହି କୋଠରୀକୁ ଯେଉଁ ଝରକା ବାଟ ଦେଇ ଆଲୋକ ଆସୁଥିଲା, ସେହି ଝରକାଟି ଛାତ ଉପରେ । ମହେନ୍ଦ୍ରବାବୁ ସେହି ଝରକା ଅଡ଼େ ବାରମ୍ବାର ଦୃଷ୍ଟି ପକାଇ ବୁଝି ନେଲେ ଯେ, ସେ ମାଟି ତଳେ ଥିବା

ଏକ କୋଠରୀ ଭିତରେ ଅଛନ୍ତି । ତାଙ୍କ ଉପରେ ହୁଏତ ଏକମହଲା କି ଦୁଇ ମହଲା କୋଠା ଅଛି । ଏଥର କୌଣସି ରକମ ବାହାରକୁ ଯିବାର ତାଙ୍କର ଆଉ ଉପାୟ ନାହିଁ । ତୁମ୍ଭେ ହୁଏତ ଏହି ଡକାୟତ ଦଳ ହସ୍ତରେ ଆଗରୁ ମରନ୍ତି, ସେ ମଧ୍ୟ ମରିବେ, ସେଥିରେ ଦୁଃଖ ନ'ଣ କିନ୍ତୁ ତାଙ୍କର ବେଶି ଦୁଃଖ, ଗୋଟିଏ ଡକାୟତ ଦଳ ବୁଦ୍ଧି ବିବେକରେ ବଳି ଯାଇଁ ତାଙ୍କୁ ଧରି ପାରିଲେ ।

ମହେନ୍ଦ୍ରବାବୁଙ୍କ ଭାବନା ଶେଷ ହୋଇଛି କି ନାହିଁ, ସେ ଘରକୁ କବାଟ ଫିଟାଇ ଜଣେ ସ୍ତ୍ରୀ ଲୋକ ପଶି ଆସିଲା । ମହେନ୍ଦ୍ରବାବୁ ସେ ସ୍ତ୍ରୀ ଲୋକକୁ ଅନାଇଁ ଦେଇ ଚମକି ପଡ଼ିଲେ । ସେ ଆଉ କେହି ନୁହେଁ – ମାଳତୀ ! ମହେନ୍ଦ୍ରବାବୁ ଗୋଇନ୍ଦା ହିସାବରେ ତା ସହିତ ବିଶ୍ୱାସଘାତକତା କରି ସେହି ଦଳର ଦଳେ ସର୍ବନାଶ କରିଥିବାରୁ ତାଙ୍କ ଆଖି ମାଳତୀକୁ ଦେଖିଲାକ୍ଷଣି ତଳିଲା ପଡ଼ିଲା । ସେ ତଳକୁ ମୁହଁ ପୋତି ନୀରବ ରହିଲେ ।

ମାଳତୀ ତାଙ୍କର ଖୁବ୍ ନିକଟରେ ଠିଆ ହୋଇ କିଛି ସମୟ ତାଙ୍କ ଆଡେ ଚାହିଁ ତାଚ୍ଛଲ୍ୟ କରି କହିଲା—କହୋ ବାବୁ ! ଚିହ୍ନି ପାରୁନା ପରା ? ଏଥର ଯିବ କୁଆଡେ ! ଭାଉ ବେଶି ପିଆଣିଆ ହୋଇ ଘୁଅ ଖାଏ । ଦଳେ ତମକୁ ମୁଁ ବିଶ୍ୱାସ କରିଥିଲି ବୋଲି ତମେ ଆମର ସର୍ବନାଶ କରିଛ ? ପୁଣି ଆସିଛ ମାରୱାଡ଼ି ବେଶ ସାଜି ଏ ଦଳକୁ ଧରିବାପାଇଁ ? ଆହା, କି ସୁନ୍ଦର ଫଟଟି ଦିଶୁଛି । ମାଳତୀ ହସି ହସି ଗୋଟିଏ ଫଟ ମହେନ୍ଦ୍ରବାବୁଙ୍କ ଆଗରେ ଧରିଲା ।

ମହେନ୍ଦ୍ରବାବୁ ମାରୱାଡ଼ି ବେଶରେ ତାଙ୍କର ଫଟଟି ଦେଖିଲା-କ୍ଷଣି ତାଙ୍କର ବିସ୍ମୟର ଆଉ ସୀମା ରହିଲା ନାହିଁ । ତାହାହେଲେ

ସେହି ଫଟୋବାଲା କ'ଣ ଏ ଦଳର ଲୋକ । ନୋହିଲେ ସେ ଫଟୋବାଲା କୌଶଳରେ ଏ ଫଟୋ ଉଠାଇ ଆଣି ଏଠି ଦେଇଥାନ୍ତା କାହିଁକି ?

ହଠାତ୍ ଚାରିଜଣ ଲୋକ ସେ ଘର ଭିତରକୁ ଭୁସ୍ ଭୁସ୍ ହୋଇ ପଶି ଆସିଲେ । ସେହି ଚାରିଜଣଙ୍କ ଭିତରୁ ତିନିଜଣଙ୍କ ମୁହଁରେ କଳା-ପଟିର ମୁଖା ପିନ୍ଧାଥିଲେ । ସେମାନେ ଘର ଭିତରକୁ ପଶିଆସି କେବଳ ହଉ ହଉ ହୋଇ ହସିବାକୁ ଲାଗିଲେ ।

ମହେନ୍ଦ୍ରବାବୁ କୌଣସି ବିପଦର ଆଶଙ୍କା କରି ଛୁନିଆରେ ଆଗକୁ ଅନାଇ ଦେଖିଲେ—ସେହି ଚାରିଜଣଙ୍କ ଭିତରୁ ମୁଖା ପିନ୍ଧି ନଥିବା ଲୋକଟି ଆଉ କେହି ନୁହେଁ; କାଲିର ଫଟୋବାଲା । ଭୟରେ ତାଙ୍କ ମୁଣ୍ଡ ଘୂରିବାକୁ ଲାଗିଲା ।

ସେହି ଫଟୋବାଲାଟି ମହେନ୍ଦ୍ରବାବୁଙ୍କ ନିକଟକୁ ଯାଇ ଥଣ୍ଡା କଲା ପରି କହିଲା—କି ବାବୁଜୀ । ଏଇକ୍ଷଣି ପାଞ୍ଚଟଙ୍କା ଦେଇ ମାରୱାଡ଼ି ପୋଷାକ ପିନ୍ଧ, ଆଣ୍ଠୁ କରି ଫଟୋ ଉଠାଇ ଦେବ, କହୁବତ ଏଇକ୍ଷଣି ପିଠିରୁ ଚମଡ଼ା ବି ଉତ୍ତାରି ଦେବ ।

ଏ କଥାରେ ମାଳତୀ ସହିତ ଅନ୍ୟମାନେ ହୋ ହୋ ହୋଇ ହସିବାକୁ ଲାଗିଲେ ।

ମହେନ୍ଦ୍ରବାବୁ କ୍ଷଣକ ପାଇଁ ସବୁକଥା ଭୁଲିଯାଇ ରାଗରେ ତାଙ୍କ ମୁହଁ ଲାଲ ହୋଇ ଉଠିଲା । ସେ ଟିକିଏ ମାତ୍ର କଣେଇ ଚାହିଁ ତଳକୁ ମୁହଁ ପୋତି ଦେଲେ । ଏହି ଭୀଷଣ ଡକାୟତଦଳ ଭିତରେ ତାଙ୍କର ଆଉ ଉପାୟ କଣ ?

ମୁଖା ପିନ୍ଧିଥିବା ଜଣେ ଲୋକ ଦାନ୍ତ କଡ଼ମଡ଼ କରି କହି ଉଠିଲା—ବାବୁ, ରଗିଗଲ କହେ ! ଏଥର ତୁମର ପିସ୍ତଲ ଚଳାଇ କେତେ ଜଣଙ୍କୁ ମାରିଦଅ ।

ମହେନ୍ଦ୍ରବାବୁଙ୍କ ଦେହରେ ସେ କଥାଗୁଡ଼ାକ ଛୁଞ୍ଚିରେ ଫୋଡ଼ିଲା ପରି ଲାଗୁଥିଲା । ତାଙ୍କର ପ୍ରତି ଶିରାରେ ବିଜୁଳି ବେଗରେ ରକ୍ତ ଖେଳିଯାଇ ମନ ହେଉଥିଲା, ଯଦି ପାଖରେ ପିସ୍ତଲଟା ଥା'ନ୍ତା, ତାହା-ହେଲେ ସେ ମରନ୍ତେ ପଛକେ ଏ ମୁହୂର୍ତ୍ତରେ ଏମାନଙ୍କର ଖପୁରି ଉଡ଼ାଇ ଦିଅନ୍ତେ । କିନ୍ତୁ ଉପାୟ । ସେ ଯେ ବନ୍ଦୀ ।

କିଛିକ୍ଷଣ ଏହିପରି ମହେନ୍ଦ୍ରବାବୁଙ୍କ ପ୍ରତି ବିଦ୍ରୂପ ଚାଲିଲା । ତା ପରେ ଜଣେ ଲୋକ ତାର ଲୌହ ହସ୍ତରେ ମହେନ୍ଦ୍ରବାବୁଙ୍କ ହାତକୁ ଖୁବ ଜୋରରେ ଟାଣି ଟାଣି ନେଇ ଚାଲିଲା ଅନ୍ୟ ଏକ କୋଠରୀକୁ । ସେତେବେଳେ ମହେନ୍ଦ୍ରବାବୁ ନିଧାର୍ଯ୍ୟ କରି ଭାବି ନେଇଥିଲେ ଯେ ତାଙ୍କୁ ଏହି ମୁହୂର୍ତ୍ତକ ଭିତରେ ହତ୍ୟାକରି ଦିଆଯିବ । ଆଖିରୁ ବୁନ୍ଦାଏ ଲୁହ ଗଡ଼ାଇବା ପାଇଁ ବି ସେତେବେଳେ ତାଙ୍କ ଆଖିରେ ଲୁହ ନଥିଲା ।

ମହେନ୍ଦ୍ରବାବୁଙ୍କୁ ଗୋଟାଏ ଘରେ ପୂରାଇ ଦିଆଗଲା । ସେ ଘରେ ତାଙ୍କୁ ବାନ୍ଧି କରି ଅଣା ଯାଇଥିବା ଭଳି ଅନ୍ୟ ଦୁଇ ଜଣ ବନ୍ଧାହୋଇ ପଡ଼ିଥିଲେ । ମହେନ୍ଦ୍ରବାବୁଙ୍କୁ ତାଙ୍କର ପାଖରେ ଠିଆ କରାଇ ଦେଇ, ତାଙ୍କ ଭିତରୁ ଜଣେ ମହେନ୍ଦ୍ରବାବୁଙ୍କ ପ୍ରତି କଠୋର ଗଳାରେ ଆଦେଶ ଦେଲା—ସେ ଦୁଇ ଜଣଙ୍କ ମୁହଁରୁ ଲୁଗା ଫିଟାଇ ଦିଅ ।

ମହେନ୍ଦ୍ରବାବୁ ଯନ୍ତ୍ରଗୁଳିତ ପର ଦୁଇ ହାତରେ ସେହି ଦୁଇ ଜଣଙ୍କର ମୁହଁରୁ ଲୁଗା ଫିଟାଇ ଦେଇ ଅବାକ ହୋଇଗଲେ । ସେ ଦୁଇଜଣଯାକ ପ୍ରିୟନାଥବାବୁ ଓ ସୁରେଶବାବୁ । ସେମାନେ ବି ହରଣଗୃଳ ହୋଇ ଆସିଛନ୍ତି । ଏମାନଙ୍କର ବାସ୍ତବରେ କି କୌଶଳ-ପୂର୍ଣ୍ଣ ଯୋଗସୂତ୍ର ।

ମହେନ୍ଦ୍ରବାବୁଙ୍କ ମୁହଁକୁ ଲକ୍ଷ୍ୟ କରି ସମସ୍ତେ ଠୋଠୋ ହୋଇ ହସି ଉଠିଲେ । ସେଥିଭିତରୁ ଜଣେ ମହେନ୍ଦ୍ରବାବୁଙ୍କୁ ହଲାଇ ଦେଇ କହିଲା—ଏମାନଙ୍କୁ ଦେଖି ଅବାକ ହୋଇଗଲ କାହିଁକି ? ଏମାନେ ତମର ଚିହ୍ନାପରିଚ ନା କ'ଣ ?

ଅନ୍ୟ ଜଣେ ହସି ହସି କହିଲା—ଥରେ ଏ ଦଳକୁ ଧରି ପାରିଥିଲ ବୋଲି ଏମାନଙ୍କର ସାହାସ ବଢ଼ିଯାଇଛି । କିଏ ମାରୱାଡ଼ି ବେଶରେ, କିଏ ପଠାଣ ବେଶରେ ଆସୁଛି । ଆମକୁ ସବୁ ବୋକା ଠଉରେଇଛ, ନୁହେଁ ? ଏ ଦୁ'ଜଣ ଆସିଲାଦିନୁ ସେମାନଙ୍କ ଢଙ୍ଗଢାଙ୍ଗରୁ ଜଣା ପଡ଼ୁଛି, ଏମାନେ ନିଶ୍ଚୟ ସନ୍ଧାନୀ ହୋଇ ଆସି-ଛନ୍ତି । ତୁମେ ଯେ ମହେନ୍ଦ୍ରବାବୁ, ଦିନେ ଏଠିକୁ ସନ୍ଧାନ କରିବାକୁ ଆସିବ, ଏ କଥା ଆମେ ଜାଣିଥିଲୁ । ସେଥିପାଇଁ ଆମେ ଜାଣି ଜାଣି ଏ ଦୁ'ଜଣଙ୍କ ମନରେ ସନ୍ଦେହ କରାଇଛୁ ।

ଆଉ ଜଣେ କହି ଉଠିଲା—ଏ ଛୁରୀ ଦି'ଟାକୁ ଏ ଲୋକଟା ଦଶଟଙ୍କା ନେଇଥିଲା । ଏହି ଛୁରୀରେ କ'ଣ ହେବ ଜାଣ ? ତମ ତିନିଜଣଙ୍କ ଛାତି ଭିତରେ ଏହାର ଧାର ପରୀକ୍ଷା କରାଯିବ ।

ମହେନ୍ଦ୍ରବାବୁ ନୀରବରେ ଠିଆହୋଇ ରହିଥିଲେ । ପ୍ରିୟନାଥ-ବାବୁ ଓ ସୁରେଶବାବୁ କେବଳ ବଲ୍ ବଲ୍ କରି ମହେନ୍ଦ୍ରବାବୁଙ୍କ ଅଡେ ଚାହିଁ ରହିଥାନ୍ତି ।

× × ×

ମହେନ୍ଦ୍ରବାବୁ ଅନ୍ୟ ଦୁଇଜଣ ଡକାୟତ ଦଳ ହସ୍ତରେ ବନ୍ଦୀ ହୋଇ ରହିବାର ସତର ଦିନ ହୋଇଗଲାଣି । ସେମାନଙ୍କର ବାହାରକୁ ଆସିବାକୁ କିମ୍ବା ବାହାର ଦୁନିଆ ବିଷୟରେ ଜାଣିବାକୁ କିଛି ଉପାୟ ନାହିଁ । ଯେଉଁ ବନ୍ଧୁ ଲାଗି ମହେନ୍ଦ୍ରବାବୁ ମରଣର ମୁହଁକୁ ଝାସ ଦେଇ ଡକାୟତ ଦଳର ସନ୍ଧାନରେ ଆସିଥିଲେ, ସେହି ବନ୍ଧୁ ତାଙ୍କ ରହିବା କୋଠରୀର ପାଖ କୋଠରୀରେ ଥିଲେ ସୁଦ୍ଧା, ସେ ତିଳେ ହେଲେ ସନ୍ଧାନ ପାଇ ନାହାନ୍ତି ।

× × ×

ମହେନ୍ଦ୍ରବାବୁ ଗଲା ଛଅ ଦିନ ପରେ, ଗଗନବାବୁ ଖଣ୍ଡେ ରିପୋର୍ଟ ପାଇଲେ ।

ସେଥିରେ ଲେଖାଅଛି—

ମୋର ବନ୍ଧୁମାନଙ୍କର ଅନୁସନ୍ଧାନ ଠିକ । ସେମାନଙ୍କର ଏଠି ନିଶ୍ଚୟ ଅଡ୍ଡା ଜାଗା ଅଛି । ମୁଁ ସଠିକ ଭାବରେ ସମୁଦାୟ ଦଳକୁ ଘେରି ପକାଇବାକୁ ସନ୍ଧାନ ନ ପାଇବା ଯାଏ ହଠାତ କିଛି କରିବି ନାହିଁ । ବର୍ତ୍ତମାନ ଆମେ ସନ୍ଧାନରେ ଅନ୍ୟଆଡେ ବାହାରୁଛୁ । ଅନ୍ୟ ରିପୋର୍ଟ ଆପଣଙ୍କ ପାଖକୁ ପଠାଇବାକୁ ବୋଧହୁଏ ଅଠଦିନ ଡେରି ହେବ । ସବୁ କଥା ଗୁପ୍ତ ରଖିବେ । ଆପଣଙ୍କ ଆଶୀର୍ବାଦରୁ ଆମେ କୃତକାର୍ଯ୍ୟ ହେବୁ ବୋଲି ମୋର ଆଶା ।

ଆପଣଙ୍କର

ମହେନ୍ଦ୍ରନାଥ ପଟ୍ଟନାୟକ

× × ×

ଆଠଦିନ ବିତିଗଲା । ଗଗନବାବୁ ଡକାୟିତଦଳ ଧରାପଡ଼ିବା ନେଇ ମହେନ୍ଦ୍ରବାବୁଙ୍କଠାରୁ କୌଣସି ଆଶାଜନକ ଉତ୍ତର ପାଇବା ପାଇଁ ବଡ ଆଗ୍ରହରେ ରିପୋର୍ଟକୁ ଅନାଇ ରହିଥିଲେ ।

ଠିକ୍ ନ'ଦିନ ପରେ ଗଗନବାବୁ ତାଙ୍କର ପ୍ରାଇଭେଟ ସେକ୍ରେଟେରୀଙ୍କୁ ଡାକି ପଚାରିଲେ—ମହେନ୍ଦ୍ରବାବୁଙ୍କଠାରୁ ଆଜ କୌଣସି ରିପୋର୍ଟ ଆସିଛି ନା ନାହିଁ ?

ପ୍ରାଇଭେଟ ସେକ୍ରେଟେରୀ ଉତ୍ତର ଦେଲେ—ଅଫିସରେ କେତେକ ଜରୁରୀ କାମ ଥିବାରୁ ମୁଁ ଚିଠି ପତ୍ର ଖୋଲି ନାହିଁ । ବର୍ତ୍ତମାନ ଖୋଲି ଆପଣଙ୍କୁ ଦେଖାଇବି ।

ପ୍ରାୟ ଅଧଘଣ୍ଟା ପରେ ଗଗନବାବୁଙ୍କ ପ୍ରାଇଭେଟ ସେକ୍ରେଟେରୀ ମହେନ୍ଦ୍ରବାବୁଙ୍କଠାରୁ ଆସିଥିବା ୯ମ୍ ରିପୋର୍ଟ ଧରି ଗଗନବାବୁଙ୍କ ଆଗରେ ଥୋଇ ଦେଲେ ।

ଗଗନବାବୁ ସେହି ରିପୋର୍ଟ ଉପରକୁ ଅନାଇଁ ଦେଇ ସବୁ କାମ ବନ୍ଦ କରି ପଢି ବସିଲେ ।

ଲେଖାଅଛି—

ଆମେ ଅନୁସନ୍ଧାନ କରିବାରେ ଅନେକଦୂର ଆଗେଇଛୁ । ଏ ଦଳ ଯେ ନିଶ୍ଚୟ ଧରା ପଡ଼ିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆମେ ତିନି ଜଣଯାକ, ଜଣେ ଖୁବ୍ ବଡ଼ଲୋକ ବଙ୍ଗାଳି ଡ଼ାକ୍ତର ଘରେ ଗୁପ୍ତରେ ଅଛୁ । ଡାକ୍ତରବାବୁ ଆମକୁ ଅନେକ ସାହାଯ୍ୟ ମଧ୍ୟ କରୁଛନ୍ତି । ଦରକାର ପଡ଼ିଲେ, ମୁଁ ଆପଣଙ୍କୁ ଜଣାଇଲା-କ୍ଷଣି ଆପଣ, ଶ୍ରୀକାନ୍ତବାବୁ ଓ ଟିକ୍କଟ କରିବାପାଇଁ ଜେଲର୍‌ବାବୁଙ୍କୁ ସଙ୍ଗରେ ନେଇ ଆସିବେ । ପୋଷାକପତ୍ର ନ ପିନ୍ଧି ସାଧାସିଧା

ପୋଷାକରେ ଆସିବାକୁ ପଡ଼ିବ, କିନ୍ତୁ ଗୁପ୍ତରେ ପିସ୍ତଲ ଯେପରି ଆପଣ ମାନଙ୍କ ସମସ୍ତଙ୍କ ପାଖରେ ଥାଏ । ଆସିବାର ପୂର୍ବଦିନ ପୁଣି ରିପୋର୍ଟ ପଠାଇବି । ବର୍ତ୍ତମାନ ଠିକ୍‌ଏ ମାତ୍ର ସମୟ ନାହିଁ । ଜେଲରବାବୁ ଓ ଶ୍ରୀବତ୍ସବାବୁଙ୍କୁ କେବଳ ଦରକାର ପଡ଼ିଲେ ଆସିବାପାଇଁ ଖବର ଦେବା ଛଡ଼ା ଅନ୍ୟ ସବୁ ବିଷୟ ଗୁପ୍ତ ରଖିବେ । ନଚେତ ଆମେ ଏଠୁ ଫେରି ପାରିବୁ ନାହିଁ ।

ଆପଣଙ୍କ

ମହେନ୍ଦ୍ରନାଥ ପଟ୍ଟନାୟକ

ଗଗନବାବୁ ରିପୋର୍ଟ ପଢ଼ି ଆନନ୍ଦରେ ତାଙ୍କ ଛାତି ପୁରି ଉଠିଲା । ମନେ ମନେ ଖୁବ୍ ଗର୍ବ ଅନୁଭବ କରି ଭାବିଲେ, ଡକାୟତ ଦଳ ଧରା ପଡ଼ିବାକ୍ଷଣି ତାଙ୍କ ପାଖକୁ ଆସିଥିବା ଚିଠିର ପ୍ରତିଶୋଧ ସେ ସୁଝାଇବାକୁ ଭୁଲିବେ ନାହିଁ ।

× × ×

ଆଠଦିନ ପରେ । ଗଗନବାବୁ ଏଥିମଧ୍ୟରେ ଶ୍ରୀବତ୍ସବାବୁ ଓ ଜେଲରବାବୁଙ୍କୁ ତାଙ୍କ ଦରକାର ପଡ଼ିଲେ କୌଣସି ଜାଗାକୁ ତାଙ୍କ ସଙ୍ଗରେ ଯିବାକୁ ହେବ ବୋଲି ଜଣାଇ ଦେଇଛନ୍ତି ।

ସେଦିନ ଗଗନବାବୁ ଦିନ ଦୁଇଟାବେଳେ ଅଫିସରେ ଆସି ପହଞ୍ଚିଲାକ୍ଷଣି ତାଙ୍କର ପ୍ରାଇଭେଟ ସେକ୍ରେଟେରୀ ପ୍ରଥମ କରି ମହେନ୍ଦ୍ର-ବାବୁଙ୍କ ନାମ ଦସ୍ତଖତ ହୋଇଥିବା ରିପୋର୍ଟଟି ନେଇ ତାଙ୍କ ଆଗରେ ରଖିଦେଲେ ।

ଗଗନବାବୁ ସେ ରିପୋର୍ଟଟି ଦେଖିଲାକ୍ଷଣି ଖୁସି ହୋଇ କହିଲେ-'ଏହି ରିପୋର୍ଟ ପାଇବାପାଇଁ ମୁଁ ଆଜ ଖୁବ୍ ଆଶା କରିଥିଲି ।

ଯାହାହେଉ ପ୍ରକୃତରେ ତାହା ଆସି ଯାଉଛି । ଗଗନବାବୁ ରିପୋର୍ଟ ଧରି ଆଗ୍ରହରେ ପଢ଼ିବାକୁ ଲଗିଲେ ।

ଆପଣ ଏ ରିପୋର୍ଟ ପାଇ ଶ୍ରୀବସ୍ତ୍ରବାବୁ ଓ ଜେଲରବାବୁଙ୍କୁ ଘେନି ସାଧା ପୋଷାକରେ କାଲି ସନ୍ଧ୍ୟା ଗାଡ଼ିରେ ଆସି ପହଞ୍ଚିବେ । ଆପଣମାନଙ୍କ ପିସ୍ତଲ ଛଡ଼ା ପ୍ରିୟନାଥବାବୁ ଓ ସୁରେଶବାବୁଙ୍କ ପାଇଁ ଅଧିକା ଦୁଇଗୋଟି ପିସ୍ତଲ ଆଣିବେ । ଆମେ ଯେଉଁ ଡାକ୍ତରବାବୁଙ୍କ ଘରେ ଅତିଥି ହୋଇଛୁ ବୋଲି ଆର ରିପୋର୍ଟରେ ଲେଖିଥିଲି, ସେ ଡାକ୍ତରବାବୁଙ୍କ ନାମ ହେଉଛି ରଜନୀକାନ୍ତ ମାଇତି । ଆପଣମାନଙ୍କ ଆସିବା କେହି ନ ଜାଣିବା ପାଇଁ ତାଙ୍କର କଳାରଙ୍ଗ ମଟର ଯାଇଁ ଷ୍ଟେସନରେ ଥିବ । ମଟର ନମ୍ବର ହେଉଛି ୪୮୩ । ଆପଣ ଡ୍ରାଇ-ଭରକୁ କିଛି ନ କହି ସେହି ମଟରରେ ବସିଲାପରି ଡ୍ରାଇଭର ଘେନି ଅସିବ ।

ଗଗନବାବୁ ସେହି ରିପୋର୍ଟଟି ପଢ଼ିସାରି ଫୋନରେ ଶ୍ରୀବସ୍ତ୍ର-ବାବୁଙ୍କୁ ଡକାଇ ପଠାଇଲେ ଏବଂ ଜେଲରବାବୁଙ୍କୁ କାଲି ଛ'ଟା ବେଳକୁ ପ୍ରସ୍ତୁତ ହୋଇ ରହିବାପାଇଁ ଜଣାଇଦେଲେ ।

ପ୍ରାୟ ଦଶମିନିଟ ପରେ ଶ୍ରୀବସ୍ତ୍ରବାବୁ ଆସି ଗଗନବାବୁଙ୍କ ପାଖରେ ପହଞ୍ଚିଲେ । ଗଗନବାବୁ ସେହି ରିପୋର୍ଟରେ ଲେଖାହୋଇ-ଥିବା ବିଷୟକୁ ସଂକ୍ଷେପରେ କହି, ପୋଲିସ ଅସ୍ତ୍ରାଗାରରୁ ଦୁଇଟି-ଅଧିକା ପିସ୍ତଲ ଓ କିଛି ଗୁଳି ଆଣିବାପାଇଁ ଏକ ଆଦେଶ ପତ୍ର ତାଙ୍କ ହସ୍ତରେ ଲେଖି ଦେଲେ ।

× × ×

ତହୁଁ ଆରଦିନ ସନ୍ଧ୍ୟା । ଗଗନବାବୁ ପ୍ରଭୃତି ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ଫାଟକ ଆରପାଖକୁ ଗଲାକ୍ଷଣି ଦେଖିଲେ କଳା-ରଙ୍ଗର ୪୮୨ ନମ୍ବର ଗାଡ଼ି ଥୁଆ ହୋଇଛି । ଗଗନବାବୁ ଅନ୍ୟ-ମାନଙ୍କ ସହିତ ଗାଡ଼ିରେ ବସିଲାକ୍ଷଣି, ଡ୍ରାଇଭର ମଟର ଚଳାଇ ଚାଲିଲା ମନ୍ଦିର ଆଡ଼େ ।

ପ୍ରାୟ ଦଶମିନିଟ ଭିତରେ ମଟର ମନ୍ଦିର ପାଖ ବିନ୍ଦୁ ସାଗର ମୋଡ଼ ଦେଇ ଏକ ନିର୍ଜନ ରାସ୍ତାରେ ଛୁଟିବାକୁ ଲାଗିଲା । ପ୍ରାୟ ପାଞ୍ଚ-ମିନିଟ ମଟର ଚାଲିଲା ପରେ ଗଗନବାବୁ ଡ୍ରାଇଭରକୁ ପଚାରିଲେ, "କିହୋ; ତମ ଡାକ୍ତରବାବୁ ଆଉ କେତେ ଦୂରରେ ଘର କରିଛନ୍ତି ?

ଡ୍ରାଇଭର ଉତ୍ତର ଦେଲା--ହଜୁର, ଆଉ ବେଶି ବାଟ ନାହିଁ, ଆଜି ଅମାବାସ୍ୟା ଅନ୍ଧାର ବୋଲି ଆପଣଙ୍କୁ ସେମିତି ଜଣା ଯାଉଛି । ଡାକ୍ତରବାବୁ ପ୍ରତିଦିନ ଚାଲି ଚାଲି ଏଇ ପାଖ କେଦାର ଗୌରୀ । କୁଣ୍ଡକୁ ଗାଧୋଇବାକୁ ଆସନ୍ତି ।

ଡ୍ରାଇଭର କଥା ଶେଷ ହେଲା ବେଳକୁ ମଟର ଯାଇ ଗୋଟାଏ ଫାଟକ ପାଖରେ ରହିଲା । ଗଗନବାବୁ ପ୍ରଥମ ଓହ୍ଲାଇ ଫାଟକକୁ ଛୋଟ ଟର୍ଚ୍ଚ ଆଲୁଅ ପକାଇ ଦେଖିଲେ—ଖଣ୍ଡେ ସୁନ୍ଦର ପଟାରେ ଲେଖା ହୋଇଛି, ଡାକ୍ତର ରଜନୀକାନ୍ତ ମାଇତି ।

ଗଗନବାବୁ ଓହ୍ଲାଇବା ସଙ୍ଗେ ସଙ୍ଗେ ଶ୍ରୀବତ୍ସବାବୁ ଓ ଜେଲର ବାବୁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ ; ଡ୍ରାଇଭର ମଟର ବନ୍ଦ କରି ସେମାନଙ୍କୁ ବାଟ କଢାଇ ନେବାପାଇଁ ଆଗେ ଆଗେ ଚାଲିଲା ।

ପ୍ରାୟ ଦୁଇମିନିଟ୍ ବାଟ ଦୁଇପାଖରେ ଫୁଲ ଗଛ ଓ କୁଣ୍ଡ ସଜା ହୋଇଥିବା ଛୋଟ ସିମେଣ୍ଟକରା ରାସ୍ତା ଉପର ଦେଇ ଚାଲିଲା

ପରେ ବାରଣ୍ଡା ଉପରକୁ ଉଠି ଯିବାକୁ ପାହାଚ । ବାରଣ୍ଡାରେ ଝଙ୍ଗା ହୋଇଥିବା ଉଜ୍ଜ୍ୱଳ ଚେମେଣି ଆଲୁଅରେ ବାରଣ୍ଡା ଧାରରେ ଉତ୍ତମ ରୂପେ ସଜା ହୋଇଥିବା ଫୁଲକୁଣ୍ଡ ଗୁଡ଼ିକ ବେଶ୍ ସୁନ୍ଦର ଦିଶୁଛି ।

ଗଗନବାବୁ ପ୍ରଭୃତ ବାରଣ୍ଡାକୁ ଉଠିଗଲାକ୍ଷଣି ଜଣେ ଭଦ୍ରଲୋକ ତାଙ୍କୁ ପାଛୋଟି ନେବାକୁ ଅଧା ବଙ୍ଗଳା ଅଧା ଓଡ଼ିଆରେ କହିଲେ, ଭିତରକୁ ଆସନ୍ତୁ ଆଜ୍ଞା ! ଡ଼ାକ୍ତରବାବୁ ପୂଜାରେ ବସିଛନ୍ତି, ଅଧ-ଘଣ୍ଟା ପରେ ଉଠିବେ । ମହେନ୍ଦ୍ରବାବୁ ଏଇ ଅଧଘଣ୍ଟା ହେଲା ବଡ଼ ତରବରରେ ବାହାରକୁ ଯାଇଛନ୍ତି, ଏଇକ୍ଷଣି ବୋଧହୁଏ ଫେରି ଆସିବେ ।

ଗଗନବାବୁ ସେ ଭଦ୍ରଲୋକଙ୍କର ବ୍ୟବହାରରେ ଖୁସି ହୋଇ କହିଲେ—ଆମେ ଏହି ବାରଣ୍ଡାରେ ବସିଛୁ, ଡ଼ାକ୍ତରବାବୁଙ୍କୁ ଆମେ ଆସିଲୁଣି ବୋଲି ଖବର କରନ୍ତୁ ନାହିଁ । ତାଙ୍କ ପୂଜାରେ ବାଧା ପଡ଼ିବ ।

ପାଛୋଟି ନେବାକୁ ଆସିଥିବା ଭଦ୍ରଲୋକ ହସ ହସ ହୋଇ କହିଲେ—ନା ଆଜ୍ଞା ଭିତରକୁ ଆସନ୍ତୁ ! ବାହାରେ ବସିବା ଉଚିତ ନୁହେଁ । ମହେନ୍ଦ୍ରବାବୁ ଇତ୍ୟାଦି ଏଠି ରହିଲାଦିନୁ ବଡ଼ ସାବଧାନରେ ଚଳିବାକୁ ପଡ଼ୁଛି କି ନା !

ଗଗନବାବୁ ତାଙ୍କ କଥାର ମର୍ମ ବୁଝି ଭିତରକୁ ପଶିଗଲେ ।

ଅଫିସ ଘରଟି ବେଶ୍ ଆଧୁନିକ ଧରଣରେ ସାଜସଜା ହୋଇଛି । ସେହି କୋଠରୀରେ ପଡ଼ିଥିବା ଗଦି ଚେୟାର-ଗୁଡ଼ିକ ଖୁବ୍ ଦାମିକା ।

କାନ୍ଥ ଗୁଡ଼ିକ ଆଜିକାଲିକା ରୁଚି ସମ୍ପନ୍ନ ଛବିରେ ଶୋଭା ପାଉଛି । ଗଗନବାବୁ ଗୋଟିଏ ଗଦି ଆରାମ ଚେୟାରରେ ବସିବା ସଙ୍ଗେ ସଙ୍ଗେ ଅନ୍ୟ ଦୁଇଟି ଚେୟାରରେ ଶ୍ରୀବସ୍ତ୍ରବାବୁ ଓ ଜେଲରବାବୁ ବସି ପଡ଼ିଲେ ।

କିଛିକ୍ଷଣ ପରେ ଉକ୍ତ ଭଦ୍ରଲୋକଙ୍କ ଆଦେଶରେ ଜଣେ ଭୃତ୍ୟର ତିନୋଟି ଛୋଟ ଛୋଟ ଟେବୁଲ ସେମାନଙ୍କ ଆଗରେ ପକାଇ ଦେଲା । ସେହି ଭଦ୍ରଲୋକ ହାତଯୋଡ଼ି ହସ ହସ ହୋଇ ନରମ ଗଳାରେ କହିଲେ—ଡାକ୍ତରବାବୁ ଆପଣମାନଙ୍କ ପାଇଁ ଟିକିଏ ଜଳଖିଆର ବନ୍ଦୋବସ୍ତ କରି ପୂଜାରେ ବସିଛନ୍ତି । ଡେରି ହେଲେ ଉଠି ମୋ ଉପରେ ବିରକ୍ତ ହେବେ । ହାତ ଧୁଅନ୍ତୁ ଆଜ୍ଞା !

ଗଗନବାବୁ ଭଦ୍ରତା ସ୍ୱରରେ କହିଲେ—ଡାକ୍ତରବାବୁ ପୂଜାରୁ ଉଠିଥିଲେ ଭଲ ହୋଇଥାନ୍ତା, ଆଚ୍ଛା ଆଣନ୍ତୁ ।

ସଙ୍ଗେ ସଙ୍ଗେ ଦୁଇଜଣ ଲୋକ ତିନୋଟି ଥାଳିଆରେ ଅନେକ ପ୍ରକାର ସୁସ୍ୱାଦୁ ଜଳଖିଆ ଆଣି ରଖି ଦେଇଗଲେ । ଜଳଖିଆ ଖିଆ ସରିଲା ପରେ ପାନ ଓ ସିଗାରେଟର ବ୍ୟବସ୍ଥା କରିଦେଇ ସେହି ଭଦ୍ରଲୋକ ଭିତରକୁ ଗଲେ ଓ କିଛି ସମୟ ପରେ ଫେରି ଆସି ଗଗନବାବୁଙ୍କୁ ଜଣାଇଲେ, ଡାକ୍ତରବାବୁ ଆପଣମାନଙ୍କୁ ଠାକୁର ଦର୍ଶନ କରିବାପାଇଁ ଅନୁରୋଧ କରୁଛନ୍ତି । ମୋ ସଙ୍ଗରେ ଆସନ୍ତୁ ।

ଗଗନବାବୁ ସେ ଭଦ୍ରଲୋକର ସେମାନଙ୍କ ପ୍ରତି ଭଦ୍ର ବ୍ୟବହାରରେ ଏତେ ସନ୍ତୁଷ୍ଟ ହୋଇ ଯାଇଥିଲେ ଯେ ତାଙ୍କ ପାଟିରୁ କଥା ନ ସରୁଣୁ ଗଗନବାବୁ, ଶ୍ରୀବସ୍ତ୍ରବାବୁ ଓ ଜେଲରବାବୁଙ୍କୁ ଡାକି ଦର୍ଶନ କରି ଯିବାପାଇଁ ଉଠି ଠିଆ ହେଲେ ।

ଅଫିସ ଘରୁ ଗୋଟିଏ ଦରଜା ପାର ହୋଇ ଅନ୍ୟ ଦରଜାରେ ହେଲାକ୍ଷଣି ସେହି ଭଦ୍ରଲୋକ ବଡ ନରମ ଗଳାରେ କହିଲେ—ଆଜ୍ଞା ଟାଙ୍କୁର ଖଞ୍ଜାକୁ କିଛି ଚମଡାର ଜିନିଷ ଯାଏ ନାହିଁ । ଚମଡା ଖୋଳରେ ଥିବା ପିସ୍ତଲଗୁଡ଼ିକ ଏଇଠି ରଖି ଦିଅନ୍ତୁ, ଦରକାର ପଡ଼ିଲେ ଚୋରଙ୍କୁ ଗୁଳି କରିବାପାଇଁ ଡାକ୍ତରବାବୁଙ୍କର ମଧ୍ୟ ଦୁଇ-ନଳିଆ ବନ୍ଧୁକ ଅଛି ।

ଗଗନବାବୁ ନିଜକୁ ନିଜେ ଚମକି ପଡ଼ି କହିଲେ—ଆରେ, ଆପଣ ମନେ କରି ନ ଥିଲେ ଚମଡ଼ା ସହିତ ପିସ୍ତଲ ଆମେ ସଙ୍ଗରେ ନେଇ ଯାଇଥାନ୍ତୁ । ଏହା କହି ତାଙ୍କର ଖୋଳ ସହିତ ପିସ୍ତଲଟି ସେ ବାବୁଙ୍କ ହସ୍ତକୁ ବଢାଇ ଦେଲେ ଏବଂ ତାଙ୍କ ପଛେ ପଛେ ଶ୍ରୀବତ୍ସବାବୁ ଓ ଜେଲରବାବୁ ମଧ୍ୟ ନିଜ ନିଜର ପିସ୍ତଲ ବଢାଇ ଦେଇ ଟିକିଏ ସାବଧାନରେ ରଖିବାକୁ କହିଲେ ।

ଉକ୍ତ ଭଦ୍ରଲୋକଟି ହସିଦେଇ କହିଲେ—ମୁଁ ଏଗୁଡ଼ିକ ଏହି କାନ୍ଥ ଆଲମାରୀରେ ରଖି ଦେଉଛି ।

ଗଗନବାବୁ ପ୍ରଭୃତି ଗୋଟିଏ ଦରଜା ପାର ହେଲାକ୍ଷଣି ହଠାତ୍ ପଛରୁ କବାଟ ବନ୍ଦ ହୋଇଗଲା ଏବଂ କବାଟ ବନ୍ଦ ହେବା ସଙ୍ଗେ ସଙ୍ଗେ ସେ ଘରଟି ଠୋ ଠୋ ବନ୍ଦୁକ ହସରେ ପୂରି ଉଠିଲା ।

ଗଗନବାବୁ ପ୍ରଭୃତି ବିସ୍ମିତ ହୋଇ ଚାରିଆଡ଼କୁ ଅନାଇଲାକ୍ଷଣି ଜଣେ ସୁନ୍ଦରୀ ଯୁବତୀ ହସି ହସି ଆଗେଇ ଆସି କହିଲେ—କିହୋ ଜେଲରବାବୁ, ଚୋର ଗିରଫ୍ଟ କରିବାପାଇଁ ଆସିଛନ୍ତି ନା କଣ ? ନିଜେ ଯେ ଏଇକ୍ଷଣି ସବୁ ବନ୍ଦୀ ପଡ଼ିବ, ଘରେ କହିଦେଇ ଆସିଛନ୍ତି ତ ?

ଜେଲରବାବୁ ଆବାକ୍ ହୋଇ ସେହି ଯୁବତୀଟିକୁ ଚାହିଁ ଅନୁମାନ କରିନେଲେ—ଏ'ତ ସେହି ଯୁବତୀ, ଯିଏ ତାଙ୍କୁ ରାଏ ସାହେବ ବସନ୍ତଚରଣଙ୍କ କନ୍ୟା ବୋଲି ଜେଲ ବୁଲାଇବେଳେ ଚୋରମାନଙ୍କ କଥା ପଚାରୁଥିଲା ।

ଗଗନବାବୁ ଶ୍ରୀବତ୍ସବାବୁଙ୍କର ଆଉ କିଛି ବୁଝିବାରେ ବାକି ନ ଥିଲା । ଜେଲରବାବୁ ବିଚରାଙ୍କ ଆରେ କାହାକୁ ଆଉକି ରହିଲେ । ବର୍ତ୍ତିମାନ ଆଉ ଉପାୟ କ'ଣ ! ସମସ୍ତେ ଯେ ଡକାୟତ ଦଳର କବଳରେ ପଡ଼ିଯାଇ ସାରିଲେଣି । ଗଗନବାବୁ ଶ୍ରୀବତ୍ସବାବୁ ଗୋଟାଏ ହୋସରେ କାଠପିତ୍ତୁଳା ପରି ଛିଡ଼ା ହୋଇଥିଲେ ବି, ତାଙ୍କ ଦେହରେ ରକ୍ତ ଶୁଖି ଯାଇଥିଲା ।

କିଛିକ୍ଷଣ ପରେ ଜଣେ ଲୋକ ଆଖିରେ ଗୋଟାଏ କଳାପଟି ବାନ୍ଧି ହାତରେ ଗୋଟାଏ ପିସ୍ତଲ ଧରି ଗଗନବାବୁ ଓ ଶ୍ରୀବତ୍ସବାବୁ ଠିଆ ହୋଇଥିବା ସ୍ଥାନକୁ ଆସିଲେ ଏବଂ ଜଣେ ଚୌକି ଖଣ୍ଡି ଆଣି ବସି, ଗଗନବାବୁ ପ୍ରଭୃତିଙ୍କୁ, ପାଖରେ ପଡ଼ିଥିବା ଚୌକିରେ ବସିବାକୁ ଆଦେଶ ଦେଲେ ।

ଗଗନବାବୁ ପ୍ରଭୃତି ପୋଲିସ ବିଭାଗର କର୍ତ୍ତା ହୋଇଥିଲେ ମଧ୍ୟ ନିରୁପାୟ ହୋଇ ଭୟଭୀତ ହୋଇଥିବା ଛୋଟ ଶିଶୁଟି ଭଳି, ବସିଲେ । ଗଗନବାବୁଙ୍କ ଭିତରଟା କାନ୍ଦି ଉଠୁଥାଏ, ଆଖି ଆଗରେ ନାଚି ଯାଉଥାଏ ତାଙ୍କ ସ୍ତ୍ରୀ, ପିଲାଛିଆମାନଙ୍କର ମୁଖ । ଶ୍ରୀବତ୍ସବାବୁ, ଜେଲରବାବୁଙ୍କ ଅବସ୍ଥା ତ ଗ୍ଲତ ।

ତା'ପରେ ସେହି ଲୋକ ଗଗନବାବୁଙ୍କ ପାଖରୁ ଉତ୍ତର ପାଇବା ଆଶାରେ କର୍କଶ ସ୍ୱରରେ ପଚାରିଲା, ତୁମେ ଏ ଦଳକୁ ଧରିବାପାଇଁ

ଏବଂ ଏ ଦଳର ଅନିଷ୍ଟ କରିବାପାଇଁ ଯଥାସାଧ୍ୟ ଚେଷ୍ଟା କରିଛ କିନ୍ତୁ ଏଇକ୍ଷଣି ତୁମେ ପଡ଼ିଛ ସେହି ଡକାୟତ ଦଳ କବଳରେ । ବର୍ତ୍ତମାନ ଆମଠାରୁ କ'ଣ ଚାହଁ ?

ଗଗନବାବୁ ଟିକିଏ ନୀରବ ରହି ଉତ୍ତର ଦେଲେ—ତୁମର ଦଳ ଚତୁର ପଣିଆରେ ପୋଲିସକୁ ଜିତିଛି । ଆମେ ଚାହୁଁ ମୁକ୍ତି ।

ଗଗନବାବୁଙ୍କ କଥା ଶୁଣି ସେହି ଲୋକଟି ଠୋ ଠୋ ହୋଇ ହସି ଉତ୍ତର ଦେଲା—ଜୀବନକୁ ଏତେ ଡର ? ଆଚ୍ଛା, ଏହି ମୁହୂର୍ତ୍ତରେ ଯଦି ତୁମକୁ ଛାଡ଼ି ଦିଆଯାଏ, ତାହାହେଲେ କାଲି ସକାଳୁ ଆମକୁ ସବୁ ଜୀବନରେ ରଖିବ ତ ? ବର୍ତ୍ତମାନ ମରଣ ମୁଖରେ ରହି ହୁଏତ କିଛି ଅନିଷ୍ଟ ନ କରିବାପାଇଁ କହିବ, କିନ୍ତୁ ମୁକ୍ତ ହେଲା ପରେ ? ତୁମ ପ୍ରତି ଏ ଦଳର ଅନ୍ତରରେ ପ୍ରତିଶୋଧର ନିଆଁ ଜଳୁଛି, ଏଇ ମୁହୂର୍ତ୍ତରେ ଯଦି ମୁଁ ଟିକିଏ ଇସାରା ଦେବି, ତାହାହେଲେ ତୁମମାନଙ୍କର ଗଣ୍ଡି ସଙ୍ଗରୁ ମୁଣ୍ଡ ଛିଣ୍ଡିଯିବ । କହୋ ଜେଲରବାବୁ, ମୋତେ ଚିହ୍ନି ପାରୁଛ ? ମୁଁ ସେହି ବିପ୍ରଚରଣ । ତୁମେ ସେଦିନ ମୋ ପ୍ରତି ଅଜାଣତରେ ଯେଉଁ ଭଦ୍ରତା ଦେଖାଇଛ, ସେଥିପାଇଁ ତୁମ ପ୍ରତି ପ୍ରତିଶୋଧ ନେବାକୁ ମନ ବଳୁନାହିଁ । ତୁମର ବା ଦୋଷ କ'ଣ ।

ଗଗନବାବୁ ପ୍ରଭୃତି ନୀରବରେ ତଳକୁ ମୁହଁ ପୋତି ବସି ରହିଥାନ୍ତି । ଉକ୍ତ ଭଦ୍ରଲୋକଟି ସେହି ଘରେ ବୁଲୁଥିବା ଜଣକୁ ଆଦେଶ ଦେଲେ, ମହେନ୍ଦ୍ରବାବୁ ପ୍ରଭୃତିଙ୍କୁ ଏଠିକୁ ନେଇ ଆସ ।

ଲୋକଟି ସଙ୍ଗେ ସଙ୍ଗେ ଆଦେଶ ପାଇ ମହେନ୍ଦ୍ରବାବୁ, ପ୍ରିୟନାଥବାବୁ ଓ ସୁରେଶବାବୁଙ୍କୁ ଆଣି ସେ ଘରେ ପହଞ୍ଚିଲା । ମହେନ୍ଦ୍ର

ବାବୁ ପ୍ରଭୃତି ଏ ଘରେ ଗଗନବାବୁଙ୍କୁ ଦେଖି ଅବାକ ହୋଇ ଠିଆ ହୋଇ ରହିଲେ ।

ସେହି ଲୋକଟି ମହେନ୍ଦ୍ରବାବୁଙ୍କ ଆଡ଼େ ଚାହିଁ କହିଲେ, କ'ଣ ଦେଖୁଛ ? ଚିହ୍ନି ପାରୁ ନାହିଁ ? ତୁମର ହାକମ ପୋଲିସ୍ ଆସିବେ ।

ଗଗନବାବୁ ଟିକିଏ ମାତ୍ର ମହେନ୍ଦ୍ରବାବୁଙ୍କ ଆଡ଼େ ଚାହିଁ ନୀରବ ରହିଲେ । ତାଙ୍କର ମୁଖରେ ଭାଷା ନାହିଁ ।

ହଠାତ୍ ସେ କୋଠରୀକୁ ମାଳୀଟି ପଶି ଆସି ବସିଥିବା ଲୋକଟିକୁ ଜଣାଇଲା—ସର୍ଦ୍ଦାରଜୀ, ଠିକ ବେଳ ହୋଇ ଯାଇଛି ।

ସର୍ଦ୍ଦାରଜୀ ଘଣ୍ଟାକୁ ଅନାଇଲେ ବାରଟା ବାଜିବ, ତେଣୁ ତରତର ହୋଇ ଚେୟାରରୁ ଉଠିପଡ଼ି ଗଗନବାବୁ ପ୍ରଭୃତି ସେହି ଘରେ ଥିବା ଛ'ଜଣଙ୍କୁ ଅଦେଶ ଦେଲେ—ମୋର ପଛେ ପଛେ ଆସନ୍ତୁ ।

ଗଗନବାବୁ ପ୍ରଭୃତି ନିରୁପାୟ ହୋଇ ତାଙ୍କ ପଛେ ପଛେ ଚାଲିଥିଲେ ମଧ୍ୟ ନିଶ୍ଚିତ କରି ଭାବି ନେଇଥିଲେ ଯେ ବର୍ତ୍ତମାନ ସେମାନଙ୍କୁ ହତ୍ୟା କରାଯିବ ।

ଗୋଟିଏ କୋଠରୀ ପାର ହୋଇ ଅନ୍ୟ କୋଠରୀରେ ସମସ୍ତେ ପହଞ୍ଚିଲେ । ସେହି କୋଠରୀରେ ଗୋଟିଏ ସୁନ୍ଦର ଗାଲିଚା ବିଛା ହୋଇଥିଲା । ସର୍ଦ୍ଦାରଜୀଙ୍କର ନିର୍ଦ୍ଦେଶରେ ଜଣେ ଲୋକ ସେହି ଗାଲିଚାଟି ଉଠାଇ ଦେବାକ୍ଷଣି, ସର୍ଦ୍ଦାରଜୀ ଚୋଟିଏ ଛୋଟ ଲୁହାକୁ ଗୋଡରେ ଖୁବ ଜୋରରେ ଚାପି ଦେଲେ । ସଙ୍ଗେ ସଙ୍ଗେ ସେହି

ଗାଲିଚା ତଳେ ଥିବା ସୁଦୃଢ ପଥର ଚଟାଣ ଦୁଇଭାଗ ହୋଇ ଦୁଇ ପାଖକୁ ଅପସରି ଗଲା । ତା' ତଳକୁ ତଳ ପାହାଚ ।

ଗଗନବାବୁ ପ୍ରଭୃତି ପ୍ରାଣ ଭୟରେ ଥରୁଥିଲେ ସୁଦ୍ଧା ସେହି କୌଶଳପୂର୍ଣ୍ଣ କାମ ସେମାନଙ୍କ ମନରେ ଆହୁରି ଦ୍ୱିଗୁଣ ଭୟ ଜନ୍ମାଇଲା ।

ସର୍ଦ୍ଦାରଜୀ ପାହାଚକୁ ପାହାଚ ତଳକୁ ଓହ୍ଲାଇଲେ । ଗଗନବାବୁ ପ୍ରଭୃତି ନିରୀହ ଛେଳିକୁ ଅର୍ଗଳି କାଠକୁ ନେଲାପରି ଥରି ଥରି ପଦରେ ତଳକୁ ଓହ୍ଲାଇଲେ ।

ତା' ସାତଟି ପାହାଚ ପରେ ସୁନ୍ଦର କୋଠରୀଟିଏ । ଧୁଆଁ, ଚନ୍ଦନ ଫୁଲ ଗନ୍ଧରେ ସେ ଘର ମହକି ଉଠୁଛି । ସର୍ଦ୍ଦାରଜୀ ଗଗନବାବୁଙ୍କ ଉଦ୍ଦେଶ୍ୟରେ ସମ୍ମୁଖକୁ ହସ୍ତ ନିର୍ଦ୍ଦେଶ କରି କହିଲେ—ଏ ଦଳର ଅଧିଷ୍ଠାତ୍ରୀ କାଳୀ ମା'ଙ୍କୁ ନମସ୍କାର କର ।

ଗଗନବାବୁ ପ୍ରଭୃତି ଆଗକୁ ଚାହିଁ ଚମକି ପଡ଼ିଲେ । ସମ୍ମୁଖରେ କିଛି ଦୂରରେ ମୁଣ୍ଡମାଳଶୋଭିତା ଖଡ୍‌ଗଧାରିଣୀ କାଳୀ ମୂର୍ତ୍ତି । ବେକରେ ମନ୍ଦାର ଫୁଲର ହାର, ଲହଲହ ଜିହ୍ୱାରୁ ସତେ ଯେପରି ରକ୍ତ ଝରି ପଡୁଛି । ତାଙ୍କ ସମ୍ମୁଖରେ ପୂଜକ ହିସାବରେ ଜଣେ ଅତି କ୍ଷୀଣକାୟ ବୃଦ୍ଧ । ହସ୍ତରେ ମନ୍ଦାର ଫୁଲ, ବେଲପତ୍ର ଧରି ପୂଜାରେ ମଗ୍ନ । ସମସ୍ତେ ଭାବିନେଲେ ଏହି ବୋଧହୁଏ ସ୍ୱାମୀବାବା ।

ସମସ୍ତଙ୍କର ସେହି ଜୀବନ୍ତଭଳି କାଳୀ ମୂର୍ତ୍ତି ଦର୍ଶନ କରି ଆଶଙ୍କା ଭୟରେ ଛାତି ଥରୁଥିଲେ ସୁଦ୍ଧା ସର୍ଦ୍ଦାରଜୀଙ୍କ ଆଦେଶ ମାନି ମୁଣ୍ଡ ତଳେ ଲଗାଇ ନମସ୍କାର କଲେ । ତା'ପରେ ସର୍ଦ୍ଦାରଜୀ ଆଦେଶ କଲେ—ସମସ୍ତେ ଏହି ଗାଲିଚାରେ ବସ । ଆଜି ଅମାବାସ୍ୟା

ସତ ଏବଂ ସ୍ୱାମୀବାବାଙ୍କର ଶେଷ ଦିନ । ମା'ଙ୍କ ଆଗରେ ଆଉ ଟିକିଏ ପରେ ନରବଳି ଦିଆଯିବ ।

ଗଗନବାବୁ ପ୍ରଭୃତି ନରବଳି କଥା ଶୁଣି ସେମାନଙ୍କୁ ଲାଗୁଥିଲା ସତେ ଯେପରି ତାଙ୍କ ପିଣ୍ଡରୁ ପ୍ରାଣବାୟୁ ଆପେ କିଛିକ୍ଷଣ ପରେ ଉଡ଼ିଯିବ । ସର୍ଦ୍ଦାରଙ୍କ କହିବା ମୁତାବକ ସେମାନେ ଗାଲିଚା ଉପରେ ବସି ରହିଲେ ।

ହଠାତ୍ କିଛିସମୟ ପରେ ସ୍ୱାମୀବାବାଙ୍କର ଧ୍ୟାନ ଭଗ୍ନ ହେଲା । ସର୍ଦ୍ଦାରଙ୍କ ଇସାରାରେ ସେ ଘରେ ପ୍ରାୟ ୩୦ ଜଣ ଲୋକ ଲୁଣ୍ଡ ହୋଇଗଲେ । ଜଣେ ସ୍ୱାସ୍ଥ୍ୟକାୟ ପୁରୁଷ ଅର୍ଗଳି ପାଖରେ ଠିଆହୋଇ ସିନ୍ଦୁର ମଖାହୋଇ ରଖା ହୋଇଥିବା ବିରାଟ କଟାରିକୁ ହସ୍ତରେ ଟେକି ଧରିଲା । ଏସବୁ କୋଠରୀଟି ନିଶବ୍ଦ । ଭୟ ଓ ଦୁଃଖରେ ଗଗନବାବୁ ପ୍ରଭୃତିଙ୍କର ଛାତି ଉଠୁଥିଲା ପଡ଼ୁଥିଲା ।

ପଲକମାତ୍ରକେ ଦୁଇଜଣ ପୁରୁଷ ଜଣେ ସ୍ତ୍ରୀଲୋକଙ୍କୁ ଶୂନ୍ୟ ଶୂନ୍ୟ ଟେକି ସେହି ଅର୍ଗଳି ପାଖକୁ ଘେନି ଆସିଲେ । ସ୍ତ୍ରୀଲୋକଟି ସୁନ୍ଦରୀ, ବୋଧହୁଏ ବାଳିକା ହେବ । ଛଟପଟ ହୋଇ ଚିତ୍କାର କରୁଥାଏ । କିଏ ଶୁଣିବ ସେ ଚିତ୍କାର !

ଗଗନବାବୁ ପ୍ରଭୃତିଙ୍କର ପୋଲିସ ଅନ୍ତର ନେଇ ସେହି ନିରୀହ ବାଳିକାଟିକୁ ଉଦ୍ଧାର କରିବାକୁ ମନ ଛଟପଟ ହେଉଥିଲେ ମଧ୍ୟ ଆଉ ଉପାୟ ନାହିଁ । ତାଙ୍କ ପାଖରେ ଜଣେ ପିସ୍ତଲ ଧରି ଜଗି ରହିଛି, ଯଦି ପାଟି ତୁଣ୍ଡ କରି, ସ୍ୱାମୀବାବାଙ୍କ ପୂଜାରେ ବାଧା ବିଘ୍ନ ଘଟାଅ, ତାହାହେଲେ ସମସ୍ତଙ୍କୁ ମାରି ଦିଆଯିବ ।

ସେହି ବାଲକାଟିକୁ ଟେକି ଆଣି ତାର ବେକକୁ ଅଗଳି ଭିତରେ ପୁରାଇ ଦିଆଗଲା । ବାଳକଟି ଶେଷ ମୁହୂର୍ତ୍ତରେ ଅଜ୍ଞାନ ହୋଇ ଯାଇଥିଲେ ବି ଗୋଡ଼ ଓ ହାତ ପାଖରୁ ଦୁ'ଜଣ ଲୋକ ଖୁବ୍ ଜୋରରେ ମାଡ଼ି ଧରିଥିଲେ ।

ପ୍ରାୟ ପାଞ୍ଚମିନିଟ କାଳ ସ୍ୱାମୀବାବା ମନ୍ତ୍ର ପାଠ କରି ସେହି ବାଲକାଟି ଉପରେ ମନ୍ଦାର ଫୁଲ ଦେଇ ଧ୍ୟାନମଗ୍ନ ହେଲେ । ଖଡ୍ଗ ଉତ୍ତୋଳନ କରି ଠିଆ ହୋଇଥିବା ଘାତକ ସ୍ୱାମିବାବାଙ୍କ ଇସାରାକୁ ଚାହିଁ ରହିଲା ।

ଗଗନବାବୁ ପ୍ରଭୃତିଙ୍କ ହାତ ଆଗ ଅପେକ୍ଷା ଅନେକ ଗୁଣରେ ଉଠୁଥାଏ ପଡ଼ୁଥାଏ ।

ସ୍ୱାମୀବାବା ଧ୍ୟାନ ଭଗ୍ନ ହୋଇ ବେଲପତ୍ର ସେହି ବାଳକାଟିର ଉପରକୁ ପକାଇ ଦେବା ସଙ୍ଗେ ସଙ୍ଗେ ଶୁଭିଲା ବିକଟ କରୁଣ ଚିତ୍କାର ।

ଗଗନବାବୁ ଓ ଶ୍ରୀବତ୍ସବାବୁ ପ୍ରଭୃତି ସେହି ହୃଦୟ ବିଦାରଣ କରୁଣ ଦୃଶ୍ୟ ଆଉ ଦେଖିପାରିଲେ ନାହିଁ । ଆଖି ଆପେ ଆପେ ବୁଜି ହୋଇଗଲା ।

ତା'ପଛକୁ ଚାହାର କଇଁ କଇଁ କାନ୍ଦଣା ଶବ୍ଦ ଶୁଣି ଗଗନବାବୁ ପ୍ରଭୃତି ଅନାଇ ଦେଲେ ଆଉ ଜଣେ ଯୁବତୀକୁ ମାଲତୀ ଧରି ଧରି ଆଣୁଛି । ମହେନ୍ଦ୍ରବାବୁ ସେହିଆଡ଼କୁ ଦୃଷ୍ଟି ପକାଇଲାକ୍ଷଣି ଉଦ୍‌ଗ୍ରୀବଃ ହୋଇ ଚିତ୍କାର କରି ଉଠିଲେ—ଏ କିଏ ନୈନା! ତାକୁ ମାର ନାହିଁ, ତାକୁ ମାର ନାହିଁ ।

ନୈନା ବି ମହେନ୍ଦ୍ରବାବୁଙ୍କ ସ୍ୱର ଶୁଣି ଚିତ୍କାର କରି ଉଠିଲା, ମୋତେ ରକ୍ଷାକର । ରକ୍ଷାକର ।

ସ୍ୱାମୀବାବା ଏହି ଗୋଳମାଳରେ ପଛକୁ ଟିକିଏ ବକ୍ର ଦୃଷ୍ଟି ପକାଇ ଗୁଡ଼ଦେବାଙ୍କୁ ଇଙ୍ଗିତ ଦେଲେ ଏବଂ ଆଶୀର୍ବାଦ କଲା ଭଳି ଉପରକୁ ହାତ ଉଠାଇଲେ, ବୋଧହୁଏ ତାଙ୍କ ଦଳ ପ୍ରତି ଏ ଆଶୀର୍ବାଦ । ତା'ପରେ ସ୍ୱାମୀବାବା ଧ୍ୟାନମଗ୍ନ ହେଲେ ।

ସ୍ୱାମୀବାବା ଧ୍ୟାନମଗ୍ନ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କ ଆଖିରେ ଲୁହ ଭରିଗଲା । କି ଅଶ୍ଚର୍ଯ୍ୟର କଥା, କାହିଁକି ଏମାନେ କାନ୍ଦୁଛନ୍ତି ! ଗଗନବାବୁ ପ୍ରଭୃତିଙ୍କର ବିସ୍ମୟରେ ସୀମା ରହିଲା ନାହିଁ । ଏଥି-ମଧ୍ୟରେ ଝୁନ୍ନୁ ଗୋଟାଏ ହୋହଟରେ ଆସି ମହେନ୍ଦ୍ରବାବୁଙ୍କ ପାଖରେ ମୂର୍ଚ୍ଛା ହୋଇ ପଡ଼ିଗଲାଣି ।

ସର୍ଦ୍ଦାରଜୀ କେତେବେଳକେ ଆଖିରୁ ଲୁହ ପୋଛି ଗଗନ-ବାବୁଙ୍କ ଉଦ୍ଦେଶ୍ୟରେ କହିଲେ---ସ୍ୱାମୀବାବାଙ୍କର ଆଜି ଶେଷଦିନ । ଅନେକଦିନ ଆଗରୁ ଆମ୍ଭମାନଙ୍କୁ ସେ ତାଙ୍କର ମରଣର ଦିନ ଜଣାଇ ଦେଇଥିଲେ । ସେ ବର୍ତ୍ତମାନ ଧ୍ୟାନରେ ବସିଲେ, ଆଉ ଉଠିବେ ନାହିଁ । ଆଗରେ ସେହି କୁଣ୍ଡରେ ସ୍ୱାମୀବାବାଙ୍କର ପବିତ୍ର ଶରୀର ବର୍ତ୍ତମାନ ଭସ୍ମ କରି ଦିଆଯିବ ।

ଗଗନବାବୁ ପ୍ରଭୃତି ନିଜ ନିଜର ଭବିଷ୍ୟତ କଥା ଭାବି ଭାବି ନୀରବ ।

ସର୍ଦ୍ଦାରଜୀ ପୁଣି କହିବାକୁ ଲାଗିଲେ---ତୁମର ଆଜି ବଡ ସୌଭାଗ୍ୟ । ଇଚ୍ଛା କରିଥିଲେ ତୁମକୁ ବି ସେହି ଅଗ୍ନି ଭିତରେ ପୁରାଇ ଜାଳି ଦିଆ ଯାଇଥାନ୍ତା, କିନ୍ତୁ ଆଉ ତୁମ୍ଭମାନଙ୍କୁ ମାରି ଲାଭ କ'ଣ ! ସ୍ୱାମୀବାବାଙ୍କର ନିୟମ ଥିଲା ତାଙ୍କ ପରେ ଏ ଦଳକୁ ଭାଙ୍ଗି ଦେବାକୁ । ଏହି ମୁହୂର୍ତ୍ତରେ ଏ ଦଳ ଭାଙ୍ଗିଗଲା । ସ୍ୱାଧୀନ ପାହିଲାବେଳକୁ ଏ ଦଳର କେହି ଜଣେ ହେଲେ ଲୋକ ଏଠି

ନ ଥିବେ ! ଏ ବିପୁଳ ସମ୍ପତ୍ତି—ଏ କୋଠାବାଡ଼ି କେବଳ ପଡ଼ି ରହିଥିବ । ଏ କୋଠାବାଡ଼ି ମୋର । କିନ୍ତୁ ମୋର ନାମ ଜାଣି ତମର କିଛି ଲାଭ ନାହିଁ । ଯେଉଁ ନାମ ଫାଟକରେ ଲେଖା ଯାଇଛି, ସେହି ନାମରେ ମୁଁ ଏଠି ପରିଚିତ । ମୁଁ ସ୍ୱାମୀବାବାଙ୍କର ଶିଷ୍ୟ ।

ଏତେବେଳେ ଗଗନବାବୁ ସାହାସ ବାନ୍ଧି କହିଲେ—ମୋ ଦ୍ୱାରା କ'ଣ ଆଉ ଉପକାର ହୋଇ ପାରିବ ?

ସର୍ଦ୍ଦାରଜୀ କହିଲେ—ଉପକାର ଆଉ ଲୋଡ଼ା ନାହିଁ କିନ୍ତୁ ମୋର ଗୋଟିଏ କଥା ମନେ ରଖିବେ । ମୁଁ ଆଜି ତମର ଜୀବନ, ତମର ପିଲା ଛୁଆଙ୍କ ପାଇଁ ଦାନ କରୁଛି, ତୁମେ ସେହି ଉପକାରର ପ୍ରତି ବଦଳରେ ଏ ଘରେ ଥିବା ବିପୁଳ ସମ୍ପତ୍ତି, ଏ କୋଠାବାଡ଼ି ବିକରି ପ୍ରଚୁର ଧନ କେତେକ ସତ ଅନୁଷ୍ଠାନକୁ ଦାନ କରିବେ । ମୁଁ ତମକୁ ସେ କ୍ଷମତା ଦେଇ ଯାଉଛି । ଏହା କହି ପକେଟରେ ଥିବା ଖଣ୍ଡେ କାଗଜ ଗଗନବାବୁଙ୍କ ହାତକୁ ବଢ଼ାଇ ଦେଲେ ।

ଗଗନବାବୁ ଖୁସିହୋଇ କହିଲେ—ଧନ୍ୟବାଦ ! ତୁମେ ଏ ଦଳକୁ ଭାଙ୍ଗିଦେଇଥିବା ସୁଖର କଥା । ଏଥର ତୁମେ ନିଶ୍ଚିନ୍ତରେ ଲୋକ ସେବା କର, ତୁମର କିଛି ଅନିଷ୍ଟ ହେବ ନାହିଁ ।

ସର୍ଦ୍ଦାରଜୀ କ୍ଷୀଣ ହସି କହିଲେ—କେଉଁ ବିଶ୍ୱାସରେ ସେ କଥା ଆଉ ହେବ ? ମୁଁ ଅନେକ କିଛି କରିଛି, ଆଉ ମୋର କିଛି ଆଶା ବା ଆକାଂକ୍ଷା ନାହିଁ । ହଁ, ଗୋଟାଏ କଥା କହିବାକୁ ଭୁଲି ଯାଇଥିଲି, ମୋତେ ଆଉ ଅକାରଣ ଖୋଜି ସମୟ ନଷ୍ଟ କରିବେ ନାହିଁ । ଦୁନିଆରେ ମୋର କେହି ନାହିଁ, ମୋର ସନ୍ଧାନ ବି କେହି ପାଇ ପାରିବେ ନାହିଁ ।

ତା'ପରେ ସର୍ଦ୍ଦାରଜୀ ମହେନ୍ଦ୍ରବାବୁଙ୍କ ଉଦ୍ଦେଶ୍ୟରେ କହିଲେ, ତୁମେ ଧନେ ଏ ଦଳର ସର୍ବନାଶ କରିଛ, ତୁମର ସର୍ବନାଶ କରିବାକୁ କିଏ କାହିଁକି ପଛେଇନ୍ତା, କିନ୍ତୁ ଶେଷ ବେଳରେ ଛାଡ଼ି ଦିଆଗଲା । ତୁମେ ତୁମର ସ୍ତ୍ରୀଙ୍କୁ ଗ୍ରହଣ କର । ମୋ କଥାରେ ବିଶ୍ୱାସ କର, ଏ ଦଳ ନୃତ୍ୟକୁ ହରଣଚାଲି କରି ଆଣିଥିଲେ ବି ତାଙ୍କ ଦେହକୁ ଧନେହେଲେ କୌଣସି ପୁରୁଷ ମୋର ଆଦେଶରେ ଛୁଇଁ ନାହିଁ । ସେ ସତୀ । କିଛି ଭାବ ନାହିଁ ।

ହଠାତ ଗୋଳମାଳରେ ସେ ଘର ପୂରି ଉଠିଲା । ସମସ୍ତେ ଅନାଇଁ ଦେଖିଲେ, ସ୍ୱାମୀବାବା ଠେଲି ପଡ଼ିଛନ୍ତି । ଏହି ମୁହୂର୍ତ୍ତିକ ଭିତରେ ସେହି କାଳୀ ମୂର୍ତ୍ତି କେଉଁଆଡେ ଅନ୍ତର୍ଦ୍ଧାନ ହୋଇ ଯାଇଛି । କି ଆଶ୍ଚର୍ଯ୍ୟ । ସ୍ୱାମୀବାବାଙ୍କର କି ଅଲୌକିକ ଶକ୍ତି !

ସର୍ଦ୍ଦାରଜୀ ଆଖିରୁ ଲୁହ ପୋଛି ସ୍ୱାମୀବାବାଙ୍କୁ ଶୀଘ୍ର ଚନ୍ଦନକାଠ, ଘିଅରେ ସେହି ଘର ଭିତରେ ଥିବା କୁଣ୍ଡରେ ସଂସ୍କାର କରିବାପାଇଁ ଆଦେଶ ଦେଲେ ।

ମହେନ୍ଦ୍ରବାବୁଙ୍କ ହାତର ପରୁଶ ବାଜି ନୃତ୍ୟର ସେତେବେଳକୁ ଚେତନା ଆସିଥିଲା । ସର୍ଦ୍ଦାରଜୀ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି ବ୍ୟଥା ଭରା ସ୍ୱରରେ କହିଲେ—ସବୁ ଶେଷ ହୋଇଛି, ଏଥର ଚାଲନ୍ତୁ ।

ସର୍ଦ୍ଦାରଜୀ ପାହାଚ ଦେଇ ଉପରକୁ ଚାଲିଲେ । ଗଗନବାବୁ ପ୍ରଭୃତି ତାଙ୍କ ପଛେ ପଛେ । ସର୍ଦ୍ଦାରଜୀ ଅନ୍ୟ ଗୋଟିଏ କୋଠରୀକୁ ନେଇଯାଇ କହିଲେ-•ଏ ଦଳର ରହିଯାଇଥିବା ଅବଶିଷ୍ଟ ଲୋକଙ୍କର ନିରାପଦରା ପାଇଁ ତୁମ୍ଭମାନଙ୍କୁ ଆଜି ଏ ଘରେ ଶୋଇବାକୁ ହେବ । କେହି କିଛି ଭାବ ନାହିଁ, ଏହି ସୁନ୍ଦର ଗାଲିଚା ଉପରେ ଶୋଇ ଯା

ସେହୁ ସୁ-ସଜ୍ଜିତ ଲମ୍ବା ଗାଲିଚୁପସ୍ତ କୋଠରୀରେ ଟୁନ୍ନି ଗୋଟାଏ ପାଖକୁ ଶୋଇଗଲା, ଅନ୍ୟମାନେ ଟିକିଏ ଗୁଡ଼ି ଗୁଞ୍ଜି ଶୋଇ ରହିଲେ ।

ସର୍ଦ୍ଦାରଜୀ ଘଣ୍ଟାକୁ ଅନାଇ ବ୍ୟସ୍ତ ହୋଇ ଉଠିଲେ, ଆଉ ମୋଟେ ଦେଢ଼ ଘଣ୍ଟା ସମୟ ବାକି ।

ତା'ପରେ ସେ ଜଣେ ଲୋକକୁ ତାଙ୍କର ଡାକ୍ତରୀ ବାକ୍ସ-ଗୁଞ୍ଜରୁ ଆଣିବାକୁ କହିଲେ । ଲୋକଟି ବାକ୍ସ ଆଣିବା ସଙ୍ଗେ ସଙ୍ଗେ ସର୍ଦ୍ଦାରଜୀ ବାକ୍ସ ଫିଟାଇ ଇଞ୍ଜେକ୍‌ସନ ସିରିଞ୍ଜରେ କଣ ଔଷଧ ପୂରାଇ ଗଗନବାବୁଙ୍କ ପାଖରେ ଠିଆ ହୋଇ କହିଲେ, ବିଶ୍ୱାସ କରନ୍ତୁ କିଛି ଅନିଷ୍ଟ ହେବନାହିଁ । ମୋତେ ବାଧ୍ୟହୋଇ ଇନ୍‌ଜେକ୍‌ସନ ଆପଣମାନଙ୍କୁ ଦେବାକୁ ପଡ଼ିବ ।

ଟୁନ୍ନି ସହିତ ଆଉ ପାଞ୍ଚ ଜଣଙ୍କୁ ଇନ୍‌ଜେକ୍‌ସନ ଦିଆ ସରିଲା । ତାପରେ ସର୍ଦ୍ଦାରଜୀ ସମସ୍ତଙ୍କୁ କହିଲେ—ଏ ଘରେ ଥିବା ବିପୁଳ ସମ୍ପତ୍ତି, ଅସ୍ତ୍ର ଶସ୍ତ୍ର ଆପଣଙ୍କୁ ଲାଗିଲା । ସେଗୁଡ଼ିକ ଯେପରି ସତ୍ ଉଦ୍ଦେଶ୍ୟରେ ଖର୍ଚ୍ଚ ହୁଏ । ଯିଏ ଜୀବନ ଦାନ କରିଛି, ତା ବଦଳରେ ଆପଣମାନଙ୍କର ବିବେକରେ ...

...ଉଚିତ ନୁହେଁ ? ମଠର ଖଣ...

ଜୀବନ...